ବର୍ଷ-୨୪, ସଂଖ୍ୟା-୩୦୧
ଭୁବନେଶ୍ୱର
୦୫ ଡିସେମ୍ବର, ୨୦୨୪ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 301
Bhubaneswar
05 December, 2024 Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଅଫିସର ହେବାକୁ
ଚାହୁଁଥିଲେ
ରାଶି ଖାନ୍ନା



# ପୁରୀରେ ପରାକ୍ରମ ଦେଖାଇଲେ ନୌବୀର









**ପୁରୀ,୪।୧୨(ମହାଭାରତ):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ପୁରୀ ବେଳାଭୂମିରେ ନୌସେନା ଦିବସ ସମାରୋହରେ ଯୋଗ ଦେବା ସହିତ ଭାରତୀୟ ନୌସେନା ଦ୍ୱାରା ଆୟୋଜିତ ସମରକୌଶଳ ପ୍ରଦର୍ଶନ ଦେଖିଛନ୍ତି। ବ୍ଲୁ ଫ୍ଲାଗ ବିଚ୍‌ରେ ନୌସେନାର ପରାକ୍ରମ ଦେଖିଛି ସାରା ବିଶ୍ୱ। ଜଳ, ସ୍ଥଳ ଓ ଗଗନରେ ଦମ ଦେଖାଇଛନ୍ତି ଭାରତର ନୌବୀର। ରାଷ୍ଟ୍ରପତିଙ୍କ ଦ୍ୱାରା ଉଦଘାଟନ ପରେ ନୌସେନାର ନୌବୀରମାନେ ୪ ଟ୍ୟାଙ୍କ, ୧୫ ଯୁଦ୍ଧ ଜାହାଜ, ୩୦ ହେଲିକପ୍ଟର, ୧୦ ଯୁଦ୍ଧ ବିମାନ୍ ଓ ଗୋଟିଏ ବୁଡ଼ାଜାହାଜ ସହ ଯୁଦ୍ଧ କୌଶଳ ପ୍ରଦର୍ଶନ କରିଛନ୍ତି। ପ୍ରଥମ ଥର ପାଇଁ ଓଡ଼ିଶାରେ ନୌସେନା ଦିବସ ଆୟୋଜନ ହୋଇଥିବାରୁ ଲୋକଙ୍କ ଭିତରେ ଖୁବ୍ ଉତ୍ସାହ ଦେଖିବାକୁ ମିଳିଥିଲା।

ଏହି ଅବସରରେ ଅଭିଭାଷଣ ପ୍ରଦାନ କରି ରାଷ୍ଟ୍ରପତି ନୌସେନା ଦିବସ ଅବସରରେ ଭାରତୀୟ ନୌସେନାର ସମସ୍ତ ଯବାନଙ୍କୁ



ଶୁଭେଚ୍ଛା ଜଣାଇଥିଲେ। ସେ କହିଥିଲେ, ଆଜିର ଦିବସରେ ଆମେ ୧୯୭୧ ଯୁଦ୍ଧରେ ଆମର ଗୌରବମୟ ବିଜୟର ସ୍ମୃତିକୁ ପାଳନ କରୁଛୁ ଏବଂ ମାତୃଭୂମିର ରକ୍ଷା ପାଇଁ ନୌସେନା କର୍ମଚାରୀଙ୍କ ନିଃସ୍ୱାର୍ଥପର ସେବା ଏବଂ ସର୍ବୋଚ୍ଚ ବଳିଦାନକୁ ସ୍ମରଣ କରୁଛୁ। ଭାରତୀୟ ନୌସେନାର ସମସ୍ତ ଯବାନଙ୍କ ନିକଟରେ ଭାରତ କୃତଜ୍ଞ ଏବଂ ସମ୍ମାନ ଓ ସାହସର ସହ ଦେଶ ସେବା କରିଥିବାରୁ ପ୍ରତ୍ୟେକ ଭାରତୀୟ ସେମାନଙ୍କୁ ଆଜି ଅଭିନନ୍ଦନ ଜଣାଉଛନ୍ତି। ରାଷ୍ଟ୍ରପତି କହିଥିଲେ ଯେ ଭାରତର ଭୌଗଳିକ ସ୍ଥିତି ଆମକୁ ଏକ ମହାନ ସାମୁଦ୍ରିକ ରାଷ୍ଟ୍ର ହେବା ପାଇଁ ଆବଶ୍ୟକ ସମସ୍ତ ଉପାଦାନ ପ୍ରଦାନ କରିଛି। ସୁଦୀର୍ଘ ସମୁଦ୍ର କୂଳ, ଦ୍ୱୀପାଞ୍ଚଳ, ସମୁଦ୍ରରେ ଯାତ୍ରା କରୁଥିବା ଜନସଂଖ୍ୟା ଏବଂ ବିକଶିତ ସାମୁଦ୍ରିକ ଭିତ୍ତିଭୂମି ୫,୦୦୦ ବର୍ଷ ପୂର୍ବରୁ ଭାରତର ଉପକୂଳ ଏବଂ ସାମୁଦ୍ରିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିଥିଲା। ଏକ ସମୃଦ୍ଧ ସାମୁଦ୍ରିକ ଐତିହ୍ୟ ଓ ଇତିହାସର ସ୍ମୃତିକୁ ବହନ କରିବା ଏବଂ ସମ୍ଭାବନାପୂର୍ଣ୍ଣ ଭବିଷ୍ୟତର ଆଶା ନେଇ ଆଗକୁ ବଢ଼ିବା ସହିତ ଭାରତ ଏକ ଦୃଢ଼ ସାମୁଦ୍ରିକ ରାଷ୍ଟ୍ର ପାଲଟିଛି। ଆମର ସୌଭାଗ୍ୟ, ଗୌରବ ଏବଂ ପରିଚୟ ସାଗର ଦ୍ୱାରା ପରିଭାଷିତ ହୋଇଥାଏ। ୨୦୪୭ ସୁଦ୍ଧା ଆମକୁ ବିକଶିତ ଭାରତରେ ପରିଣତ କରିବା ପାଇଁ ଭାରତୀୟ ନୌସେନା ସାମୁଦ୍ରିକ ନିରାପତ୍ତା ସୁନିଶ୍ଚିତ କରିବା ଜାରି ରଖିବ ବୋଲି ସେ ଦୃଢ଼ ବିଶ୍ୱାସ ବ୍ୟକ୍ତ କରିଥିଲେ। ନାରୀ ଶକ୍ତିକୁ ଉପଯୁକ୍ତ ଅଭିବୃଦ୍ଧିର ସୁଯୋଗ ପ୍ରଦାନ କରିବାରେ ନୌସେନାର ଅଗ୍ରଣୀ ପ୍ରୟାସକୁ ରାଷ୍ଟ୍ରପତି ପ୍ରଶଂସା କରିଥିଲେ। ସେ କହିଥିଲେ ଯେ ପ୍ରଥମ ସେନା ବିଭାଗ ରୂପେ ନୌସେନା ମହିଳା ଅଗ୍ନିବୀରମାନଙ୍କୁ ସାମିଲ କରିଥିଲା। ଦୁଇ ଜଣ ମହିଳା ନୌସେନା ଅଧିକାରୀ ଲେଫ୍ଟନାଣ୍ଟ କମାଣ୍ଡର ଦିଲନା କେ ଏବଂ ଲେଫ୍ଟନାଣ୍ଟ କମାଣ୍ଡର ରୂପା ନାଭିକ ସାଗର ପରିକ୍ରମା-୨ର ଅଂଶବିଶେଷ ଭାବରେ ଆଇଏନଏସଭି ତାରିଣୀରେ ବିଶ୍ୱ ପରିକ୍ରମା କରି ଏହି ନୂଆ। ପରିବର୍ତ୍ତିତ ଧାରାର ସର୍ବୋତ୍ତମ ଉଦାହରଣ ପ୍ରଦାନ କରିଛନ୍ତି। ସମାରୋହରେ ରାଷ୍ଟ୍ରପତିଙ୍କ ବ୍ୟତୀତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଓ ପ୍ରଭାତୀ ପରିଡ଼ାଙ୍କ ସହ ରାଜ୍ୟ ସରକାରଙ୍କ ମନ୍ତ୍ରିମଣ୍ଡଳ, ସାଂସଦ, ବିଧାୟକ, ବରିଷ୍ଠ ଅଧିକାରୀ, ଗଜପତି ମହାରାଜ ଦିବ୍ୟସିଂହଦେବ ଓ ନୌସେନା ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହା ପୂର୍ବରୁ ରାଷ୍ଟ୍ରପତିଙ୍କୁ ନୌସେନା ପକ୍ଷରୁ ଗାର୍ଡଅଫ ଅନର ପ୍ରଦାନ କରାଯାଇଥିଲା ।

## ବିଦ୍ୟୁତ୍ କମ୍ପାନୀ ଉପରେ ୬,୫୮୭ କୋଟି ବକେୟା

**ଭୁବନେଶ୍ୱର,୪।୧୨(ମହଭାରତ):** ରାଜ୍ୟର ଚାରୋଟି ବିଦ୍ୟୁତ ବିତରଣ କମ୍ପାନୀ (ଡିସକମ୍) ଉପରେ ଓଡ଼ିଶା ସରକାରଙ୍କ ୬,୫୮୭ କୋଟି ଟଙ୍କା ବକେୟା ରହିଛି। ବୁଧବାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବିଧାନସଭାରେ ଏହି ସୂଚନା ଦେଇଛନ୍ତି।

ଶକ୍ତି ବିଭାଗର ମନ୍ତ୍ରୀ ଭାବେ ସିଂ ଦେଓ ସୂଚନା ଦେଇଛନ୍ତି ଯେ, ଏହି ଚାରୋଟି କମ୍ପାନୀ ମଧ୍ୟରେ ସିଇଏସୟୁ(ସେସୁ) ସର୍ବାଧିକ ୨,୬୫୧ କୋଟି ଟଙ୍କା ବକେୟା ରଖିଛି। ଯେତେବେଳେ କି ନେସ୍କୋ ଉପରେ ୯୫୧ କୋଟି, ୱେସ୍କୋ ଉପରେ ୧,୬୭୭ କୋଟି ଏବଂ ସାଉଥକୋ ଉପରେ ୧,୩୦୦ କୋଟି ଟଙ୍କା ବକେୟା ରହିଛି।

## ମାନିଲେ ସିନ୍ଦେ, ମୁଖ୍ୟମନ୍ତ୍ରୀ ହେବେ ଫଡ଼ନବିସ

**ମୁମ୍ବାଇ,୪।୧୨(ଏଜେନ୍ସି):** ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଫଳାଫଳ ଘୋଷଣାର ୧୧ ଦିନ ପରେ ମୁଖ୍ୟମନ୍ତ୍ରୀ କିଏ ହେବେ ତାହା ଭାରତୀୟ ଜନତା ପାର୍ଟି ପକ୍ଷରୁ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। ଭାରତୀୟ ଜନତା ପାର୍ଟିର ଦେବେନ୍ଦ୍ର ଫଡ଼ନାବିସ ମୁଖ୍ୟମନ୍ତ୍ରୀ ହେବେ। ଆଜି ବସିଥିବା ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ପାର୍ଟିର ନେତାମାନେ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ତାଙ୍କର ଦୁଇ ଉପମୁଖ୍ୟମନ୍ତ୍ରୀ ହେବେ ଶିବସେବାର ଏକନାଥ ସିନ୍ଦେ ଓ ଏନସିପିର ଅଜିତ ପାୱାର।



ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ମୁମ୍ବାଇର ଆଜାଦ ମଇଦାନରେ ଅପରାହ୍ନ ୫ ଘଣ୍ଟା ସମୟରେ ଶପଥ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି।

ଶପଥଗ୍ରହଣ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉପସ୍ଥିତ ରହିବେ ବୋଲି ମହାରାଷ୍ଟ୍ର ବିଜେପି ସଭାପତି ଚନ୍ଦ୍ରଶେଖର ବାବନକୁଳ ଘୋଷଣା କରିଛନ୍ତି।ଏ ନେଇ ଉଭୟ ଦିଲ୍ଲୀ ଓ ମୁମ୍ବାଇରେ ଦଳକୁ ଅନେକ କସରତ କରିବାକୁ ପଡ଼ିଛି। ବିଦାୟୀ ମୁଖ୍ୟମନ୍ତ୍ରୀ ତଥା ଶିବସେନା ନେତା ଏକନାଥ ସିନ୍ଦେ ପୁଣି ଥରେ ମୁଖ୍ୟମନ୍ତ୍ରୀ ହେବାକୁ ଅଡ଼ି ବସିବାରୁ ନୂଆ ସରକାର ଗଠନ ବିଳମ୍ବିତ ହୋଇଥିଲେ। ଶେଷରେ ନୂଆ ସରକାରରେ ଉପମୁଖ୍ୟମନ୍ତ୍ରୀ ହେବାକୁ ସିନ୍ଦେ ରାଜି ହେବା ପରେ ଆଜି ମହାରାଷ୍ଟ୍ର ବିଜେପିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସି ଦେବେନ୍ଦ୍ର ଫଡ଼ନାବିସ ରାଜ୍ୟର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବେ ବୋଲି ଘୋଷଣା କରାଯାଇଛି। ସେ ଆଜି ରାଜ୍ୟପାଳଙ୍କୁ ଭେଟି ନୂଆ ସରକାର ଗଠନ କରିବାକୁ ଦାବି ଉପସ୍ଥାପନ କରିଛନ୍ତି। ତେବେ ଏକନାଥ ସିନ୍ଦେଙ୍କୁ ନେଇ ସସପେନ୍ସ ଜାରି ରହିଥିଲା। ଫଡନବିସ ମୁଖ୍ୟମନ୍ତ୍ରୀ ହେଲେ ସିନ୍ଦେଙ୍କୁ ଉପମୁଖ୍ୟମନ୍ତ୍ରୀ ପଦ ମିଳିପାରେ ବୋଲି ଚର୍ଚ୍ଚା ହେଉଥିଲା। ଏହା ଉପରୁ ମଧ୍ୟ ପରଦା ଉଠିଛି। ସିନ୍ଦେ ଉପମୁଖ୍ୟମନ୍ତ୍ରୀ ହେବା ସ୍ପଷ୍ଟ ହୋଇଛି। ପ୍ରଥମରୁ ସେ ମନା କରିଆସୁଥିଲେ। କିନ୍ତୁ ଫଡନବିସ ତାଙ୍କୁ ବାରମ୍ବାର ଅନୁରୋଧ କରିବା ପରେ ସେ ରାଜି ହୋଇଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି।

## ଅଳ୍ପକେ ବର୍ତ୍ତିଲେ ସୁଖବୀର ସିଂ ବାଦଲ

**ଚଣ୍ଡିଗଡ଼,୪।୧୨(ମହାଭାରତ):** ପଞ୍ଜାବର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ସୁଖବୀର ସିଂହ ବାଦଲ ଗୁଳିମାଡ଼ରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଗୁଳିମାଡ଼ କରିଥିବା ଆକ୍ରମଣକାରୀ ନାରାୟଣ ସିଂହକୁ ଗିରଫ କରିନେଇଛି ପୁଲିସ। ସେ ଜଫରବାଲ ଗ୍ରୁପ ଓ ବାବର ଖାଲସା ଆତଙ୍କବାଦୀ ସଂଗଠନ ସହ ଜଡିତ ଥିବା କୁହାଯାଉଛି। ତେବେ ଶିରୋମଣି ଅକାଳୀ ଦଳର ନେତା ସୁଖବୀର ସିଂ ବାଦଲ ଏହି ଆକ୍ରମଣରୁ ଅଳ୍ପକେ ରକ୍ଷା ପାଇଛନ୍ତି।ପଞ୍ଜାବରେ ଶିରୋମଣି ଅକାଳୀ ସରକାର ସମୟରେ ଏକ ଧାର୍ମିକ ଅପବିତ୍ରୀକରଣ ମାମଲାରେ ଅକାଲ ତଖତଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଛନ୍ତି ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସୁଖବୀର ସିଂହ ବାଦଲ।

## ଆଳୁ ପରେ ପିଆଜ ତାତି

**ଭୁବନେଶ୍ୱର,୪।୧୨(ମହାଭାରତ) :** ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ପିଆଜ ଉତ୍ପାଦନ ହେଉଥିଲେ ମଧ୍ୟ ଦର ଆକାଶଛୁଆଁ ହୋଇଛି। ବର୍ତ୍ତମାନ ପିଆଜ କିଲୋ ୬୦ରୁ ୭୦ ଟଙ୍କା ହୋଇଥିବା ନେଇ ଆଜି ବିଧାନସଭାରେ ସରକାରୀ ତଥା ବିରୋଧି ଦଳର ସଦସ୍ୟ ମାନେ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ହେଲେ ରାଜ୍ୟ ବିଧାନସଭାରେ ମନ୍ତ୍ରୀ ଯେଉଁ ତଥ୍ୟ ରଖିଛନ୍ତି, ତାହା ସରକାର ଉପରେ ପ୍ରଶ୍ନ ଚିହ୍ନ ଠିଆ କରିଛି। ରାଜ୍ୟରେ ଲୋକଙ୍କ ଆବଶ୍ୟକତାଠୁ ଅଧିକ ପିଆଜ ଉତ୍ପାଦନ ହେଉଛି, ହେଲେ ତା ସତ୍ତ୍ୱେ ବି ପିଆଜ ଦର ବଜାରରେ ୭୦ ଉପରେ ବିକ୍ରି ହେବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି।



ରାଜ୍ୟରେ ୨୦୨୩-୨୪ ବର୍ଷ ପାଇଁ ବାର୍ଷିକ ହାରାହାରି ୩.୭୫ ଲକ୍ଷ ମେଟ୍ରିକ ଟନ୍ ପିଆଜର ଆବଶ୍ୟକତା ରହିଥିବାବେଳେ, ରାଜ୍ୟରେ ୪.୨୦ ଲକ୍ଷ ମେଟ୍ରିକ ଟନ୍ ପିଆଜ ଉତ୍ପାଦନ ହେଇଥିଲା। ହେଲେ ତା ସତ୍ତ୍ୱେ ବି ଏବେ ବଜାରରେ ପିଆଜ ଦର ୭୦ ପାର୍ କରିଛି। ଆଜି ବିଧାନସଭାରେ ପ୍ରଶ୍ନୋତ୍ତର କାଳରେ ଏକ ପ୍ରଶ୍ନର ଉତ୍ତର ଦେଇ ଉପମୁଖ୍ୟମନ୍ତ୍ରୀ ତଥା କୃଷି ବିଭାଗ ଦାୟିତ୍ୱରେ ଥିବା କନକବର୍ଦ୍ଧନ ସିଂ ଦେଓ ଉତ୍ତର ଦେଇ କହିଥିଲେ ଯେ, ରାଜ୍ୟରେ ୨୦୨୩-୨୪ ବର୍ଷ ପାଇଁ ବାର୍ଷିକ ହାରାହାରି ୩.୭୫ ଲକ୍ଷ ମେଟ୍ରିକ ଟନ୍ ପିଆଜର ଆବଶ୍ୟକତା ରହିଥିବାବେଳେ, ରାଜ୍ୟରେ ୪.୨୦ ଲକ୍ଷ ମେଟ୍ରିକ ଟନ୍ ପିଆଜ ଉତ୍ପାଦନ ହୋଇଥିଲା। ହେଲେ ତା ସତ୍ତ୍ୱେ ବି ଏବେ ବଜାରରେ ପିଆଜ ଦର ୭୦ ପାର୍ କରିଛି।

ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ପ୍ରଶ୍ନର ଉତ୍ତର ଦେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ଯେ, ରାଜ୍ୟରେ ପିଆଜ ମିଶନ ଯୋଜନା କାର୍ଯ୍ୟକାରୀ ହୋଇନାହିଁ। ଏଥିପାଇଁ ରାଜ୍ୟ ରାଜକୋଷରୁ ମଧ୍ୟ କୌଣସି ଅର୍ଥ ବରାଦ କରାଯାଇନି। ତେବେ ବର୍ତ୍ତମାନ ମହାରାଷ୍ଟ୍ର, କର୍ଣ୍ଣାଟକ ଆଦି ଅଞ୍ଚଳରେ ପୁରୁଣା ପିଆଜର ଗଚ୍ଛିତ ପରିମାଣ ହ୍ରାସ ଆଉ ନୂଆ। ପିଆଜ ଅମଳରେ ବିଳମ୍ବ କାରଣରୁ ଦାମ ବୃଦ୍ଧି ପାଉଥିବା କୁହାଯାଉଛି।

## ୨୫ରେ ୪ର୍ଥ ପର୍ଯ୍ୟାୟ ସୁଭଦ୍ରା ସହାୟତା

**ଭୁବନେଶ୍ୱରତା, ୪।୧୨ (ମହାଭାରତ):** ମହିଳା ମାନଙ୍କୁ ଆର୍ଥିକ ସଶକ୍ତିକରଣ ଉଦ୍ଦେଶ୍ୟରେ କାର୍ଯ୍ୟକାରୀ ହୋଇଥିବା ମହତ୍ୱାକାଂକ୍ଷୀ 'ସୁଭଦ୍ରା' ଯୋଜନା ଅଧୀନରେ ତୃତୀୟ ପର୍ଯ୍ୟାୟ ସୁଦ୍ଧା ରାଜ୍ୟର ମୋଟ ୮୦ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ପ୍ରଥମ କିସ୍ତି ଅର୍ଥପ୍ରଦାନ କରାଯାଇ ସାରିଥିବା ବେଳେ ଆଗାମୀ ଡିସେମ୍ବର ୨୫ ତାରିଖରେ ୪ର୍ଥ ପର୍ଯ୍ୟାୟ ହିତାଧିକାରୀଙ୍କୁ ଅର୍ଥ ପ୍ରେରଣ କରାଯିବାକୁ ପ୍ରସ୍ତୁତି ଜାରି ରହିଛି । ଏଥିପାଇଁ ନୂଆ। ଆବେଦନ କାରୀଙ୍କ ସମେତ ଅଦ୍ୟାବଧି ସହାୟତା ପାଇ ପାରିନଥିବା ଦରଖାସ୍ତକାରୀଙ୍କ ଆବେଦନ ଯାଞ୍ଚପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଡିସେମ୍ବର ୧ ତାରିଖ ସୁଦ୍ଧା ସୁଭଦ୍ରାରେ ମୋଟ ୧କୋଟି ୫ଲକ୍ଷ ୩୬ହଜାର ୬୧୨ ଆବେଦନ ଗ୍ରହଣହୋଇଛି।

## ପ୍ରୋବା-୩ ମହାକାଶଯାନରେ ତ୍ରୁଟି

**ନୂଆଦିଲ୍ଲୀ,୪।୧୨:** ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ), ପ୍ରୋବା-୩ ମହାକାଶଯାନରେ ଦେଖାଦେଇଥିବା ଅନିୟମିତତା କାରଣରୁ ପିଏସଏଲଭି-ସି୫୯ର ଉତକ୍ଷେପଣକୁ ଗୁରୁବାର ପର୍ଯ୍ୟନ୍ତ ଘୁଞ୍ଚାଇ ଦେଇଛି। ବୁଧବାର ଅପରାହ୍ନ ୪ଟା ୮ ମିନିଟରେ ଏହାର ଉତକ୍ଷେପଣ ପାଇଁ ସ୍ଥିର କରାଯାଇଥିଲା। ପ୍ରୋବା-୩ ମହାକାଶଯାନ ପିଏସଏଲଭି-ସି୫୯/ପ୍ରୋବା-୩ ଉତକ୍ଷେପଣରେ ଅନିୟମିତତା ଦେଖାଦେବାରୁ ଆସନ୍ତାକାଲି ଅପରାହ୍ନ ୪ଟା ୧୨ରେ ଉତକ୍ଷେପଣ କରାଯିବ ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି। ପିଏସଏଲଭି-ସି୫୯ ହେଉଛି ଇସ୍ରୋ ଏବଂ ନ୍ୟୁସ୍ପେସ ଇଣ୍ଡିଆ। ଲିମିଟେଡର ମିଳିତ ଉଦ୍ୟମ।

## ୭ ସୂତାକଳରେ ତାଲା ପଡ଼ିଛି: ମନ୍ତ୍ରୀ

**ଭୁବନେଶ୍ୱର, ୪।୧୨ (ମହାଭାରତ) :** ଆଜି ବିଧାନସଭାରେ ଉଠିଛି ନକଲି ସମ୍ବଲପୁରୀ ଶାଢ଼ି ପ୍ରସଙ୍ଗ। ଏହି ପ୍ରସଙ୍ଗ ଉଠାଇଛନ୍ତି ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ। ସେ କହିଛନ୍ତି, ସମ୍ବଲପୁରୀ ଶାଢ଼ୀ ବଜାରରେ କପି ରାଇଟ ଉଲ୍ଲଘନ ହୋଇ ବ୍ୟାପକ ଭାବେ ନକଲି ଶାଢ଼ୀ ବଜାରରେ ପ୍ରବେଶ କରିଛି। ଏହାଦ୍ୱାରା ହସ୍ତତନ୍ତ ଶାଢ଼ୀ ବିକ୍ରିର ମାନ୍ଦା ଅବସ୍ଥା ସୃଷ୍ଟି ହୋଇ ବୁଣାକାରମାନେ ହାତବାନ୍ଧି ବସିଥିବା ଅଭିଯୋଗ ଆସିଛି। ତାହା ସରକାରଙ୍କୁ ଦୃଷ୍ଟି ଗୋଚର ହେବା ନିହାତି ଆବଶ୍ୟକ। ଆଉ ଯେଉଁମାନେ ଏହି କାମ କରୁଛନ୍ତି ସେମାନଙ୍କ ପ୍ରତି ସରକାର କଣ ପଦକ୍ଷେପ ନେଇଛନ୍ତି ବୋଲି ପ୍ରଶ୍ନ କରିଥିଲେ।

ହସ୍ତତନ୍ତ ଓ ବୟନ ଶିଳ୍ପମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଛନ୍ତି, ଏହାର ସବୁ ତଥ୍ୟ ସରକାରଙ୍କ ପାଖରେ ରହିଛି। ନକଲି ସମ୍ବଲପୁରୀ ଶାଢ଼ୀ ବିକ୍ରି କରୁଥିବା ବ୍ୟବସାୟୀଙ୍କ ନାଁ ରେ କେସ କରିବା ସହ କୋର୍ଟ ଦ୍ୱାରା ସମନ କରାଯାଇଛି। ଏଥିସହ ରାଜ୍ୟରେ ବର୍ତ୍ତମାନ କୌଣସି ବି ସୂତାକଳ କାର୍ଯ୍ୟକ୍ଷମ ନାହିଁ। ପୂର୍ବରୁ ରାଜ୍ୟରେ ୭ଟି ସୂତାକଳ ଥିବା ବେଳେ ବର୍ତ୍ତମାନ ସେ ସବୁ ବନ୍ଦ ହୋଇ ପଡ଼ିଛି। ରାଜ୍ୟର ସମସ୍ତ ସୂତାକଳ ବର୍ତ୍ତମାନ ଅଚଳାବସ୍ଥାରେ ପଡ଼ିରହିଥିବାରୁ ଶ୍ରମିକମାନେ କାର୍ଯ୍ୟରତ ନାହାନ୍ତି। ଓଡ଼ିଶାରେ ୧ ଲକ୍ଷ ୨୫ ହଜାର ୧୬୦ ଜଣ ହସ୍ତତନ୍ତ ବୁଣାକାର ଓ ୪ ହଜାର ୬୨୪ ଜଣ କଳତନ୍ତ ବୁଣାକାର ଅଛନ୍ତି। ଅଚଳାବସ୍ଥାରେ ଥିବା ସୂତାକଳଗୁଡ଼ିକରେ ଘରୋଇକରଣ ପାଇଁ ପ୍ରକ୍ରିୟା ଜାରି ରହିଛି। ଏଥିପାଇଁ ବିଦେଶୀ ପୁଞ୍ଜିପତିମାନଙ୍କୁ ନିମନ୍ତ୍ରଣ କରିବା ସହ ପୁନରୁଦ୍ଧାର କରିବା ପାଇଁ କେତେ ଅର୍ଥର ଆବଶ୍ୟକ ଅଛି, ତାହାର ଆକଳନ କରାଯାଇ ନାହିଁ।

# ଦେଶ ବିଦେଶରେ ବଢୁଛି ଯୋଗ ଓ ଆୟୁର୍ବେଦ ଚାହିଦା

**ପୁରୀ,୪।୧୨(ମହାଭାରତ):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ପୁରୀଠାରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ୭୫ତମ ବାର୍ଷିକ ଉତ୍ସବରେ ଯୋଗ ଦେଇଛନ୍ତି। ଏହି ଅବସରରେ ରାଷ୍ଟ୍ରପତି କହିଥିଲେ ଯେ, ଯୋଗମୁକ୍ତ ହୋଇ ରୋଗମୁକ୍ତ ହୋଇପାରିବା। ଦେଶ ବିଦେଶରେ ଯୋଗ ଓ ଆୟୁର୍ବେଦ ଶିଖିବାକୁ ଇଚ୍ଛା କରୁଛନ୍ତି। ଆଦିବାସୀ ଲୋକମାନେ ପ୍ରାଚୀନ କାଳରୁ ଚେରମୂଳି ଏବଂ ଏହାର ଔଷଧୀୟ ଉପକାରିତା ବିଷୟରେ ଜାଣିଛନ୍ତି। କିନ୍ତୁ ଏହି ପାରମ୍ପରିକ ଜ୍ଞାନ ଏବେ ଧିରେ ଧିରେ ଲୋପ ପାଇବାରେ ଲାଗିଛି। ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି ଚିକିତ୍ସା ପଦ୍ଧତିର ବୈଜ୍ଞାନିକ ଭିତ୍ତିଭୂମି ଅନୁସନ୍ଧାନ କରିବେ ବୋଲି ସେ ଆଶା ବ୍ୟକ୍ତ କରିଥିଲେ। ଏହି ଅବସରରେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପୁରୀ ସାଂସଦ ସମ୍ବିତ ପାତ୍ର ଉପସ୍ଥିତ ରହିଥିଲେ। ଜଗନ୍ନାଥଙ୍କୁ ଦର୍ଶନ ପରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ୭୫ ତମ ବାର୍ଷିକ ଉତ୍ସବରେ ଉଦବୋଧନ ଦେଇ ରାଷ୍ଟ୍ରପତି କହିଥିଲେ ଯେ, ବର୍ତ୍ତମାନ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ସମୟ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ମେସିନ୍ ଲର୍ଣ୍ଣିଂ, କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଏବଂ ଥ୍ରୀ-ଡି ପ୍ରିଣ୍ଟିଂ ଭଳି ଟେକ୍ନୋଲୋଜି ଉଭୟ ଅଧ୍ୟୟନ ଓ ବିକାଶରେ ସହାୟକ ହେଉଛି। ଆମକୁ ବର୍ତ୍ତମାନର ଆବଶ୍ୟକତାକୁ ଚିହ୍ନିବାକୁ ହେବ ଏବଂ ଭବିଷ୍ୟତ ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ହେବ। କିନ୍ତୁ ଆମର ଅତୀତକୁ ନ ଜାଣି ଆମେ ବର୍ତ୍ତମାନକୁ ବୁଝିପାରିବା ନାହିଁ କି ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରିପାରିବା ନାହିଁ। ଆମର ଗୌରବମୟ ଅତୀତ ବିଷୟରେ ଆମେ ସଚେତନ ହେବା ଉଚିତ। ଭାରତରେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜ୍ୟୋତିର୍ବିଜ୍ଞାନ, ଜ୍ୟୋତିଷ ଶାସ୍ତ୍ର, ଔଷଧ, ଗଣିତ ଓ ସ୍ଥାପତ୍ୟ କ୍ଷେତ୍ରରେ ସମୃଦ୍ଧ ପରମ୍ପରା ରହିଛି। ଆର୍ଯ୍ୟଭଟ୍ଟ, ବ୍ରହ୍ମଗୁପ୍ତ, ବରାହମିହିର ଓ ଭାସ୍କରାଚାର୍ଯ୍ୟଙ୍କ ଭଳି ବୈଜ୍ଞାନିକମାନେ ଦେଶର ବିଜ୍ଞାନ କ୍ଷେତ୍ରକୁ ସମୃଦ୍ଧ କରିଛନ୍ତି। ସେହିପରି ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଚରକ ଓ ସୁଶ୍ରୁତଙ୍କ ଅବଦାନ ଉଲ୍ଲେଖନୀୟ।



୧୯୪୯ ମସିହାରେ ଏକ ଆୟୁର୍ବେଦିକ ବିଦ୍ୟାପୀଠ ଭାବେ ଏହି ଗଢି ଉଠିଥିଲା ଅନୁଷ୍ଠାନ। ଆଜି ଏହା ଏକ ଆଦର୍ଶ ମହାବିଦ୍ୟାଳୟ ଭାବେ ସୁନାମ ହାସଲ କରିଛି। ୧୯୭୨ ମସିହାରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ରୂପାନ୍ତରିତ ହୋଇ ପୂର୍ବ ଭାରତରେ ଏକ ଅଗ୍ରଣୀ ଆୟୁର୍ବେଦ ଅନୁଷ୍ଠାନ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ରାଜ୍ୟ ଓ ରାଜ୍ୟ ବାହାର ବିଦେଶ ରୋଗୀ ଏଠାରୁ ଆୟୁର୍ବେଦ ଚିକିତ୍ସାର ଲାଭ ପାଉଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁଦାନ ଦିଆଯାଉଛି। ଆମ ଝିଅ କଳାଠୁ ବିଜ୍ଞାନ, ସେନାରୁ ନେଇ ଆରକ୍ଷାବାହିନୀ ବିଭିନ୍ନ କ୍ଷେତ୍ରରେ ଆମର ଗୌରବ ବଢାଇଛନ୍ତି।

ରାଷ୍ଟ୍ରପତି କହିଥିଲେ ଯେ ପାରମ୍ପରିକ ଭାରତୀୟ ଚିକିତ୍ସା ପଦ୍ଧତି ନିରାକରଣ ଏବଂ ଚିକିତ୍ସାକୁ ସମାନ ଗୁରୁତ୍ୱ ଦେଇଥାଏ। ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଡାକ୍ତର ଭାବେ କାର୍ଯ୍ୟ କରିବା ସହ ଆୟୁର୍ବେଦ କ୍ଷେତ୍ରରେ ଅସ୍ପର୍ଶ ହୋଇ ରହିଥିବା ଦିଗ ଉପରେ ଗବେଷଣା କରିବେ ବୋଲି ସେ ବିଶ୍ୱାସ ବ୍ୟକ୍ତ କରିଥିଲେ। ସେ କହିଥିଲେ ଯେ ଗବେଷଣା ଏହି ପ୍ରାଚୀନ ଚିକିତ୍ସା ପଦ୍ଧତିର ପ୍ରାମାଣିକତାକୁ ଦୃଢ଼ ଭାବେ ପ୍ରତିଷ୍ଠା କରିବ ଏବଂ ସମଗ୍ର ବିଶ୍ୱରେ ଏହାର ସ୍ୱୀକୃତି ବୃଦ୍ଧି କରିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସର୍ବପ୍ରଥମେ ପବିତ୍ର ମାଟିରୁ ଜଗତର ନାଥ ପ୍ରଭୁ ଜଗନ୍ନାଥଙ୍କ ପାଦପଦ୍ମରେ ପ୍ରଣିପାତ କରିଥିଲେ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ୭୫ତମ ବାର୍ଷିକ ଉତ୍ସବ ଅବସରରେ ଆପଣମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଏହି ଅବସରରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ପ୍ରତିଷ୍ଠାତା ପଣ୍ଡିତ ଲିଙ୍ଗରାଜ ମିଶ୍ରଙ୍କୁ ପ୍ରଣାମ ଜଣାଉଛି।ବିଶେଷ କରି, କଲେଜର ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଏହା ଏକ ଅତ୍ୟନ୍ତ ଆନନ୍ଦ ଓ ଖୁସିର ମୂହୂର୍ତ୍ତ। ଦେଶର ପ୍ରଥମ ନାଗରିକ ମହାମହିମ ରାଷ୍ଟ୍ରପତି ତଥା ଆମ ରାଜ୍ୟର ପ୍ରଥମ ନାଗରିକ ରାଜ୍ୟପାଳଙ୍କ ଉପସ୍ଥିତି ଆପଣମାନଙ୍କ ଏବଂ ଆମ ସମସ୍ତଙ୍କର ଗହଣରେ ଉପସ୍ଥିତ ରହି ଏହି ଉତ୍ସବର ଶୋଭା ଏବଂ ବିଭବତାକୁ ଦ୍ୱିଗୁଣିତ କରିଛି। ଯେ କୌଣସି ଶିକ୍ଷାନୁଷ୍ଠାନ ପାଇଁ ଏହା ନିଶ୍ଚିତ ଭାବେ ଏକ ଅପୂର୍ବ ସଂଯୋଗ। ଏହି ସମାରୋହ ନିଶ୍ଚୟ ଆପଣଙ୍କ ସାରା ଜୀବନ ପାଇଁ ଏକ ସୁଖଦ ଅନୁଭୂତି ହୋଇ ରହିବ, ଏଥିରେ ସନ୍ଦେହ ନାହିଁ।୧୯୪୯ ମସିହାରେ ଏକ ଆୟୁର୍ବେଦିକ ବିଦ୍ୟାପୀଠ ଭାବେ ଏହି ଅନୁଷ୍ଠାନ ଗଢି ଉଠିଥିଲା। ଆଜି ଏକ ଆଦର୍ଶ ମହାବିଦ୍ୟାଳୟ ଭାବରେ ଏହି ଅନୁଷ୍ଠାନ ଦେଶର ଏକ ମଡେଲ ଇନଷ୍ଟିଚ୍ୟୁଡ ଭାବେ ସୁନାମ ହାସଲ କରିଛି। ଆୟୁର୍ବେଦରେ ଉଚ୍ଚ ଶିକ୍ଷା ପାଇଁ ଏହା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆକର୍ଷଣର ଏକ କେନ୍ଦ୍ର ହୋଇପାରିଛି। ଏହି ଅନୁଷ୍ଠାନର ଅନେକ ଛାତ୍ର ଛାତ୍ରୀ ଆଜି ଆୟୁର୍ବେଦ ବିଶେଷଜ୍ଞ ଭାବେ ସାରା ରାଜ୍ୟ ଓ ଦେଶରେ ପ୍ରସିଦ୍ଧି ଅର୍ଜନ କରି ପାରିଛନ୍ତି। ଏହା ଜାଣିବାକୁ ହେଲେ ଆମକୁ ବହୁତ ଦୂର ଯିବାକୁ ପଡିବ ନାହିଁ । ପ୍ରଭୁ ଜଗନ୍ନାଥଙ୍କ ନୀତିକାନ୍ତିକୁ ଅଧ୍ୟୟନ କଲେ ଆମେ ଏହାକୁ ଜାଣିପାରିବା। ଦେବସ୍ନାନ ପୂର୍ଣ୍ଣିମା ପରେ ତିନି ଠାକୁର ଜ୍ୱରରେ ପୀଡିତ ହୋଇଥାନ୍ତି। ତେଣୁ ଆୟୁର୍ବେଦ ରୀତି-ନୀତି ଭାବେ ଜୀଉମାନଙ୍କର ଉପଚାର କରାଯାଇଥାଏ। ଚିକିତ୍ସା ସହିତ ବିଶେଷ ପ୍ରକାର ପଥି ମଧ୍ୟ ଲାଗି କରାଯାଏ। ଆୟୁର୍ବେଦର କରାମତି ଆମେ ସମସ୍ତେ ରାମାୟଣରୁ ଜାଣିଛୁ। ଯେତେବେଳେ ଲକ୍ଷ୍ମଣ ରଣାଙ୍ଗନରେ ମୂର୍ଚ୍ଛିତ ଅବସ୍ଥାରେ ଥିଲେ ହିମାଳୟର ବିଶଲ୍ୟକରଣୀ ତାଙ୍କୁ ସୁସ୍ଥ କରାଇଥିଲା। ଏପରି, ଅନେକ ଉଦାହରଣ ଆମ ଧର୍ମଶାସ୍ତ୍ରରେ ଉଲ୍ଲିଖିତ ଅଛି।

## ଆଳୁ ପୁରି’

**ଆବଶ୍ୟକ ସାମଗ୍ରୀ :** ଅଟା, ଆଳୁ, କଟାକଂଚାଲଙ୍କା, ଅଳ୍ପ ହଳଦୀ, ଲାଲ୍ ଲଙ୍କାଗୁଣ୍ଡ, ତେଲ, ଲୁଣ, ଜୁଆଣୀ ଓ କସ୍ତୁରୀ ମେଥି।

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥମେ ଅଟା ସହ ଲୁଣ ମିଶାଇ ଛଲୁଣୀରେ ଚଲାଇ ନିଅନ୍ତୁ। ଏଥିରେ ଜୁଆଣୀ ଓ କସ୍ତୁରୀ ମେଥି ମିଶାଇ ଅଳ୍ପ ଅଳ୍ପ ପାଣି ଦେଇ ଭଲଭାବେ ଦଳିଦିଅନ୍ତୁ। ଏହାକୁ ଏକ ଦୋକନାରେ ଅଧଘଂଟା ଘୋଡ଼ାଇ ରଖନ୍ତୁ। ଏବେ ଆଳୁକୁ ସିଝାଇ, ଚୋପା ଛଡ଼ାଇ କଟା ଲଙ୍କା, ତେଲ, ଲୁଣ, ହଳଦୀ ଓ ଲାଲ୍ ଲଙ୍କାଗୁଣ୍ଡ ମିଶାଇ ଭଲକରି ଚକଟି ଦିଅନ୍ତୁ। ଏବେ ଦଳା ହୋଇଥିବା ଅଟାରୁ ଛୋଟ ଛୋଟ ଗୁଳା ପ୍ରସ୍ତୁତ କରନ୍ତୁ ଓ ଏଗୁଡ଼ିକୁ ପୁରି ପରି ବେଲନ୍ତୁ। ଏବେ ପୁରି ମଝିରେ ଆଳୁପୁର ରଖି ଚାରିପଟୁ ବନ୍ଦ କରି ଏହାକୁ ପୁଣି ଗୁଳା କରି ଆଉଥରେ ବେଲି ଦିଅନ୍ତୁ। ବର୍ତମାନ କଡ଼େଇରେ ତେଲ ଗରମ କରି ଏଗୁଡ଼ିକୁ ଛାଣିନ୍ତୁ। ବର୍ତମାନ ପ୍ରସ୍ତୁତ ହୋଇଗଲା ଗରମା ଗରମ ନଆଳୁ ପୁରି।



ଖବର

## ଆସିଲା ‘ବନବାସ’ ଟ୍ରେଲର




ନାନା ପାଟେକର ଓ ଉତ୍କର୍ଷ ଶର୍ମା ଅଭିନୀତ ଚଳଚ୍ଚିତ୍ର ‘ବନବାସ’ର ଟ୍ରେଲର ସୋମବାର ରିଲିଜ୍ ହୋଇଛି। ଏଥିରେ ନାନା ପାଟେକରଙ୍କ ଚରିତ୍ର ତାଙ୍କ ପରିବାର ସହ ବନାରସ ଆସୁଛି। ତାଙ୍କ ପରିବାର ତାଙ୍କୁ ସେଠାରେ ଏକୁଟିଆ ଛାଡ଼ି ଯାଉଛନ୍ତି। ଏଠାରେ ସେ ଉତ୍କର୍ଷଙ୍କ ଚରିତ୍ରକୁ ଭେଟୁଛନ୍ତି ଏବଂ ଉଭୟଙ୍କ ମଧ୍ୟରେ ଏକ ଭିଭ ସମ୍ପର୍କ ଗଢି ଉଠୁଛି। ଶେଷରେ ଉତ୍କର୍ଷଙ୍କ ଚରିତ୍ର ପ୍ରତିଶ୍ରୁତି ଦେଉଛି ଯେ ସେ ତାଙ୍କୁ ତାଙ୍କ ପିଲାମାନଙ୍କ ସହ ଭେଟ କରାଇଦେବ। କିନ୍ତୁ ଆଗକୁ ଏମିତି କିଛି ଘଟୁଛି କି, ନାନାଙ୍କ ଚରିତ୍ର ନିଜର ପିଣ୍ଡଦାନ କରୁଛି। ଟ୍ରେଲରରେ ଚଳଚ୍ଚିତ୍ର କାହାଣୀର ଯେଉଁ ଝଲକ୍ ଦେଖିବାକୁ ମିଳିଛି, ସେଥିରୁ ଜଣାପଡୁଛି ଯେ ଏହା ଏକ ଭାବପ୍ରବଣ କରିବା ଭଳି କାହାଣୀ। ଅନୀଲ ଶର୍ମାଙ୍କ ଦ୍ୱାରା ଲିଖିତ, ନିର୍ଦ୍ଦେଶିତ ଏବଂ ପ୍ରଯୋଜିତ ଏହି ଚଳଚ୍ଚିତ୍ର ଡିସେମ୍ବର ୨୦ରେ ମୁକ୍ତିଲାଭ କରିବ।

## ବୟସ ଅନୁଯାୟୀ ରକ୍ତଚାପ କେତେ ରହିବା ଜରୁରୀ ?

ର୍ବତମାନ ସମୟରେ ଉଚ୍ଚ ରକ୍ତଚାପ ସଭିଁଙ୍କ ପାଇଁ ସମସ୍ୟା ପାଲଟିଛି । ଉଚ୍ଚ ରକ୍ତଚାପ ସିଧାସଳଖ କୋଲେଷ୍ଟେରୋଲ୍ ଓ ହୃଦୟ ସହ ଜଡିତ । କୋଲେଷ୍ଟେରୋଲ୍ ବୃଦ୍ଧି ଓ ହୃଦୟ ସଠିକ୍ ଭାବେ କାମ ନକରିବା ଦ୍ୱାରା ପ୍ରଥମ ଲକ୍ଷଣ ଉଚ୍ଚ ରକ୍ତଚାପ ଭାବେ ଦେଖାଯାଏ । ତେଣୁ ବୟସ ଅନୁଯାୟୀ ରକ୍ତଚାପ କେତେ ରହିବା ଜରୁରୀ ତାହା ଜାଣିବା ନିତାନ୍ତ ଆବଶ୍ୟକ । କାରଣ ବୟସ ଅନୁଯାୟୀ ସଭିଁଙ୍କ ରକ୍ତଚାପ ଭିନ୍ନ ଭିନ୍ନ ହୋଇଥାଏ । ଜାଣନ୍ତୁ ୧୮ ବର୍ଷରୁ ଆରମ୍ଭ କରି ୬୦ ବର୍ଷ ପର୍ଯ୍ୟନ୍ତ ବୟସ ଅନୁଯାୟୀ କେତେ ରକ୍ତଚାପ ରହିବା ଦ୍ୱାରା ଶରୀର ସୁସ୍ଥ ରହିଥାଏ ।



୧୮-୩୯ ବର୍ଷ ଯୁବକଙ୍କ ୧୧୯/୭୦ ଓ ମହିଳାଙ୍କର ୧୧୦/୬୮ଏମଏମ ରକ୍ତଚାପ ରହିବା ସ୍ୱାସ୍ଥ୍ୟକର ବୋଲି କୁହାଯାଏ ।

୪୦-୫୬ ବର୍ଷ ବ୍ୟକ୍ତିଙ୍କର ୧୨୪/୭୭ ଓ ମହିଳାଙ୍କର ୧୨୨/୭୪ ରକ୍ତଚାପ ସ୍ୱାସ୍ଥ୍ୟକର ଅଟେ ।

ସେହିପରି ୬୦ ବର୍ଷ ଉର୍ଦ୍ଧ ବ୍ୟକ୍ତିଙ୍କର ୧୩୩/୬୯ ଓ ମହିଳାଙ୍କର ରକ୍ତଚାପ ୧୩୯/୬୮ ସଠିକ୍ ଅଟେ ।

ବୟସ ଅନୁଯାୟୀ ରକ୍ତଚାପ ଏତିକି ରହିବା ଦ୍ୱାରା ହୃଦୟ ସଠିକ୍ ଭାବେ କାର୍ଯ୍ୟ କରିଥାଏ।

ଦୀର୍ଘାୟୁ ଓ ସୁସ୍ଥ ଜୀବନ ପାଇଁ ୧୦୦/୭୦ ରକ୍ତଚାପ ରହିବା ଜରୁରୀ।

## ରୁପା ବାସନରେ ଖାଇଲେ ଶରୀରକୁ ମିଳିବ ଆଶ୍ଚର୍ଯ୍ୟଜନକ ଲାଭ

ରୁପାକୁ ସାଧାରଣତଃ ଲୋକେ ବିଭିନ୍ନ ଗହଣା ତିଆରି କରିବାରେ ବ୍ୟବହାର କରି ଥାଆନ୍ତି । ମାତ୍ର ରୁପାରୁ କେବଳ ଗହଣା ନୁହେଁ ବରଂ ବାସନ ମଧ୍ୟ ତିଆରି କରାଯାଏ ।ଏହା ମହଙ୍ଗା ହୋଇଥିବା କାରଣରୁ କମ୍ ଲୋକେ ଏହାକୁ ବ୍ୟବହାର କରି ଥାଆନ୍ତି । ମାତ୍ର ରୁପା ବାସନରେ ଖାଦ୍ୟ ସେବନ କରିବା କୌଣସି ବରଦାନରୁ କମ୍ ନୁହେଁ । ଆୟୁର୍ବେଦ ଅନୁଯାୟୀ, ରୁପାରେ ଆଣ୍ଟିସେପଟିକ୍, ଆଣ୍ଟି-ବ୍ୟାକ୍ଟେରିୟଲ ଭଳି ଅନେକ ଗୁଣ ରହିଛି ।ଫଳରେ ରୁପାର ବାସନରେ ଭୋଜନ କରିବା ଦ୍ୱାରା ସ୍ୱାସ୍ଥ୍ୟକୁ ଚମତ୍କାରୀ ଲାଭ ମିଳିଥାଏ ।ରୁପା ବାସନରେ ଭୋଜନ କରିବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ମଜଭୁତ ହୋଇଥାଏ । ଫଳରେ ସହଜରେ ରୋଗଗ୍ରସ୍ତ ହେବେ ନାହିଁ ଯ ନିରୋଗ ରହିବେ ।ରୁପା ବାସନରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଖାଦ୍ୟ ସୁରକ୍ଷିତ ରହିଥାଏ । ଏଥିରେ କୌଣସି ପ୍ରକାର ବ୍ୟାକ୍ଟେରିଆ ସୃଷ୍ଟି ହୋଇ ନଥାଏ ।ରୁପା ବାସନରେ ଭୋଜନ କରିବା ଦ୍ୱାରା ପାଚନ ତନ୍ତ୍ର ମଜଭୁତ ହୋଇଥାଏ। ଫଳରେ ଖାଦ୍ୟ ଭଲରେ ଓ ସହଜରେ ହଜମ ହୋଇଥାଏ ଯରୁପାର ଗୁଣ ଥଣ୍ଡା। ଏଥିରୁ ପ୍ରସ୍ତୁତ ବାସନରେ ଭୋଜନରେ କରିବା ଦ୍ୱାରା ଶରୀରକୁ ଥଣ୍ଡା ମିଳିଥାଏ । ରୁପା ବାସନରେ ଖାଦ୍ୟ ପ୍ରସ୍ତୁତ କରିବା ଦ୍ୱାରା ଶରୀର ଶାନ୍ତ ସହ ମସ୍ତିଷ୍କ ସୁସ୍ଥ ରହିଥାଏ ଯ ସ୍ମରଣ ଶକ୍ତି ବୃଦ୍ଧି ହୋଇଥାଏ । ରୁପାର ଟଙ୍କାକୁ କ୍ଷୀର କିମ୍ୱା ପାଣିରେ ଫୁଟାଇ କେବଳ ସେହି କ୍ଷୀର କିମ୍ୱା ପାଣିକୁ ପିଇବା ଦ୍ୱାରା ଶରୀରକୁ ଅଗଣିତ ଲାଭ ମିଳିଥାଏ ।ଏହି କ୍ଷୀର ଓ ପାଣିକୁ ପିଇବା ଦ୍ୱାରା ଶରୀରରେ ଶକ୍ତି ବୃଦ୍ଧି ହୋଇଥାଏ । ଶରୀରର ଥକ୍କାପଣ ଦୂର ହେବା ସହ ଦୁର୍ବଳ ଅନୁଭବ ହୋଇନଥାଏ ।ଏହି ବାସନରେ ଭୋଜନ କରିବା ଦ୍ୱାରା ହାଡ ଜନିତ ଅନେକ ରୋଗରୁ ମୁକ୍ତି ମିଳିଥାଏ ।



## ଜୀବନରେ ଥରେ ଏହି ୬ ବୃକ୍ଷର ପୂଜା କରିବା ଦରକାର

### କେବେ ହେବନି ଧନର ଅଭାବ

ଭଗବାନ ଶ୍ରୀକୃଷ୍ଣ ଏମିତି ୬ଟି ବୃକ୍ଷ ବିଷୟରେ କହିଛନ୍ତି ଯାହାର ପୂଜା କରିବା ଦ୍ୱାରା ବ୍ୟକ୍ତିର ଜୀବନରୁ ଦୁଃଖ, କଷ୍ଟ, ଦାରିଦ୍ର୍ୟତା, କ୍ଲେଶ ସବୁ ଦୁର ହୋଇଯାଇଥାଏ। ଆମ ହିନ୍ଦୁ ଧର୍ମରେ ବୃକ୍ଷ ମାନଙ୍କୁ ପୂଜନୀୟ କୁହାଯାଇଛି। ଶାସ୍ତ୍ର ଅନୁସାରେ ବୃକ୍ଷର ମଧ୍ୟ ଜୀବନ ରହିଛି। ଏହି ସୃଷ୍ଟିରେ ସର୍ବ ପ୍ରଥମ ବୃକ୍ଷ ମାନଙ୍କୁ ହିଁ ସ୍ଥାନ ମିଳିଥିଲା । ଏହା ପରେ ଜୀବଜନ୍ତୁଙ୍କ ଉତ୍ପତ୍ତି ହୋଇଥିଲା। ବୃକ୍ଷମାନେ ଆମର ପ୍ରକୃତ ସାଥୀ ହୋଇଥାନ୍ତି ।

ବୃକ୍ଷ ମାନଙ୍କୁ ଶାସ୍ତ୍ରରେ ବହୁତ ମହତ୍ୱ ଦିଆଯାଇଛି। ଗଛ ଆମ ପାଇଁ ସମ୍ମାନୀୟ ଏବଂ ପୂଜନୀୟ ହୋଇଥାଏ। କିନ୍ତୁ ଏମାନଙ୍କ ମଧ୍ୟରୁ କିଛି ବୃକ୍ଷ ଏମିତି ମଧ୍ୟ ରହିଛି ଯାହା ବିଶେଷ ମହତ୍ତ୍ୱ ରଖିଥାନ୍ତି ଏବଂ ମନୁଷ୍ୟ ଭଗବାନଙ୍କ ପରି ଏହି ବୃକ୍ଷ ମାନଙ୍କୁ ମଧ୍ୟ ପୂଜା କରିଥାଏ। ଆଜି ଆମେ ଆପଣଙ୍କୁ ଏମିତି କିଛି ବୃକ୍ଷ ବିଷୟରେ କହିବାକୁ ଯାଉଛୁ। ଯାହାର ବର୍ଣ୍ଣନା ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କରିଛନ୍ତି। ତେବେ ଚାଲନ୍ତୁ ଜାଣିବା ।



ତୁଳସୀ ଗଛ:- ପ୍ରତ୍ୟେକ ହିନ୍ଦୁ ଘରେ ପବିତ୍ର ତୁଳସୀ ଗଛ ଦେଖିବାକୁ ମିଳିଥାଏ। ତୁଳସୀ ଗଛକୁ ହିନ୍ଦୁ ଧର୍ମରେ ସବୁଠାରୁ ପବିତ୍ର ବୋଲି କୁହାଯାଇଥାଏ। ସେଥିପାଇଁ ତୁଳସୀ ଗଛକୁ ପ୍ରତିଦିନ ପୂଜାର୍ଚ୍ଚନା କରାଯାଇଥାଏ। ତୁଳସୀ ଗଛ ଭଗବାନ ଶ୍ରୀକୃଷ୍ଣଙ୍କ ଅତି ପ୍ରିୟ ଅଟେ। ଏହି ଗଛକୁ ଆୟୁର୍ବେଦରେ ମଧ୍ୟ ବହୁତ ଉପକାରୀ ଅଟେ ।

ଅଶୋକ ଗଛ:- ହିନ୍ଦୁ ଧର୍ମରେ ଅଶୋକ ଗଛକୁ ବହୁତ ପୂଜନୀୟ ବୋଲି କୁହାଯାଇଛି। ବେଦ, ପୁରାଣରେ ଏବଂ ଗୀତାରେ ମଧ୍ୟ ଭଗବାନ ଶ୍ରୀକୃଷ୍ଣ ଅଶୋକ ଗଛର ଉଲ୍ଲେଖ କରିଛନ୍ତି। ଅଶୋକ ଗଛରେ ମଧ୍ୟ ବହୁତ ପ୍ରକାରର ଔଷଧୀୟ ଗୁଣ ରହିଛି। ଭାରତରେ ଅଶୋକ ଗଛକୁ ପୂଜା କରିବାର ବହୁତ ପ୍ରକାରର ନିୟମ ରହିଛି। କାରଣ ଶାସ୍ତ୍ର ଅନୁସାରେ ଅଶୋକ ଗଛରେ ୩୩କୋଟି ଭଗବାନ ବାସ କରିଥାନ୍ତି।

ବର ଗଛ:- ଏହି ଗଛକୁ ଶାସ୍ତ୍ରରେ ପବିତ୍ର ବୋଲି କୁହାଯାଇଛି। ହିନ୍ଦୁ ଶାସ୍ତ୍ର ଅନୁସାରେ ଜ୍ୟେଷ୍ଠ ମାସରେ ବରଗଛକୁ ପୂଜା କରାଯାଇଥାଏ। ଏହି ବ୍ରତ ବିବାହିତା ମହିଳା ମାନେ ନିଜ ସ୍ୱାମୀଙ୍କ ଲମ୍ବା ଆୟୁଷ ପାଇଁ ରଖିଥାନ୍ତି।

ନିମ୍ବ ଗଛ:- ଏହି ଗଛରେ ମଧ୍ୟ ବହୁତ ଔଷଧୀୟ ଗୁଣ ରହିଛି। ଏହି ଗଛ ଆପେ ଆପେ ଉଠି ଥାଏ। ଏହି ଗଛ ବହୁତ ମାତ୍ରାରେ ମିଳିଥାଏ। ଏହି ଗଛର ପତ୍ର ବହୁତ ଉପକାରି ଅଟେ। ଏହା ଗ୍ରୀଷ୍ମ ଦିନରେ ହେଉଥିବା ରୋଗମାନଙ୍କ ଠାରୁ ରକ୍ଷା ପାଇବା ପାଇଁ କରାଯାଇଥାଏ ।

ଆମ୍ବ ଗଛ:- ହିନ୍ଦୁ ଧର୍ମରେ କିଛି ବି ଶୁଭ କାର୍ଯ୍ୟରେ, ପର୍ବ ପର୍ବାଣୀରେ ଘରର କବାଟରେ ଆମ୍ବ ପତ୍ରର ତୋରଣ ବାନ୍ଧିବାର ପରମ୍ପରା ରହିଛି। ଭଗବାନଙ୍କ ପାଖରେ ରଖିଥିବା କଳସରେ ମଧ୍ୟ ଆମ୍ବ ପତ୍ର ରଖାଯାଇଥାଏ। ବିବାହ, ଜନ୍ମଦିନରେ ମଧ୍ୟ ଆମ୍ବ ଗଛକୁ ପୂଜା କରିବା ଶୁଭ ବୋଲି କୁହାଯାଇଥାଏ।

ନଡ଼ିଆ ଗଛ:- ଏହି ଗଛକୁ ଶ୍ରୀଫଳ ମଧ୍ୟ କୁହାଯାଇଥାଏ। ଔଷଧୀୟ ଗୁଣରେ ଭରପୁର ଏବଂ ଧାର୍ମିକ କ୍ଷେତ୍ରରେ ମଧ୍ୟ ଉଚ୍ଚ ମାନ୍ୟତା ଦିଆଯାଇଥିବା ନଡ଼ିଆ ଗଛର କୌଣସି ଭାଗ ଅନୁପଯୋଗୀ ହୋଇନଥାଏ। ନଡ଼ିଆ ବିନା କୌଣସି ଶୁଭ କାର୍ଯ୍ୟ ହୋଇନଥାଏ। ନଡ଼ିଆ ପ୍ରତ୍ୟେକ ଶୁଭ କାର୍ଯ୍ୟରେ ସର୍ବ ପ୍ରଥମେ ଲାଗିଥାଏ।

## ବାରମ୍ବାର ପରିସ୍ରା ଲାଗୁଛି କି !

ବୟସ୍କ ପୁରୁଷମାନଙ୍କ ଠାରେ ଗୁରୁତର ରୋଗ ହେତୁ ପ୍ରୋଷ୍ଟାଟିକ୍ ରୋଗ ସାଧାରଣ ହୁଏ। ସାମ୍ପ୍ରତିକ ଅବସ୍ଥା ଯେପରିକି ବାର୍ଦ୍ଧକ୍ୟ, ପାଣିପାଗରେ ପରିବର୍ତ୍ତନ, ଯାତ୍ରା କିମ୍ବା ବୃତ୍ତି ସହିତ ଜଡିତ ଚାପ, ବିଭିନ୍ନ ସ୍ଥାନରୁ ଜଳ ଇତ୍ୟାଦି ପ୍ରୋଷ୍ଟେଟ ସମସ୍ୟା ସୃଷ୍ଟି କରିପାରେ। ଯଦିଓ ଜୀବନଶୈଳୀ ଏବଂ ବୟସ ବଢ଼ିବା କାରଣରୁ ପୁରୁଷମାନଙ୍କ ଜୀବନର ଗୁଣ ବ୍ୟାହତ ହୁଏ କାରଣ ପ୍ରୋଷ୍ଟେଟ ଗ୍ରନ୍ଥିରେ ବୃଦ୍ଧି ନିମ୍ନ ମୂତ୍ରାଶୟ ଲକ୍ଷଣ ଦ୍ୱାରା ହୋଇପାରେ।

ତଥ୍ୟ ଅନୁଯାୟୀ ୪୦ ରୁ ଅଧିକ ବୟସ୍କ ପୁରୁଷଙ୍କ ମଧ୍ୟରୁ ପ୍ରାୟ ୬୫% ଏହି ବିରକ୍ତିକର ଲକ୍ଷଣରେ ପୀଡିତ। ତେବେ ଏହି ରୋଗୀଙ୍କ ମଧ୍ୟରୁ ଅଧିକାଂଶ କାହିଁକି ପୀଡିତ ? ଅନ୍ୟ ଏକ କାରଣ ସୁଗାର ମଧ୍ୟ ହୋଇଥାଇ ପାରେ ।

ପ୍ରୋଷ୍ଟେଟର ଲକ୍ଷଣ: ଅଧିକାଂଶ ରୋଗୀ ଚିକିତ୍ସା ପାଇଁ ବିଳମ୍ବରେ ପହଞ୍ଚନ୍ତି। ସାଧାରଣତଃ ରୋଗୀ ରୋଗ ବିଷୟରେ କହିବାକୁ ବାରଣ କରେ କିମ୍ୱା ବାର୍ଦ୍ଧକ୍ୟର ଏକ ଅପରିହାର୍ଯ୍ୟ ପରିଣାମ ଭାବରେ ଛାଡିଦିଏ, କିମ୍ବା ଶୀତଳ ପାଗ ଏବଂ ବାହ୍ୟ ପାନୀୟ ଜଳ ପରି ବାହ୍ୟ କାରଣରୁ ସେମାନେ ଯନ୍ତ୍ରଣା ଭୋଗିବାକୁ ଲାଗନ୍ତି। ନିରବରେ ସେମାନେ ଲକ୍ଷଣରୁ ଦୂରେଇ ରୁହନ୍ତି ଏବଂ ସେମାନଙ୍କର ଯନ୍ତ୍ରଣାକୁ ମୁକାବିଲା କରିବା ପାଇଁ ଆତ୍ମ-ବ୍ୟାଖ୍ୟାକାରୀ କୌଶଳ ବିକାଶ କରନ୍ତି, ଯେପର୍ଯ୍ୟନ୍ତ ସେମାନେ ସ୍ପଷ୍ଟ ଭାବରେ ଖରାପ ନ ହୁଅନ୍ତି ଏବଂ ଜଟିଳତା ସୃଷ୍ଟି ହୁଏ ।

ମୋହାଲି, ଫୋର୍ଟିସ୍ ହସ୍ପିଟାଲ୍, କନସଲଟା ୟୁରୋଲୋଜିଷ୍ଟ ମନୀଷ ଅହୁଜାଙ୍କ କହିବାନୁସାରେ, ନିମ୍ନ ଲକ୍ଷଣ ଦ୍ୱାରା ଜୀବନର ଗୁଣବତ୍ତା ବାଧାପ୍ରାପ୍ତ ହୁଏ । ଲକ୍ଷଣଗୁଡିକର ଅଜ୍ଞତା ହେତୁ, ଏହିପରି ରୋଗୀ ଜଳ ଏବଂ ଅନ୍ୟ ଏକ ତରଳ ପଦାର୍ଥକୁ ସୀମିତ ରଖିବା ଆରମ୍ଭ କରନ୍ତି। ସେମାନେ ମଧ୍ୟ ସେମାନଙ୍କର ପରିସ୍ରା ବିଷୟରେ ସଚେତନ ହୁଅନ୍ତି, ଯଥା ବାହାରେ ଦୀର୍ଘ ଯାତ୍ରା କରିବା ପୂର୍ବରୁ ପରିସ୍ରା କରିବା, ଶୌଚାଳୟ ସ୍ଥାନ ଉପରେ ନଜର ରଖିବା, ଦୂର ଦୂରାନ୍ତର ଯାତ୍ରା ଠାରୁ ଦୂରେଇ ରହିବା।

ସାମାନ୍ୟ ବର୍ଦ୍ଧିତ ପ୍ରୋଷ୍ଟେଟ ଥିବା କେତେକ ପୁରୁଷଙ୍କ ଉଲ୍ଲେଖନୀୟ ଲକ୍ଷଣ ଥାଇପାରେ, ଯେତେବେଳେ ପ୍ରୋଷ୍ଟେଟ ବୃଦ୍ଧି ପାଇଥିବା ଅନ୍ୟ ପୁରୁଷମାନଙ୍କର ସାମାନ୍ୟ ମୂତ୍ରାଶୟ ଲକ୍ଷଣ ଥାଇପାରେ। ଏହା ଧ୍ୟାନ ଦେବା ଜରୁରୀ ଯେ ପ୍ରୋଷ୍ଟେଟର ଆକାର ଆପଣଙ୍କ ଲକ୍ଷଣର ଗମ୍ଭୀରତା ନିର୍ଣ୍ଣୟ କରେ ନାହିଁ।

ଯଦି ଏହାର ଚିକିତ୍ସା କରା ନ ଯାଏ, ତାହା ମୂତ୍ର ନଳୀରେ ବାଧା ସୃଷ୍ଟି କରିପାରେ ଏବଂ ଏହା ପ୍ରୋଷ୍ଟେଟ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇପାରେ। ତେଣୁ ଆପଣ ଡାକ୍ତରଙ୍କ ସହ ଯୋଗାଯୋଗ କରିବା ଉଚିତ ଏବଂ ଏହି ସମସ୍ୟା ଦ୍ୱାରା ଲଜ୍ଜିତ ନହେବା ପାଇଁ ପରାମର୍ଶ ଦିଆଯାଇଛି। ତୁମର ବୟସ, ସ୍ୱାସ୍ଥ୍ୟ ଏବଂ ଅବସ୍ଥା ଉପରେ ଆଧାର କରି ଡାକ୍ତର ଆପଣଙ୍କ ଯତ୍ନ ନେବାରେ ସାହାଯ୍ୟ କରିପାରିବେ।

ଅଧିକ ପରିସ୍ରା ଲାଗୁଥିଲେ ହୋଇପାରେ ଏହି ରୋଗ :

ଏହାର ଲକ୍ଷଣ (ବେନିନ୍ ପ୍ରୋଷ୍ଟାଟିକ୍ ହାଇପରପ୍ଲାସିଆ) ଉତ୍ତମ ପ୍ରୋଷ୍ଟାଟିକ୍ ହାଇପରପ୍ଲାସିଆ। ଏକ ମିଶ୍ରଣ ଶାରୀରିକ, ରେଡିଓଗ୍ରାଫିକ୍ ପରୀକ୍ଷଣ ଏବଂ କିଛି ଲାବୋରେଟୋରୀ ପରୀକ୍ଷଣର ପରିସ୍ରା ନିର୍ଣ୍ଣୟ କରେ। ଶାରୀରିକ ପରୀକ୍ଷଣରେ ଏକ ଡିଜିଟାଲ୍ ରେକ୍ଟାଲ୍ ପରୀକ୍ଷଣ ଥାଏ, ଯେଉଁଥିରେ ବିଶେଷଜ୍ଞ ୟୁରୋଲୋଜିଷ୍ଟଙ୍କ ଦ୍ୱାରା ପ୍ରୋଷ୍ଟେଟର ଶାରୀରିକ ଯାଞ୍ଚ ଅନ୍ତର୍ଭୁକ୍ତ। ପ୍ରୋଷ୍ଟେଟ ଗ୍ରନ୍ଥିର ଆକାର ମାପିବା ପାଇଁ ପେଟ ଏବଂ ପେଲଭିକ ଅଲଟ୍ରାସାଉଣ୍ଡ ବ୍ୟବହୃତ ହୁଏ। ଲ୍ୟାବ ପରୀକ୍ଷଣରେ ପ୍ରୋଷ୍ଟେଟ-ନିର୍ଦ୍ଦିଷ୍ଟ ଆଣ୍ଟିଜେନ୍ସ ଅନ୍ତର୍ଭୁକ୍ତ। ଯେତେବେଳେ ପ୍ରୋଷ୍ଟେଟ୍ ସୁସ୍ଥ ଥାଏ, ରକ୍ତରେ ଏକ ଛୋଟ ପ୍ରୋଷ୍ଟେଟ୍ ନିର୍ଦ୍ଦିଷ୍ଟ ଆଣ୍ଟିଜେନ୍ ମିଳିଥାଏ।

# ଜଳବିଦ୍ୟୁତ ପ୍ରକଳ୍ପ ଅଗ୍ରଗତି ନେଇ ସମୀକ୍ଷା




**ଭୁବନେଶ୍ୱର,୨।୧୨ (ମହାଭାରତ):** ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଜଳବିଦ୍ୟୁତ୍ ପ୍ରକଳ୍ପ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଲାଞ୍ଜିଗଡ଼, ବାଲିଗୁଡ଼ା ଓ ଫୁଲବାଣୀର ବିଧାୟକ, ଓଡ଼ିଶା ଜଳବିଦ୍ୟୁତ ନିଗମ (ଓଏଚ୍‌ପିସି)ର ଚେୟାରମ୍ୟାନ ତଥା ମ୍ୟାନେଜିଂ ଡ଼ାଇରେକ୍ଟର ଶ୍ରୀ ଶାଶ୍ୱତ ମିଶ୍ର, ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ବିଶାଳ ଦେବ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ସୁଚିନ୍ତିତ ମତ ପ୍ରଦାନ କରିଥିଲେ ।

ପୂର୍ବରୁ ସରକାର ରାଜ୍ୟରେ ୪ଟି ଜଳବିଦ୍ୟୁତ ପ୍ରକଳ୍ପ କରିବାକୁ ଅନୁମୋଦନ ପ୍ରାପ୍ତ କରିଛନ୍ତି । ସେଥିମଧ୍ୟରୁ ୩ ଗୋଟି ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ ଓ ଗୋଟିଏ ହାଇଡ୍ରୋ ଇଲେକ୍ଟ୍ରିକ୍ ପ୍ରକଳ୍ପ ରହିଛି । ସେଗୁଡ଼ିକ ହେଲା, କଳାହାଣ୍ଡି ଜିଲ୍ଲାର ୬୦୦ ମେଗାୱାଟ୍‌ର ଉପର ଇନ୍ଦ୍ରାବତୀ ପ୍ରକଳ୍ପ, କୋରାପୁଟ ଜିଲ୍ଲାର ୬୦୦ ମେଗାୱାଟ୍‌ର ଉପର କୋଲାବ୍ ପ୍ରକଳ୍ପ, ମାଲକାନଗିରି ଜିଲ୍ଲାର ୫୦୦ ମେଗାୱାଟ୍‌ର ବାଲିମେଳା ପ୍ରକଳ୍ପ ଏବଂ କନ୍ଧମାଳ ଜିଲ୍ଲାର ୬୩ ମେଗାୱାଟ୍ ବିଶିଷ୍ଟ ଖଡଗ ଜଳବିଦ୍ୟୁତ ପ୍ରକଳ୍ପ ରହିଛି । ଉପମୁଖ୍ୟମନ୍ତ୍ରୀ ଏହିସବୁ ପ୍ରକଳ୍ପର ଅଗ୍ରଗତି ବିଷୟରେ ସମୀକ୍ଷା କରିଥିଲେ ।

ଆଜିର ସମୟରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ପିଏସ୍‌ପି ପ୍ରକଳ୍ପ ଦ୍ୱାରା ବିଦ୍ୟୁତ ଉତ୍ପାଦନକୁ ପ୍ରାଧାନ୍ୟ ଦେଉଛନ୍ତି । ଏହା ଦ୍ୱାରା ଜଳବାୟୁ ଓ ପରିବେଶର ସ୍ୱଚ୍ଛତା ବଜାୟ ରହିବା ସହ ଓଡ଼ିଶାର ପ୍ରାକୃତିକ ସମ୍ପଦକୁ ବ୍ୟବହାର କରି ସ୍ଥାନୀୟ ଅଂଚଳର ବିଦ୍ୟୁତ ଚାହିଦା ମେଣ୍ଟାଇ ହେବ ।

ବୈଠକରେ ଜଳଭଣ୍ଡାର ବା ବ୍ୟାରେଜ୍ ନିର୍ମାଣ ଅଂଚଳରେ ବିସ୍ଥାପିତଙ୍କୁ ଥଇଥାନ ବ୍ୟବସ୍ଥା ସହ ଉପଯୁକ୍ତ କ୍ଷତିପୂରଣ ସମୟାନୁଯାୟୀ ଦିଆଯିବା ଉପରେ ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ଏତଦ୍‌ବ୍ୟତୀତ ବିସ୍ଥାପିତ ପରିବାରର ଯେକୌଣସି ସଦସ୍ୟଙ୍କୁ ଦକ୍ଷତା ବିକାଶ କରାଯାଇ ସ୍ଥାନୀୟ ଅଂଚଳରେ କିମ୍ବା ସେହି ପ୍ରକଳ୍ପରେ ନିଯୁକ୍ତି ପ୍ରଦାନ କରିବା ପାଇଁ ମଧ୍ୟ ସେ ପରାମର୍ଶ ଦେଇଥିଲେ । ଏହା ସହ ପ୍ରକଳ୍ପ କାର୍ଯ୍ୟଗୁଡ଼ିକର ଅଗ୍ରଗତି ନିମନ୍ତେ ସ୍ଥାନୀୟ ଜନସାଧାରଣ ଓ ଜନପ୍ରତିନିଧିଙ୍କ ସହଯୋଗ କାମନା କରିଥିଲେ ।

ଜଳବିଦ୍ୟୁତ ପ୍ରକଳ୍ପ ହେଉଥିବା ଅଂଚଳର ଆଖପାଖର ବିଦ୍ୟୁତ ଯୋଗାଣ, ଭିତ୍ତିଭୂମି ସୁଦୃଢ଼ କରିବା ଲାଗି ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ତଥା ଓଏଚ୍‌ପିସିର ସିଏମ୍‌ଡି ଶ୍ରୀ ଶାଶ୍ୱତ ମିଶ୍ର ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବାଲିଗୁଡ଼ା ବିଧାୟକ, ଲାଞ୍ଜିଗଡ଼ ବିଧାୟକ, ଫୁଲବାଣୀ ବିଧାୟକ ଉପସ୍ଥିତ ଥିଲେ ।

# ଏନଫୋର୍ସମେଣ୍ଟ ଟିମ୍‌କୁ ଆକ୍ରମଣ ଘଟଣାରେ ୬ ଗିରଫ



**ଭୁବନେଶ୍ୱର,୨।୧୨ (ମହାଭାରତ):** କେନ୍ଦୁଝର ଜିଲ୍ଲା ଖଣି ବିଭାଗ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ଟିମ୍ ଉପରେ ସଂଘବଦ୍ଧ ଆକ୍ରମଣ ଘଟଣାରେ ୬ ଜଣଙ୍କୁ ଘସିପୁରା ପୋଲିସ୍ ଗିରଫ କରିଛି । ଏଥିସହ ଅପରାଧ ଘଟାଇବା ସମୟରେ ବ୍ୟବହୃତ ଏକ ବ୍ରିଜା କାର ମଧ୍ୟ ପୋଲିସ ଜବତ କରିଛି । ଗିରଫ ଅଭିଯୁକ୍ତମାନେ ଆନନ୍ଦପୁର ଓ ନନ୍ଦିପଦା ଥାନା ଅଞ୍ଚଳର । ତେବେ ଏହି ଘଟଣାରେ ପ୍ରାୟ ୧୫ ଜଣଙ୍କ ସମ୍ପୃକ୍ତି ଥିବାବେଳେ ଅନ୍ୟମାନଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ । ଏ ନେଇ ଘଷିପୁରା ଥାନା ଅଧିକାରୀ ରମାକାନ୍ତ ସାଇ ମଙ୍ଗଳବାର ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

ରବିବାର ବିଳମ୍ବିତ ରାତିରେ ଖଣିବିଭାଗ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ବାଲି ଚୋରି ନେଇ ଚଢାଉ କରିବାକୁ ଆସିଥିଲେ। ଏହି ସମୟରେ ଘଷିପୁରା ଥାନା ବୈତରଣୀ ବ୍ରିଜ୍ ନିକଟ ସିଂହ ସାହି ଛକଠାରେ ୪-୫ଟି ଗାଡିରେ ୧୫ ରୁ ଊର୍ଦ୍ଧ୍ୱ ଦୁର୍ବୃତ୍ତ ଆସି ସ୍କ୍ୱାର୍ଡ ଗାଡି ଉପରକୁ ଆକ୍ରମଣ କରିଥିଲେ। ଆକ୍ରମଣରେ ଗାଡିର କାଚ ସବୁ ଭାଙ୍ଗି ଯାଇଥିଲା। ପରେ ଗାଡିରେ ଥିବା ଜୁନିୟର ମାଇନିଂ ଅଫିସର ସୂରଜ ହେମ୍ବ୍ରମ, ୩ ସୁରକ୍ଷା କର୍ମୀ ଓ ଡ୍ରାଇଭରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ।

# ଚିନିଶିଳ୍ପ ଓ ଚିନିକଳର ପୁନରୁଦ୍ଧାର ନେଇ ଆଲୋଚନା



**ଭୁବନେଶ୍ୱର,୨।୧୨ (ମହାଭାରତ):** ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଭାରତୀୟ କିଷାନ ସଂଘର ପ୍ରତିନିଧି ମଣ୍ଡଳୀ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ଭେଟି ବଲାଙ୍ଗିର, ନୟାଗଡ଼ ଜିଲ୍ଲାରେ ଚିନିକଳର ପୁନରୁଦ୍ଧାର ଏବଂ ପୁନଃକାର୍ଯ୍ୟକ୍ଷମ ନେଇ ଆଲୋଚନା କରିଥିଲେ ।

କଂଚାମାଲ୍ ଅଭାବରୁ ରାଜ୍ୟରେ ଥିବା ଚିନିକଳଗୁଡ଼ିକ ବହୁତ ଦିନ ହେଲା ବନ୍ଦ ହୋଇ ପଡ଼ିଛି । ଏସବୁର ପ୍ରମୁଖ କାରଣକୁ ଅନୁଧ୍ୟାନ କରି ପୁନଶ୍ଚ କାର୍ଯ୍ୟକ୍ଷମ କରିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ। ବୈଠକରେ ସମବାୟ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ରାଜେଶ ପ୍ରଭାକର ପାଟିଲ, କୃଷି ନିର୍ଦ୍ଦେଶକ ଶ୍ରୀ ପ୍ରେମଚନ୍ଦ୍ର ଚୌଧାରୀ, ସମବାୟ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ସନ୍ତୋଷ କୁମାର ଦାସ, ଭାରତୀୟ କିଷାନ ସଂଘର ସମ୍ପାଦକ କେ. ସାଇ ରେଡ୍ଡୀ, ରାଜ୍ୟ ସଭାପତି ଶ୍ରୀମୁଖ ପ୍ରଧାନ, ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ଜାନକୀ ବଲ୍ଲଭ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଭୁଟାନକୁ ରପ୍ତାନୀ ହେଲା ଇଞ୍ଜିନିୟରିଂ ଉପକରଣ




**ଭୁବନେଶ୍ୱର,୨।୧୨ (ମହାଭାରତ):** ପଡ଼ୋଶୀ ରାଷ୍ଟ୍ର ଭୁଟାନକୁ ସଡ଼କପଥରେ ଆଜି ରପ୍ତାନୀ ହୋଇଛି ସର୍ବାଧିକ ଓଜନ ଏବଂ ପରିମାଣର ଇଞ୍ଜିନିୟରିଂ ଉପକରଣ । ଭୁବନେଶ୍ୱର ଶିଳ୍ପ ଉଦ୍ୟୋଗୀ ସଂଘ ସହଯୋଗରେ ଓଡ଼ିଶାରୁ ଭୁଟାନକୁ ରପ୍ତାନୀ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଭୁବନେଶ୍ୱର ମଂଚେଶ୍ୱରଠାରେ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ତଥା ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି, "ଓଡ଼ିଶା ପାଇଁ ଏହା ଏକ ଗୌରବମୟ ମୁହୂର୍ତ୍ତ । ମେକ୍ ଇନ୍ ଇଣ୍ଡିଆ ଯୋଜନା ଅଧୀନରେ ବିଶ୍ୱସ୍ତରୀୟ ଉପକରଣ ପ୍ରସ୍ତୁତ କରିବାରେ ଓଡ଼ିଶା ନିଜର ସ୍ୱାତନ୍ତ୍ର୍ୟର ପ୍ରତିଷ୍ଠା କରିଛି ।" ବିଭାଗୀୟ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା କହିଛନ୍ତି, ଏହି କାର୍ଯ୍ୟକ୍ରମ ଦ୍ୱାରା ବିଦେଶକୁ ଏମ୍‌ଏସ୍‌ଏମ୍‌ଇରୁ ପ୍ରସ୍ତୁତ ଇଞ୍ଜିନିୟରିଂ ଉପକରଣ ରପ୍ତାନୀ କରିବା ଲାଗି ଅଧିକ ପ୍ରୋତ୍ସାହନ ସୃଷ୍ଟି ହେବ । ଅଧିକରୁ ଅଧିକ ରପ୍ତାନୀ କରିବା ଲାଗି ସମସ୍ତ ସହାୟତା ଯୋଗାଇ ଦେବାକୁ ବିଭାଗ ସର୍ବଦା ପ୍ରସ୍ତୁତ ରହିଛି । ଆଗାମୀ ଦିନରେ ବିଶ୍ୱସ୍ତରୀୟ ଇଞ୍ଜିନିୟରିଂ ଉପକରଣ ରପ୍ତାନୀ କରି ପୁଣି ନୂଆ କୃତିତ୍ୱର ମାଇଲଖୁଂଟ୍ ପ୍ରତିଷ୍ଠା କରିବାକୁ ବିଭାଗ ଲକ୍ଷ୍ୟ ରଖିଛି ।

ଏହି କାର୍ଯ୍ୟକ୍ରମରେ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସନ୍ଦୀପ ପଟ୍ଟନାୟକ, ଉପାଧ୍ୟକ୍ଷ ଜେ.କେ. ରଥ, ୟୁ.ସି.ସି.ଆଇର ସଚିବ ସଞ୍ଜୀବ ମହାପାତ୍ର, ଏଆଇଇବିଏର ଉପାଧ୍ୟକ୍ଷ ସୁବୀର ବାନାର୍ଜୀ, ବି.କେ. ଦାସଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଶିଳ୍ପପତି ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ, ଉତ୍କଳ ଚାମ୍ବର ଅଫ୍ କମର୍ସ୍ ଆଣ୍ଡ୍ ଇଣ୍ଡଷ୍ଟ୍ରି ଲିମିଟେଡ୍‌ର ଅନ୍ୟତମ ସଭ୍ୟ ଭୁବନେଶ୍ୱର ଶିଳ୍ପ ଉଦ୍ୟୋଗୀ ସଂଘର ସହାୟତାରେ ଆଜିର କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା । କଟକ ଚୌଦ୍ୱାରସ୍ଥିତ ଇଷ୍ଟ୍ ଏଣ୍ଡ୍ ଟେକ୍ନୋଲୋଜି ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ଏହି ଉପକରଣ ତିଆରି କରିଛି । ୨୦୦୭ ମସିହାଠାରୁ ଦେଶ ତଥା ଦେଶ ବାହାରେ ବିଭିନ୍ନ କମ୍ପାନୀକୁ ଏହା ଉପକରଣ ଯୋଗାଇ ଆସୁଛି ।

# କେନ୍ଦୁପତ୍ର ସଂଘ ସଦସ୍ୟଙ୍କ ସହ ଉପମୁଖ୍ୟମନ୍ତ୍ରୀଙ୍କ ଆଲୋଚନା



**ଭୁବନେଶ୍ୱର,୨।୧୨ (ମହାଭାରତ):** ବିଧାନସଭା ପରିସରରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ଓଡ଼ିଶା କେନ୍ଦୁପତ୍ର ସଂଘ ସଦସ୍ୟଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା କେନ୍ଦୁପତ୍ର ସଂଘ ସେମାନଙ୍କର ବିଭିନ୍ନ ଦାବି ଓ ସମସ୍ୟା ଉପମୁଖ୍ୟମନ୍ତ୍ରୀଙ୍କ ଆଗରେ ଉପସ୍ଥାପନ କରିଥିଲେ।

ଚଳିତ ବର୍ଷ ଅନୁକୂଳ ପାଣିପାଗ ଯୋଗୁଁ ଉତ୍କୃଷ୍ଟ ମାନର କେନ୍ଦୁପତ୍ର ଫଳିଛି କ୍ଷ ତଦନୁସାରେ କେନ୍ଦୁପତ୍ର ତୋଳାଳୀଙ୍କ ଆୟ ମଧ୍ୟ ବଢ଼ିବା ଆବଶ୍ୟକ । ଏ ନେଇ ଓଡ଼ିଶା କେନ୍ଦୁପତ୍ର ସଂଘ ଉପମୁଖ୍ୟମନ୍ତ୍ରୀଙ୍କ ନିକଟରେ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ । ଦାବି ଶୁଣିବା ପରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ସଂଘକୁ ଆଶ୍ୱାସନା ଦେଇ କହିଥିଲେ ଯେ, ଆମେ ଆପଣମାନଙ୍କ ଦାବି ଓ ସମସ୍ୟା ବିଷୟରେ ଅବଗତ ହେଲୁ ଓ ଏହାକୁ ସହୃଦୟତାର ସହ ଗ୍ରହଣ କରିଛୁ। ଏହିସବୁ ଦାବୀକୁ ଆମେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରି ସମାଧାନର ପନ୍ଥା ଖୁବ ଶୀଘ୍ର ବାହାର କରିବୁ। ବୈଠକ ସମୟରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନବାହିନୀ ମୁଖ୍ୟ ଦେବୀ ଦତ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ସୁଚିନ୍ତିତ ପରାମର୍ଶ ଦେଇଥିଲେ।

# ୩୩୪ ନିଖୋଜ ଶିଶୁ ଉଦ୍ଧାର

**ଭୁବନେଶ୍ୱର,୨।୧୨ (ମହାଭାରତ):** ଓଡ଼ିଶା ରାଜ୍ୟ ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା, ଭୁବନେଶ୍ୱର ତରଫରୁ ଆମ ରାଜ୍ୟରେ ଆଜି ପର୍ଯ୍ୟନ୍ତ ନିଖୋଜ ଥିବା ଶିଶୁ ମାନଙ୍କୁ ଉଦ୍ଧାର କରିବା ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ ଗତ ନଭେମ୍ବର ୧୮ ରୁ ୨୩ ତାରିଖ ପର୍ଯ୍ୟନ୍ତ ଆୟୋଜନ କରାଯାଇଥିଲା । ଉକ୍ତ ସମୟ ମଧ୍ୟ ରେ ସର୍ବମୋଟ ୩୩୪ ନିଖୋଜ ଶିଶୁ ଯାହାଙ୍କ ମଧ୍ୟରେ ୩୦୬ ବାଳିକା ଓ ୨୮ ବାଳକ ଆମ ରାଜ୍ୟ ତଥା ରାଜ୍ୟ ବାହାରୁ ଉଦ୍ଧାର କରାଯାଇ ସେମାନଙ୍କ ପରିବାର ଜନଙ୍କୁ ହସ୍ତାନ୍ତର କରାଯାଇଛି । ଉକ୍ତ ସ୍ୱତନ୍ତ୍ର ଅଭିଯାନକୁ ସମସ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ବଳିଷ୍ଠ ଉଦ୍ୟମରେ ଓ ରାଜ୍ୟ ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା, ଭୁବନେଶ୍ୱରଙ୍କ ତତ୍ତ୍ୱାବଧାନରେ ସମାପନ କରାଯାଇଅଛି । ସମଗ୍ର ରାଜ୍ୟରେ ଭଦ୍ରକ ଜିଲ୍ଲା ପୁଲିସ ସର୍ବମୋଟ ୬୫ ନିଖୋଜ ଶିଶୁଙ୍କୁ ଉଦ୍ଧାର କରି ସର୍ବୋତ୍କୃଷ୍ଟ ଜିଲ୍ଲାର ମାନ୍ୟତା ହାସଲ କରିଛି ।

# ଅଳିଆ ଗଦାକୁ ଭିଏସ୍‌ଏସ୍‌ନଗର ବାସୀଙ୍କ ବିରୋଧ



**ଭୁବନେଶ୍ୱର,୨।୧୨ (ମହାଭାରତ):** ବୀର ସୁରେନ୍ଦ୍ର ସାଏ ନଗର ଉନ୍ନୟନ ପରିଷଦ ପକ୍ଷରୁ ଜାତୀୟ ପ୍ରଦୂଷଣ ନିରାକରଣ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଭି ଏସ୍ ଏସ୍ ନଗରବାସୀଙ୍କ ପକ୍ଷରୁ ସୈନିକ ସ୍କୁଲ ପାଖରେ ଥିବା ଅଳିଆଗଦାକୁ ବିରୋଧ କରିବା ସହିତ ଏହି ଅଳିଆଗଦା ପାଇଁ ଭିଏସ୍‌ଏସ୍ ନଗରରେ ହେଉଥିବା ପ୍ରଦୂଷଣକୁ ନିରାକରଣ କରିବା ପାଇଁ ଦାବି କରାଯାଇଛି । ଉନ୍ନୟନ ପରିଷଦର ଉପ-ସଭାପତି ଡ. ଜୟନ୍ତ ପରିଡାଙ୍କ ସଭାପତିତ୍ୱରେ ଓ ଅନୁଷ୍ଠାନର ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମାଙ୍କ ପରିଚାଳନାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ମହାନଗର ନିଗମର ବର୍ଜ୍ୟବସ୍ତୁ ପରିଚାଳନାର କାର୍ଯ୍ୟଧାରାକୁ ନିନ୍ଦା କରାଯିବା ସହିତ ଅତି ଶିଘ୍ର ଏହି ଅଳିଆଗଦାକୁ ଏଠାରୁ ହଟାଇବା ପାଇଁ ଦାବି ହୋଇଥିଲା । ସାଧାରଣ ସମ୍ପାଦକ ଶ୍ରୀ ଦାଶଶର୍ମା କହିଥିଲେ ଯେ, ଏକ ବର୍ଷ ପୂର୍ବରୁ ୨୦୨୩ ଡିସେମ୍ବରରେ ସୈନିକ ସ୍କୁଲ ଅଳିଆଗଦା ହଟାଇ ଦୁଇମାସ ଭିତରେ ଏହି ସ୍ଥାନରେ ଏକ ମନୋରମ ଓ ସୁନ୍ଦର ପାର୍କ ନିର୍ମାଣ କରିବେ ବୋଲି ବି ଏମ୍ ସି ଆୟୁକ୍ତ ଉନ୍ନୟନ ପରିଷଦକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏଠାରେ ଅଳିଆ ଓ ଦୁର୍ଗନ୍ଧ ଦିନକୁ ଦିନ ବଢିଚାଲିଛି । ଆଜି ଜାତୀୟ ପ୍ରଦୂଷଣ ନିରାକରଣ ଦିବସ ଅବସରରେ ପ୍ରତିକ ଭାବରେ ପ୍ରତିବାଦ କରାଯାଇଥିଲେ ମଧ୍ୟ ଆଗକୁ ଏହା ବିରାଟ ରୂପ ନେବ । ଉନ୍ନୟନ ପରିଷଦ ପକ୍ଷରୁ ଏହି ପ୍ରତିବାଦ ସଭାରେ କୋଷାଧ୍ୟକ୍ଷ ମହେଶ୍ୱର ବିଶ୍ୱାଳ, ଯୁଗ୍ମ-ସମ୍ପାଦକ ପ୍ରତାପ କୁମାର ନନ୍ଦ, ଧରଣୀଧର ରାଉତ, ନିମାଇଁ ଚରଣ ଦାସ, ଶିତଳ ଚନ୍ଦ୍ର ମହାନ୍ତି, ରାମଚନ୍ଦ୍ର ସାମଲ ଓ ଚିନ୍ତାମଣି ବାରିକଙ୍କ ସହିତ କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ଡ କୁମୁଦ ମିଶ୍ର, ଶଶି ଭୂଷଣ ଦାସ, ବିଜୟ କୁମାର ଦେ, ଭ୍ରମରବର ପ୍ରଧାନ, ନବକିଶୋର ବେଉରା, ରାଖାଲ ଚନ୍ଦ୍ର ମହାନ୍ତି, ପ୍ରେମାନନ୍ଦ ଲେଙ୍କା, ନିତ୍ୟରଞ୍ଜନ ନନ୍ଦ, ନିର୍ମଳ ସରକାର ଓ ଧିରେନ ନାଥ ଦାଶ ପ୍ରମୁଖ ଯୋଗ ଦେଇ ଦୃଢ ପ୍ରତିବାଦ କରିଥିଲେ।

# ଦିବ୍ୟାଙ୍ଗ ମାନଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨।୧୨ (ମହାଭାରତ):** ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ପରିଚିତ ଶ୍ରୀ ମୋହନ ଚରଣ ମାଝୀ ଯେଉଁଠି କି ଯାଆନ୍ତୁ ନା କାହିଁକି, ଯେଉଁଠି ବି ଥାଆନ୍ତୁ, ଲୋକଙ୍କ ଅଭିଯୋଗ ଓ ସମସ୍ୟା ଶୁଣିବାକୁ ଓ ତା'ର ପ୍ରତିକାର ପାଇଁ ବ୍ୟବସ୍ଥା କରିବାକୁ ସବୁବେଳେ ପ୍ରାଧାନ୍ୟ ଦେଇଥାନ୍ତି ।

ତାଙ୍କ ବାସଭବନକୁ କିଛି ଲୋକ ସେମାନଙ୍କ ଅଭିଯୋଗ ନେଇ ଆସିଥିଲେ । ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ଅଭିଯୋଗ ଶୁଣିଥିଲେ। ଅଭିଯୋଗକାରୀଙ୍କ ମଧ୍ୟରେ କେତେ ଜଣ ଦିବ୍ୟାଙ୍ଗ ମଧ୍ୟ ଆସିଥିଲେ। ଆଜି ହେଉଛି ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ । ଏହି ଅବସରରେ ଦିବ୍ୟାଙ୍ଗମାନେ ତାଙ୍କ ଘରକୁ ଆସିଥିବାରୁ ସେମାନଙ୍କୁ ମୁଖ୍ୟମନ୍ତ୍ରୀ ପ୍ରଥମେ ସମ୍ବର୍ଦ୍ଧିତ କରିଥିଲେ ଓ ପରେ ସେମାନଙ୍କ ସମସ୍ୟା ଶୁଣିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଏଭଳି ସହୃଦୟତାପୂର୍ଣ୍ଣ ବ୍ୟବହାରରେ ଭାବପ୍ରବଣ ହୋଇଯାଇଥିଲେ ସମସ୍ତେ । ସେମାନଙ୍କ ମଧ୍ୟରେ ଥିଲେ କଟକ ବାଉଁଶଗଳିର ଦିବ୍ୟାଙ୍ଗ ଶେଖ୍ ରେହେମାନ । ସେ ଭୁବନେଶ୍ୱରରୁ ନୂଆଦିଲ୍ଲୀ ପର୍ଯ୍ୟନ୍ତ ଏକ ତିନି-ଚକିଆ ସାଇକେଲରେ ଯାତ୍ରା ଆରମ୍ଭ କରୁଛନ୍ତି । ସେ ଆସିଥିଲେ ମୁଖ୍ୟମନ୍ତ୍ରୀଙ୍କ ପାଖରୁ ଶୁଭେଚ୍ଛା ପାଇ ତାଙ୍କର ଯାତ୍ରା ଆରମ୍ଭ କରିବାକୁ । ମୁଖ୍ୟମନ୍ତ୍ରୀ ତାଙ୍କର ଯାତ୍ରା ପାଇଁ ଶୁଭକାମନା ଜଣାଇଥିଲେ ।

# ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଉଦ୍‌ଯାପିତ

**ଭୁବନେଶ୍ୱର,୨।୧୨ (ମହାଭାରତ):** ଭିନ୍ନକ୍ଷମ ମାନଙ୍କ ଥଇଥାନ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଭିନ୍ନକ୍ଷମ ମାନେ ଯେପରି ନିଜକୁ ଅସହାୟ ମନେ ନ କରିବେ ସେଥିପାଇଁ ସରକାର ଯତ୍ନର ସହିତ ସମସ୍ତ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ।

ଆଜି ଭୁବନେଶ୍ୱରସ୍ଥିତ କିଟ୍ ଇନ୍‌ଡୋର ଷ୍ଟାଡିୟମଠାରେ ପାଳିତ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସରେ ବିଭାଗୀୟ ମନ୍ତ୍ରୀ ଏହି ସୂଚନା ଦେଇଛନ୍ତି । ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଗତ ତିନି ଧରି ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସକୁ ଏକ ସମାରୋହ ରୂପେ ପାଳନ କରାଯାଇଛି । ଆଜିର ଅନ୍ତର୍ଜାତୀୟ ଦିବସ ପାଳନରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଶ୍ରୀ ଗଣ୍ଡ ଯୋଗ ଦେଇ ଭିନ୍ନକ୍ଷମଙ୍କୁ ଉତ୍ସାହିତ କରିଛନ୍ତି ।

ଆଜିର ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ଦ୍ୱାରା ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱତନ୍ତ୍ର ସହାୟତା ନମ୍ବର ଉନ୍ମୋଚନ କରାଯାଇଛି । ବରିଷ୍ଠ ନାଗରିକମାନଙ୍କୁ ସୂଚନା ପ୍ରଦାନ ଓ ସମସ୍ତ ପ୍ରକାର ସମସ୍ୟାର ସମାଧାନ ନିମନ୍ତେ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରାଳୟ ଓ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମିଳିତ ଆନୁକୂଲ୍ୟରେ ଦେୟମୁକ୍ତ ସ୍ୱତନ୍ତ୍ର ସହାୟତା ନମ୍ବର- ୧୪୫୬୭ ଘୋଷଣା କରାଯାଇଛି ।

ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ଆଜି ଅନେକ ଭିନ୍ନକ୍ଷମମାନେ ଅଧିକାଂଶ ସ୍ୱାବଲମ୍ବୀ ହୋଇ ନିଜ ନିଜ ପରିବାର ପ୍ରତିପୋଷଣ କରିବା ସଙ୍ଗେ ସଙ୍ଗେ ସମାଜରେ ସେମାନେ ଅନେକ କିଛି ଉଲ୍ଲେଖନୀୟ ଅବଦାନ ସୃଷ୍ଟି କରିଯାଇଛନ୍ତି । ଭିନ୍ନକ୍ଷମମାନଙ୍କ ଥଇଥାନ ପାଇଁ ଉଭୟ କେନ୍ଦ୍ରସରକାର ଓ ରାଜ୍ୟ ସରକାର ମିଳିତ ଭାବରେ ଭିନ୍ନ ଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି । ଆଧୁନିକ ପୁନର୍ବାସ କେନ୍ଦ୍ର, ରାଜ୍ୟ ଭିନ୍ନକ୍ଷମ ସଶକ୍ତିକରଣ ପ୍ରତିଷ୍ଠାନ, ଭୀମଭୋଇ ସାମର୍ଥ୍ୟ ଅଭିଯାନ ଶିବିର ଆୟୋଜନ, ବିଭିନ୍ନ ଜିଲ୍ଲାରେ ସେମାନଙ୍କ ପାଇଁ ସମନ୍ୱିତ ଭିତ୍ତିଭୂମି କେନ୍ଦ୍ର ପ୍ରତିଷ୍ଠା, ଡିଡିଆରସି ସୁବିଧାସୁଯୋଗ, ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କ ପାଇଁ ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନ, ସେମାନଙ୍କୁ ବୃତ୍ତି, ମାଗଣା ଲାପଟପ୍ ପ୍ରଦାନ, ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଇତ୍ୟାଦି ଜାରି ରହିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦିବ୍ୟାଙ୍ଗଜନଙ୍କ କଲ୍ୟାଣ ପାଇଁ ବିବିଧ ପଦକ୍ଷେପ ଗ୍ରହଣ କରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି ।

ସମ୍ମାନନୀୟ ଅତିଥି ଭାବେ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଯୋଗ ଦେଇ ବିଭାଗର ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି । ସେ କହିଛନ୍ତି, ଭିନ୍ନକ୍ଷମମାନଙ୍କ ଶାରୀରିକ ଉପଲବ୍ଧତାକୁ ସୁଦୃଢ଼ କରିବା ବିଭାଗର ଲକ୍ଷ୍ୟ । ସେମାନଙ୍କ ପାଇଁ ଏପରି ଏକ ପରିବେଶର ଗଠନ କରିବା, ଯେଉଁଠାରେ ସେମାନେ ଗୁଣାତ୍ମକ ଶିକ୍ଷା, ନିଯୁକ୍ତି ସମେତ ସ୍ୱାଧୀନ ଭାବେ ଜୀବନଯାପନ କରିପାରିବେ । ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ବ୍ରତତୀ ହରିଚନ୍ଦନ ଯୋଗ ଦେଇ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଛନ୍ତି । ଭିନ୍ନକ୍ଷମମାନଙ୍କ ମନୋବଳକୁ ବଢେଇବା ସହ ଏକ ସମ୍ମାନସ୍ପଦ ପରିବେଶ ଯୋଗାଇବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ବୋଲି ସେ ସୂଚନା ଦେଇଛନ୍ତି ।

ଭିନ୍ନକ୍ଷମଙ୍କ ପାଇଁ ଏକ ଅନ୍ତର୍ଭୁକ୍ତ ଏବଂ ସ୍ଥାୟୀ ଭବିଷ୍ୟତ ଗଠନ ବିଷୟବସ୍ତୁକୁ ନେଇ ପାଳିତ ହୋଇଯାଇଛି ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ । ତିନି ଦିନ ବ୍ୟାପୀ ଚାଲିଥିବା ଏହି ସମାରୋହରେ ପ୍ରାୟ ୪୦୦୦ ରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।

# ମାର୍କେଟ ଆଉଟଲୁକ୍ ଉନ୍ମୋଚନ କଲା କୋଟକ ମ୍ୟୁଚୁଆଲ ଫଣ୍ଡ୍

**ମୁମ୍ବାଇ,୨।୧୨ :** କୋଟକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀ ଲିମିଟେଡ ("କେଏମ୍‌ଏଏମ୍‌ସି"/"କୋଟକ ମ୍ୟୁଚୁଆଲ ଫଣ୍ଡ୍") ୨୦୨୫ ନିମନ୍ତେ ଏହାର ମାର୍କେଟ ଆଉଟ୍‌ଲୁକ୍ ରିପୋର୍ଟ ଉନ୍ମୋଚନ କରିଛି । କୋଟକ ମ୍ୟୁଚୁଆଲ ଫଣ୍ଡ୍ ଆସନ୍ତା ବର୍ଷ ନିମନ୍ତେ ନିବେଶକମାନେ ଲକ୍ଷ୍ୟ କରିବା ଭଳି ବିବିଧ ନିବେଶ ବିଷୟବସ୍ତୁ ସମ୍ପର୍କରେ ଆଲୋକପାତ କରି ଏହି ରିପୋର୍ଟ ପ୍ରକାଶ କରିଛି, ତାହାସହିତ ସେହି ସମୟରେ ଭାରତୀୟ ଅର୍ଥନୀତି ଏବଂ ପୁଞ୍ଜି ବଜାର ଦିଗ ସମ୍ପର୍କରେ ମାକ୍ରୋ-ଅର୍ଥନୈତିକ ଦୃଷ୍ଟିକୋଣ ସମ୍ପର୍କରେ ଏଥିରେ ଉଲ୍ଲେଖ କରାଯାଇଛି । ରିପୋର୍ଟରେ ପାଞ୍ଚଟି ମୁଖ୍ୟ ବିଷୟ ସମ୍ପର୍କରେ ଆଲୋକପାତ କରାଯାଇଛି ଯାହା ୨୦୨୫ରେ ବଜାର ପାଇଁ ସହାୟକ ହୋଇପାରିବ ।

ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ବହୁ-ବର୍ଷ ମୂଳପାଣ୍ଠି ବ୍ୟୟ (କ୍ୟାପେକ୍ସ) ଚକ୍ରରେ ପ୍ରବେଶ କରିସାରିଛି, ଯାହା ଉଲ୍ଲେଖନୀୟ ଅର୍ଥନୈତିକ ଅଭିବୃଦ୍ଧିକୁ ଆଗେଇନେବା ଆଶା କରାଯାଉଛି । କେନ୍ଦ୍ର ସରକାର ଏବଂ ତାଲିକାଭୁକ୍ତ କର୍ପୋରେଟ ବ୍ୟୟ ବୃଦ୍ଧି ପାଇବାକୁ ଯାଉଥିବାବେଳେ ରାଜ୍ୟଗୁଡିକର ଖର୍ଚ୍ଚ ପଛରେ ପଡିବା ସମ୍ଭାବନା ରହିଛି ।

# ପଲିଥିନ ବ୍ୟବହାର

ପ୍ଲାଷ୍ଟିକ ବା ପଲିଥିନ ବ୍ୟବହାର ୨୦୫୦ ସୁଦ୍ଧା ଏହା ୧୦ ନିୟୁତକୁ ବୃଦ୍ଧି ପାଇବ ଏବଂ ବର୍ଷକୁ ଏଥିଲାଗି ୧ ନିୟୁତ ବ୍ୟକ୍ତି ପ୍ରାଣ ହରାଇବେ। ଏହା ନିଶ୍ଚିତ ଭାବେ ଏକ ଉଦବେଗର ବିଷୟ। ଭାରତରେ ଏହି ସମସ୍ୟା ଅଧିକ। କାରଣ ଭାର୍ତର ଜନସଂଖ୍ୟା ସର୍ବାଧିକ ଏବଂ ଅଧିକାଂଶ ପ୍ଲାଷ୍ଟିକ ବ୍ୟବହାରର ଅପକାରିତା ସମ୍ପର୍କରେ ଯଥେଷ୍ଟ ସଚେତନ ନୁହଁନ୍ତି ବା ସଚେତନ ଥିଲେ ମଧ୍ୟ ନିଜ ଦାୟିତ୍ୱ ନିର୍ବାହ ପାଇଁ ପ୍ରସ୍ତୁତ ନାହାଁନ୍ତି। ଉଚ୍ଚ ଶିକ୍ଷିତ ବ୍ୟକ୍ତି ମଧ୍ୟ ଏହାକୁ ଅଣଦେଖା କରୁଛନ୍। ଭାରତର ସିଙ୍ଗଲ ୟୁଜ ପଲିଥିନ ବ୍ୟବହାର ଉପରେ କଟକଣା ଲାଗିଥିଲେ ମଧ୍ୟ ଓଡ଼ିଶାରେ ଏହାର ଖୁଲମଖୁଲ୍ଲା ବ୍ୟବହାର ଦେଖିବାକୁ ମିଳୁଛି। ସରକାରଙ୍କ ଟକଣା କେବଳ କାଗଜପତ୍ରରେ ସୀମିତ ହୋଇ ରହିଛି। ଏହା ପଛରେ ବଡ଼ ଡିଲ ରହିଥିବା କୁହାଯାଉଛି। ନଚେତ ପୋଲିସ ଓ ପ୍ରଶାସନ ଆଖି ଆଗରେ କେମିତି ପଲିଥିନ ବିକ୍ରୀ ହେଉଛି ତଥାପି କାର୍ଯ୍ୟାନୁଷ୍ଠାନ କିପରି ହେଉନି ? ପ୍ରତିଦିନ ରାଜଧାନୀରେ କେଜି କେଜି ପଲିଥିନ ରାସ୍ତାରେ ପଡୁଛି। ଏହା କ'ଣ ପ୍ରଶାସନ ନଜରରେ ପଡୁନି ନା ପ୍ରଶାସନ ସବୁ ଦେଖି କିଛି ନଦେଖିଲା ପରି ରହୁଛି ? ପୁରୀ ଭଳି ଏକ ପର୍ଯ୍ୟଟନ ଏବଂ ଐତିହ୍ୟ ସମ୍ପନ୍ନ ସହରରେ ପଲିଥିନ କଟକଣା ନିହାତି ଜରୁରୀ ହୋଇଥିବା ବେଳେ ସେଠରେ କିଛି ଫରକ ପଡୁନାହିଁ। ଏଥିପାଇଁ କିଏ ଉତ୍ତରଦାୟୀ ରହିବ ? ଅନେକ ସମୟରେ ରାଜ୍ୟ ବା କେନ୍ଦ୍ର ସରକାର ବିଭିନ୍ନ ପ୍ରକାର କଟକଣା ଏବଂ ଆଇନ କାନୁନ ଲାଗୁ କରନ୍ତି। କିନ୍ତୁ ଏହାର କାର୍ଯ୍ୟକାରୀତା ସେଭଳି ସଫଳ ହୋଇନଥାଏ। କାରଣ ଏଥିନେଇ ଜନସଚେତନତାର ଅଭାବ ଏବଂ ଜନ ସହଯୋଗ ମିଳିନଥାଏ। ଲୋକେ ବହୁ ବର୍ଷ ହେବ ଯେଉଁ ଅଭ୍ୟାସରେ ପଡ଼ି ଯାଇଥାନ୍ତି ତାହାକୁ ପରିତ୍ୟାଗ କରିବା ସହଜ ହୋଇନଥାଏ। ସମସ୍ତେ ନିଜ ସ୍ୱାର୍ଥ ସମ୍ପର୍କରେ ଚିନ୍ତା କରୁଛନ୍ତି। ଅନ୍ୟ ସମ୍ପର୍କରେ ଚିନ୍ତା କରିବାର କାହାକୁ ବେଳ ନାହିଁ। ସମସ୍ତେ ଭାବୁଛନ୍ତି ଅନ୍ୟମାନେ ନିୟମ ପାଳନ କରନ୍ତୁ କିନ୍ତୁ ମୋତେ ଟିକେ ନିୟମ କୋହଳ କରାଯାଉ। ସମସ୍ତେ ରାସ୍ତାର ବାମପଟେ ଯାଆନ୍ତୁ ମୁଁ ଟିକେ ଅସୁବିଧାରେ ଅଛି। ତେଣୁ ମୋତେ ଡାହାଣପଟେ ଯିବାକୁ ସୁଯୋଗ ଦିଆଯାଉ। ନିୟମ ଭାଙ୍ଗିବା ବା ଆଇନ ସହ ସାଲିସ କରିବା ଆମ ଚରିତ୍ରର ଏକ ଅଙ୍ଗ ହୋଇଗଲାଣି। ଏତେ ବୁଝାଇବା ସତ୍ତ୍ୱେ ଏବେ ବି ଅନେକ ଦୁଇଚକିଆ ଯାନ ଚାଳକ ମୁଣ୍ଡରେ ହେଲମେଟ ପିନ୍ଧୁ ନାହାଁନ୍ତି। କରୋନା ସଂକ୍ରମଣ ବଢ଼ିବା ସତ୍ତ୍ୱେ ମୁହଁ ମାସ୍କ ପିନ୍ଧିବାକୁ କେହି ଜରୁରୀ ମନେ କରୁ ନାହାଁନ୍ତି। ଅନେକ ବର୍ଷ ତଳୁ ରାଜ୍ୟରେ ପଲିଥିନ ବ୍ୟାନ ହେଲାଣି। କିନ୍ତୁ ଏହା କେବଳ କାଗଜପତ୍ରରେ ସୀମିତ ରହିଛି। ମଝିରେ ମଝିରେ ପଲିଥିନ ବ୍ୟବହାର ବନ୍ଦ କରିବା ଲାଗି ପୋଲିସ ଚଢ଼ଉ କରେ ଏବଂ ଜୋରିମାନା ବି ହୋଇଥାଏ। କିନ୍ତୁ କିଛି ଦିନ ପରେ ପରିସ୍ଥିତି ପୁଣି ଯାହାକୁ ସେଇଆ। ଅସଲ କଥା ହେଲା ଏହାର ବିଷମ ପରିଣତି ସମ୍ପର୍କରେ ଲୋକେ ସଚେତନ ହେଉ ନାହାଁନ୍ତି। ପଲିଥିନ ବ୍ୟବାହାର ଉପରେ କଟକଣା ଆମର ସୁରକ୍ଷା ଏବଂ ସ୍ୱାର୍ଥ ରକ୍ଷା ନିମନ୍ତେ ଉଦ୍ଦିଷ୍ଟ। ସାରା ବିଶ୍ୱର ସୁରକ୍ଷା ଏବଂ ମାନ ଜାତିର ଭବିଷ୍ୟତ ଲାଗି ଏହା ଜରୁରୀ, ଏହାକୁ ଆମେ ହୃଦୟଙ୍ଗମ କରିପାରୁନାହୁଁ। ସ୍କୁଲ, କଲେଜରେ ଏ ସମ୍ପର୍କରେ ପାଠ ପଢ଼ାଯାଉଛି, ପ୍ରଚାର ପ୍ରସାରରେ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି। କିନ୍ତୁ ଏହା ସତ୍ତ୍ୱେ ସୁଫଳ ମିଳୁନି। ତେଣୁ ଏହାର ଶେଷ ଅସ୍ତ୍ର ହେଲା କଠୋର ଦଣ୍ଡବିଧାନ।

# ଶକ୍ତିର ବିନିଯୋଗ ଅପେକ୍ଷା ସଂରକ୍ଷଣ ଜରୁରୀ

॥ ଗୋପୀନାଥ ଦାଶ ॥

*କେବଳ ଶକ୍ତି ଉତ୍ପାଦନ ଓ ବ୍ୟବହାର ଦ୍ୱାରା ପ୍ରାୟତଃ ୮୦% ପ୍ରଦୂଷଣ ତଥା ୮୮% ଗ୍ରୀନ୍ ହାଉସ୍ ଗ୍ୟାସ ନିର୍ଗମନ ପାଇଁ ଦାୟୀ। ମଣିଷର ଯେ କୌଣସି କ୍ରିୟାକଳାପ ଠାରୁ ଏହା ବେଶୀ ପରିମାଣରେ ପରିବେଶର କ୍ଷତିକାରକ। ଗୋଟିଏ ଲିଟର ପେଟ୍ରୋଲ ଜଳିଲେ ତାର ୨.୫ ଗୁଣ ଅଙ୍ଗାରକାମ୍ଳ ସୃଷ୍ଟି କରିଥାଏ। ବିଦ୍ୟୁତ୍‌ଶକ୍ତି ଉତ୍ପାଦନ ପାଇଁ ଜୀବାଶ୍ମ ଇନ୍ଧନର ବ୍ୟବହାର ଯୋଗୁଁ ଗ୍ରୀନ୍ ହାଉସ ପ୍ରଭାବ ଓ ଗ୍ଲୋବାଲ ୱାର୍ମିଂ ଭଳି ନୂତନ ସମସ୍ୟାମାନ ମୁଣ୍ଡ ଟେକୁଛି।*

ଶକ୍ତି ବିନିଯୋଗ କ୍ଷେତ୍ରରେ ମୂର୍ଖତା ଓ ଅସାବଧାନତା ହେତୁ ଶକ୍ତି ସଂକଟ ମାନବ ସଭ୍ୟତା ପାଇଁ ଆମନ୍ତ୍ରଣ କରୁଛି ଆସନ୍ନ ବିପଦ। ପ୍ରତି ମୁହୂର୍ତ୍ତରେ ଶକ୍ତି ଉପରେ ନିର୍ଭର କରୁଥିବା ଉତ୍ତାନପାଦ ମଣିଷକୁ ଶେଷରେ ଶକ୍ତି ସଙ୍କଟରୂପୀ ବାମନ କରିଦେବ ପାତାଳଗାମୀ। ଦେଶର ଜାତୀୟ ଅର୍ଥନୈତିକ କାର୍ଯ୍ୟପନ୍ଥାର ବିକାଶ ପାଇଁ ଶକ୍ତି ଏକ ବଳିଷ୍ଠ ଉପାଦାନ। ବିଶ୍ୱର ପ୍ରତିଟି ରାଷ୍ଟ୍ରରେ ଉଦ୍‌ବେଗ ଦେଖାଯାଉଛି ଯେ ଏହି ଶତାବ୍ଦୀ ମଧରେ ଅନେକ ଶକ୍ତିର ଉତ୍ସ ବିଶେଷ କରି ଜୀବାଶ୍ମ ଜାଳେଣିର ଉତ୍ସ ସବୁ ଶେଷ ହୋଇଯିବ। ଏହିଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଅଧିକ ପ୍ରାଚୁର୍ଯ୍ୟତା ଓ ପୋଷଣୀୟ ଶକ୍ତି ଉତ୍ସର ସନ୍ଧାନ ଏକାନ୍ତ ଜରୁରୀ ହୋଇପଡ଼ିଛି। ଉନ୍ନତ ପ୍ରଯୁକ୍ତି ବିଦ୍ୟା ମାଧମରେ ଅମାପ ସୌରଶକ୍ତିକୁ ଉପଯୋଗ କରାଯାଇ ସବୁଜଶକ୍ତି ଉତ୍ପାଦନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ହେବ। ପବନ ଶକ୍ତିକୁ ବିନିଯୋଗ କରି ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ବ୍ୟାପକ ବ୍ୟବସ୍ଥା କରାଯାଇ ଉପକୂଳବର୍ତ୍ତୀ ଅଞ୍ଚଳକୁ ଶକ୍ତି ସ୍ୱାବଲମ୍ବୀ କରିବାକୁ ପଡ଼ିବ। ସାମୁଦ୍ରିକ ଜଳରାଶି ଶଯ୍ୟାର ଅମାପଶକ୍ତିକୁ ଉପଯୋଗ କରାଯାଇପାରିଲେ ବିଷୁବ ମଣ୍ଡଳୀୟ ଅଞ୍ଚଳରେ ଶକ୍ତି ସମସ୍ୟା ଅନେକାଂଶରେ ଦୂର ହୋଇପାରିବ। ଅନ୍ୟ ପକ୍ଷରେ ଶକ୍ତିର ନବୀକରଣ ଅକ୍ଷମ ଉତ୍ସ ଗୁଡିକ କାଳକ୍ରମେ ନିଶେଷ ହୋଇଯିବ। ଏଗୁଡ଼ିକର ଉଚିତ ବ୍ୟବହାର ଦ୍ୱାରା ଉକ୍ରଟ ଶକ୍ତି ସଂକଟ ସୃଷ୍ଟିର ସମ୍ଭାବନାକୁ ବହୁ ମାତ୍ରାରେ ଏଡାଯାଇପାରିବ। ଏହି ଶକ୍ତି ଉତ୍ସଗୁଡ଼ିକୁ ବ୍ୟବହାର କରିବା ସମୟରେ ମିତବ୍ୟୟିତା ଅବଲମ୍ବନ କରିବା ନିତାନ୍ତ ଜରୁରୀ। ଦିନକୁ ଦିନ ମଣିଷର ଶକ୍ତି ଚାହିଦା ବଢୁଛି। ଅନବୀକରଣ ଶକ୍ତି ଦିନେ ନା ଦିନେ ସରିଯିବ। ତେଣୁ ଆଗାମୀ ଦିନକୁ ଆଖି ଆଗରେ ରଖି ବିଜ୍ଞାନୀମାନେ ବିକଳ୍ପ ଶକ୍ତିର ସନ୍ଧାନରେ ଲାଗିଛନ୍ତି। ପେଟ୍ରୋଲିୟମର ବ୍ୟବହାର କମାଇବା ପାଇଁ ପେଟ୍ରୋଲ ବଦଳରେ ଇଥାନଲ ବ୍ୟବହାର ହେଲାଣି। ଇଲେକ୍ଟ୍ରିକ୍ କାର, ସୌରଚାଳିତ କାର୍‌ମାନଙ୍କର ବ୍ୟବହାର ଆରମ୍ଭ ହୋଇଗଲାଣି। ସଂପ୍ରତି ବିଜ୍ଞାନୀମାନେ ଏହି ପେଟ୍ରୋବୃକ୍ଷର ସନ୍ଧାନ ପାଇଲେଣି। ଏହି ପେଟ୍ରୋବୃକ୍ଷ ମାନଙ୍କରୁ ନିଃସୃତ କ୍ଷୀର ପେଟ୍ରୋଲରେ ମିଶାଇଲେ ଅଳ୍ପ ପେଟ୍ରୋଲ ଖର୍ଚ୍ଚ ହେବ। ଆଗାମୀ ଦିନରେ ବିକଳ୍ପ ଶକ୍ତି ହେବ ସୌରଶକ୍ତି। ଆଗାମୀ ୨୦୨୪ ମସିହା ସୁଦ୍ଧା ଭାରତ ଏକଲକ୍ଷ ମେଗାୱାଟ ସୌରଶକ୍ତି ଉତ୍ପାଦନ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିବା ନିଶ୍ଚିତ ଭାବେ ଏକ ଶୁଭସୂଚନା। ସୌରଶକ୍ତିର ଉପଯୁକ୍ତ ବ୍ୟବହାର ଓ ବିନିଯୋଗ ହୋଇପାରିଲେ ମଣିଷର ଶକ୍ତି ସଂକଟ ଅନେକଟା ଲାଘବ ହୋଇପାରିବ। ଅନ୍ୟ ବିକଳ୍ପ ଶକ୍ତିର ଉତ୍ସ ଏକ ସନ୍ଧାନ ସାପେକ୍ଷ। ଶକ୍ତି ବିନା ଦେଶର ପ୍ରଗତି ଅସମ୍ଭବ। ସେହିପରି ଶକ୍ତି ବିନା ଆଧୁନିକ ଜୀବନଯାପନ ଅସମ୍ଭବ। ଶକ୍ତି ଯୋଗୁଁ ଆଧୁନିକ ମଣିଷ ସମସ୍ତ ପ୍ରକାରର ସୁଖ ସମ୍ଭୋଗ ପାଇପାରୁଛି। ବିନା ଶକ୍ତିରେ ମାନବ ସଭ୍ୟତା ଅସମ୍ଭବ ପରି ଲାଗୁଛି। ଗୋଟିଏ ଦେଶର ଅର୍ଥନୈତିକ ପ୍ରଗତିର ମୁଖ୍ୟଭିତ୍ତି ହେଉଛି ଶକ୍ତି। ଶକ୍ତି ଉତ୍ପାଦନ ପାଇଁ ଭାରତରେ ବହୁଳ ଭାବରେ କୋଇଲା ବ୍ୟବହୃତ ହୁଏ। ଘରେ ଜାଳେଣୀ ଠାରୁ ଆରମ୍ଭ କରି କଳକାରଖାନା ଓ ତାପଜ ବିଦ୍ୟୁତ ଶକ୍ତି ଉତ୍ପାଦନ ବ୍ୟବହୃତ ହୁଏ। ଅଧିକ ମାତ୍ରାରେ କୋଇଲା ଜାଳିବା ଦ୍ୱାରା ସହରମାନଙ୍କରେ ବାୟୁ ପ୍ରଦୂଷଣ ଅଧିକ ପରିମାଣରେ ହେଉଛି। ଏହା ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଛି। କୋଇଲା ଜାଳିବା ଫଳରେ ଅଙ୍ଗାରକାମ୍ଳ ଗ୍ୟାସ ବୃଦ୍ଧି ଯୋଗୁ ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧି ପାଇଛି। ଆଧୁନିକ ସହରଗୁଡ଼ିକ ତାପଦ୍ୱୀପରେ ପରିଣତ ହେଲାଣି। ଗ୍ରାମାଞ୍ଚଳ ଠାରୁ ସହରାଞ୍ଚଳର ତାପମାତ୍ରା ୦.୬ରୁ ୧.୩ ଡିଗ୍ରୀ ଅଧିକ। ଏହାର ପ୍ରଭାବରେ ସହରାଞ୍ଚଳରେ ସୂକ୍ଷ୍ମ ଜଳବାୟୁରେ ପରିବର୍ତ୍ତନ ଅନୁଭୂତ ହେଉଛି।

କେବଳ ଶକ୍ତି ଉତ୍ପାଦନ ଓ ବ୍ୟବହାର ଦ୍ୱାରା ପ୍ରାୟତଃ ୮୦% ପ୍ରଦୂଷଣ ତଥା ୮୮% ଗ୍ରୀନ୍ ହାଉସ୍ ଗ୍ୟାସ ନିର୍ଗମନ ପାଇଁ ଦାୟୀ। ମଣିଷର ଯେ କୌଣସି କ୍ରିୟାକଳାପ ଠାରୁ ଏହା ବେଶୀ ପରିମାଣରେ ପରିବେଶର କ୍ଷତିକାରକ। ଗୋଟିଏ ଲିଟର ପେଟ୍ରୋଲ ଜଳିଲେ ତାର ୨.୫ ଗୁଣ ଅଙ୍ଗାରକାମ୍ଳ ସୃଷ୍ଟି କରିଥାଏ। ବିଦ୍ୟୁତ୍‌ଶକ୍ତି ଉତ୍ପାଦନ ପାଇଁ ଜୀବାଶ୍ମ ଇନ୍ଧନର ବ୍ୟବହାର ଯୋଗୁଁ ଗ୍ରୀନ୍ ହାଉସ ପ୍ରଭାବ ଓ ଗ୍ଲୋବାଲ ୱାର୍ମିଂ ଭଳି ନୂତନ ସମସ୍ୟାମାନ ମୁଣ୍ଡ ଟେକୁଛି। ଫଟୋ କେମିକାଲ ସ୍ମଗ୍ ସୃଷ୍ଟି ଫଳରେ ଦିଲ୍ଲୀ, କୋଲକାତା ପରି ବଡ଼ ବଡ଼ ସହରମାନଙ୍କରେ ଦିନ ଦିନ ବ୍ୟାପୀ କୁହୁଡ଼ି ଢ଼ାଙ୍କି ରହୁଛି। ଦୈନନ୍ଦିନ ମାତ୍ରାଧିକ ସଂଖ୍ୟକ ଗାଡ଼ିମଟର ଚଳାଚଳ ଯୋଗୁଁ ବାୟୁମଣ୍ଡଳ ପ୍ରଦୂଷଣ ମାତ୍ରା ବୃଦ୍ଧି ଘଟୁଛି। ତେଣୁ ସର୍ବସାଧାରଣ ପରିବହନ ବ୍ୟବହାର କରିବା ସବୁଠାରୁ ଉତ୍ତମ। ଗୋଟିଏ ବସ୍ ବ୍ୟବହାର ଦ୍ୱାରା ରାସ୍ତାରୁ ୪୦ଟି ଛୋଟ ଗାଡ଼ି ବ୍ୟବହାର ହ୍ରାସ କରେ। ୨୦ ଲିଟର ତେଲ କମ୍ ଖର୍ଚ୍ଚ ହୁଏ। ବର୍ଷକୁ ପ୍ରାୟ ୧୨୫ ଟନ୍ ଅଙ୍ଗାରକାମ୍ଳ ଗ୍ୟାସର ବାୟୁମଣ୍ଡଳରେ କମ୍ ମିଶିଥାଏ। ଅତ୍ୟନ୍ତ ଖୁସିର କଥା ଶକ୍ତିର ମିତବ୍ୟୟିତା ତଥା ପ୍ରଦୂଷଣ ମାତ୍ରା କମାଇବା ପାଇଁ ଦିଲ୍ଲୀ ସରକାରଙ୍କ ପ୍ରଣୀତ ନିୟମ ସ୍ୱାଗତଯୋଗ୍ୟ। ସପ୍ତାହରେ ତିନିଦିନ ଯୁଗ୍ମ ନମ୍ବର ଥିବା ଯାନ ଓ ତିନି ଦିନ ଅଯୁଗ୍ମ ନମ୍ବର ଥିବା ଯାନ ଚାଲିବା ପାଇଁ ନିଷ୍ପତ୍ତି ହୋଇଛି। କିନ୍ତୁ ଏହି ନିଷ୍ପତ୍ତି ଉପରେ ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲ ସନ୍ଦେହପ୍ରକଟ କରିଛି। ପ୍ରଦୂଷଣ ମାତ୍ରା ହ୍ରାସ କରିବା ପାଇଁ ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲର ଡିଜେଲ ଯାନର ପଞ୍ଜିକରଣକୁ ନିଷିଦ୍ଧ କରିବା ଆଉ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହା ସମଗ୍ର ଦେଶରେ କାର୍ଯ୍ୟକାରୀ ହେଲେ ସୁଫଳ ମିଳିବା ସ୍ୱାଭାବିକ। ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ କିଭଳି ନୂତନ ଶକ୍ତିର ଅନ୍ୱେଷଣ, ଆହରଣ ଏବଂ ସଂରକ୍ଷଣ କରି ଶକ୍ତି ସଂକଟକୁ ସାମ୍ନା କରିବା ଏକାନ୍ତ ଜରୁରୀ। କେବଳ ଶକ୍ତି ସଂକଟ ନୁହେଁ, ଶକ୍ତିର ଉପଯୁକ୍ତ ବ୍ୟବହାର ହୋଇନପାରି ପରିବେଶ ପ୍ରଦୂଷଣଜନିତ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଆନ୍ତର୍ଜାତିକ ସର୍ବେକ୍ଷଣରୁ ଜଣାଯାଏ ଯେ ଏକ ଉନ୍ନତ ଜୀବନଶୈଳୀ ପାଇଁ ଭାରତର ମୁଣ୍ଡପିଛା ଖର୍ଚ୍ଚର ପରିମାଣ ବଢ଼ି ବଢ଼ି ଚାଲିଛି। ଏଥିପାଇଁ ଯେ କେବଳ ଶକ୍ତିର ଉତ୍ପାଦନ କରି ନେଲେ ହେବନାହିଁ, ବରଂ ତାର ସଠିକ୍ ପରିଚାଳନାର ମୂଳ ଲକ୍ଷ୍ୟ ହେଉଛି ଶକ୍ତି ଉତ୍ପାଦନ ଓ ମିତବ୍ୟୟୀ ବ୍ୟବହାର। ଶକ୍ତିର ବ୍ୟବହାର ଅପରିହାର୍ଯ୍ୟ ହୋଇଥିଲେ ହେଁ ଏହାର ଅପଚୟ ଆଜି ମୁଣ୍ଡବ୍ୟଥାର କାରଣ ହୋଇଛି। ଏଥିପାଇଁ ଉତ୍ପାଦିତ ଶକ୍ତିର ବିନିଯୋଗ ଅପେକ୍ଷା, ସଂରକ୍ଷଣ ନିତାନ୍ତ ଜରୁରୀ। ଯଦି ପ୍ରଗତି ଏକ ନିରବଚ୍ଛିନ୍ନ ପ୍ରକ୍ରିୟା ହେବା ଦରକାର, ତେବେ ଆମକୁ ଶକ୍ତି ସଂରକ୍ଷଣ ପ୍ରତି ସଜାଗ ହେବାକୁ ପଡ଼ିବ। ଶକ୍ତି ସଂରକ୍ଷଣ ଓ ନବୀକରଣକ୍ଷମ ସମ୍ବଳର ବ୍ୟବହାର କରିବା। ବିଭିନ୍ନ କ୍ଷେତ୍ରରେ ଶକ୍ତିର ଅପଚୟକୁ ଚିହ୍ନଟ କରି ତାର ସୁବିନିଯୋଗ ନିମନ୍ତେ ଜନସଚେତନତା ସୃଷ୍ଟି କରିବାକୁ ପଡ଼ିବ। ଏ ବିଶ୍ୱକୁ ପ୍ରଦୂଷଣ ଓ ତାପନରୁ ମୁକ୍ତ କରିବାକୁ ହେଲେ ଏକମାତ୍ର ସମାଧାନର ରାସ୍ତା ହେଉଛି ସୌର ତଥା ଅକ୍ଷୟଶକ୍ତିର ଅଭିନବ ପ୍ରୟୋଗ ଓ ବ୍ୟବହାର। ଶକ୍ତି ଅପଚୟ ହ୍ରାସ ଘଟିଲେ ଆମେ ପରିବେଶକୁ ପ୍ରଦୂଷଣକୁ ରୋକିବାରେ ସାହାଯ୍ୟ କରିପାରିବା, ବିଶ୍ୱ ତାପନ କମିବ ଏବଂ ଜଳବାୟୁ ପରିବର୍ତ୍ତନକୁ ରୋକିବାରେ ସହାୟକ ହେବ। ମାନବ ସଭ୍ୟତାକୁ ଧ୍ୱଂସାଭିମୁଖୀ ନକରି ପ୍ରଗତିପଥରେ ଅଗ୍ରସର କରିବାକୁ ହେଲେ ଶକ୍ତିର ଉପଯୁକ୍ତ ବିନିଯୋଗ ଆବଶ୍ୟକ। ଏଥିପାଇଁ ଆମେ ପ୍ରଥମେ ସଚେତନ ହେବା ବାଞ୍ଛନୀୟ। ପୁଣ୍ୟବନ୍ତର ପୁଣ୍ୟ ଅର୍ଜନ ପରି ଆଜିର ସଭ୍ୟ ମଣିଷ ବିଜ୍ଞାନର ତପସ୍ୟା କରି ଶକ୍ତି ସଂଗ୍ରହରେ ବ୍ରତୀ ହେବା ଆବଶ୍ୟକ।

ଦୂରଭାଷ : ୮୮୯୫୨୯୬୧୬୭

# ରିଲ୍ସ ନିଶାରେ ଚାଲି ଯାଉଛି ଜୀବନ

॥ ଡାକ୍ତର ସମ୍ରାଟ କର ॥

ସକାଳୁ ବର୍ଷା ଲାଗିରହିଥିବାବେଳେ ସାମ୍ନାପଟ ଚା ଦୋକାନୀ କେଶବ ବଡ଼ ପାଟି କରି ଆମ ଘର ଭିତରକୁ ଚାଲି ଆସିଲା। କହିଲା ସାର ସବୁ ଓଲଟ ପାଲଟ ହୋଇଗଲା, ସେ କହିଲା ତାର ଜଣେ ସାନ ଭାଇ ଗତକାଲି ଛାତ ଉପରେ ରିଲ୍ସ ତିଆରି କରୁ କରୁ ତଳକୁ ଗଳି ପଡ଼ି ଗୁରୁତର ହୋଇଯାଇଛି ଏବେ ସେ ଚେତାଶୂନ୍ୟ ହୋଇ ଡାକ୍ତରଖାନାରେ ପଡ଼ିଛି। ମୁଁ ତାକୁ କହିଲି ସାମାନ୍ୟ ଅସାବଧାନରୁ ଏହି ରିଲ୍ସ ନିଶାରେ ଜଣେ ବିଏସଏଫ ଯବାନ ଜିତେନ୍ଦ୍ର ପାଢ଼ୀଙ୍କ ମୂଲ୍ୟବାନ ଜୀବନ ଚାଲିଯାଇଛି। ଗଞ୍ଜାମ ଧରାକୋଟ ଥାନା ନରଡ଼ା ବିଲିରୁ ଏଭଳି ସ୍ତବ୍ଧ କରିଦେବା ଭଳି ଦୁର୍ଘଟଣା ସମସ୍ତଙ୍କୁ ବ୍ୟଥିତ କରିଛି। ସୋସିଆଲ ମିଡ଼ିଆ ଭୂତ ଗ୍ରାସିଥିବା ଯୁବପିଢ଼ିଙ୍କ ଅଭିଭାବକଙ୍କ ନିଦ ହଜାଇଛି। ଏଭଳି ବିପଦଜନକ ରିଲ୍ସ ରାଜ୍ୟର ବୁଦ୍ଧିଜୀବୀ ଓ ସଚେତନ ଚିନ୍ତାଶୀଳ ନାଗରିକ ମାନଙ୍କ ଉଦବେଗ ବଢ଼ାଇ ଦେଇଛି।

କିଛି ଦିନ ତଳେ କଟକ ରେଳ ଷ୍ଟେସନର କିଛି ଦୂର ସାମ୍ନାରୁ ଆସୁଥିବା ଏକ ରେଳଗାଡ଼ିର କିଛି ଦୂର ଆଗରେ ରେଳ ଲାଇନରେ ଦୁଇ ଯୁବକ ଏହି ରିଲ୍ସ କରୁଥିବା ସମୟରେ ଗିରଫ ହୋଇଥିଲେ। ଖାଲି ଜିତେନ୍ଦ୍ର କାହିଁକି ପୂର୍ବରୁ ଏମିତି ପୁଳା ପୁଳା ଅଘଟଣ ମିଳିଯିବ, ଯେଉଁଥିରେ ରିଲ୍ସ ନିଶାରେ ଅନେକ ଜୀବନକୁ ବାଜିରେ ଲଗାଉଛନ୍ତି। କିଛିଙ୍କ ମୂଲ୍ୟବାନ ଜୀବନ ଅଚିରେ ଝଡ଼ି ଯାଉଛି। ଆଉ କିଛି ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତି ଯାଉଛନ୍ତି। ଅନେକେ ବିପଦଜନକ ବାଇକ ଷ୍ଟଣ୍ଟ ଦେଖାଉଛନ୍ତି। ପାହାଡ଼ ଶିଖରରେ ଚଢ଼ି ଭିଡ଼ିଓ ବନାଉଛନ୍ତି। ରିଲ୍ସ ପାଇଁ ପଶୁପକ୍ଷୀଙ୍କୁ ହଇରାଣ କରୁଛନ୍ତି। ଅଥବା ଜୀବନରୁ ମାରି ଦେଉଛନ୍ତି। ଏମିତିକି କିଛି ବିପଦଜନକ ରିଲ୍ସ ଯୋଗୁଁ ଅନ୍ୟ ନିରୀହ ଲୋକଙ୍କ ଜୀବନ ବାଜିରେ ଲାଗୁଛି। ଏଭଳି ବିପଦଜନକ ରିଲ୍ସ ବନାଇବା ବର୍ତ୍ତମାନ ଅନେକଙ୍କ ସଉକ ପାଲଟିଛି।

୨୦୨୧ ଜାନୁଆରୀ ୩ ତାରିଖ। ବିପଦଜନକ ଭାବେ ସେଲ୍ଫିଂ ନେଉଥିବା ବେଳେ ନିରୁପମା ପ୍ରଜାପତି ଝାରସୁଗୁଡ଼ା କୁନକୁଣ୍ଡ ନଦୀ ସୁଅରେ ଭାସି ପ୍ରାଣ ହରାଇଥିଲେ। ଗତ ଫେବୃଆରୀ ୧୩ରେ ନବରଙ୍ଗପୁର ରାଇଘର ସରକାରୀ ଉଚ୍ଚବିଦ୍ୟାଳୟର ଏକ ରିଲ୍ସ ଭାଇରାଲ ହୋଇଥିଲା। ଜଣେ ସ୍କୁଲ ଛାତ୍ର ସ୍କୁଲ ଛାତରୁ ଆରପାର୍ଶ୍ୱ ଆଜବେଷ୍ଟସକୁ ଡେଇଁ ଷ୍ଟଣ୍ଟ ଦେଖାଉଥିଲେ। ତଳେ ପଡ଼ି ଆହତ ବି ହେଲେ।

ବାସ୍ତବ କଥା ହେଉଛି କେହି ଜାଣିଶୁଣି ଏମିତି ଭୁଲ କରେନି। ରାତାରାତି ଷ୍ଟାର ବନିଯିବା ନିଶା ଓ ୟୁଟ୍ୟୁବରୁ ପ୍ରବଳ ରୋଜଗାର ଲୋଭ ଏମାନଙ୍କୁ ଗ୍ରାସିଥାଏ। ଅନଲାଇନ ଗେମିଂରେ ଆତ୍ମହତ୍ୟା କରୁଥିବା ଓ ବିନା କାରଣରେ ପାଗଳଙ୍କ ଭଳି ହାତ କାଟି ଦେଉଥିବା ଇମୋସନାଲ ଅନଷ୍ଟେବଲ ପରସୋନାଲିଟି ଡିଜଅର୍ଡ଼ର ଭଳି ମାନସିକ ରୋଗୀଙ୍କ ସହ ଏମାନଙ୍କ ଲକ୍ଷଣ ପ୍ରାୟତଃ ସମାନ। ଏଭଳି ବିପଦଜନକ କାର୍ଯ୍ୟରୁ ନିବୃତ୍ତ ରହିବାକୁ ସେମାନଙ୍କ ପରିବାର କିମ୍ବା ନିକଟତମ ଲୋକ ସଚେତନ କରାଇବା ଉଚିତ। ରାତାରାତି ସୀମିତ ଉଦ୍ୟମ ଓ ସମ୍ବଳରେ ପ୍ରତିଷ୍ଠିତ ହେବା ସହ ନିଜ ସାଙ୍ଗସାଥିଙ୍କ ମହଲରେ ଦେଖେଇ ହେବାର ପ୍ରବଣତା ଓ ଏହାକୁ ୟୁଟ୍ୟୁବରେ ଅପଲୋଡ କରି ରାତାରାତି ଧନୀ ହୋଇଯିବାର ନିଶା ମଧ ଏକ କାରଣ ରହୁଛି।

ତେବେ ସବୁଠାରୁ ବଡ଼ ବିପଜ୍ଜନକ ଦିଗ ହେଉଛି ନିଶାଗ୍ରସ୍ତ ହୋଇ ଏହି କାର୍ଯ୍ୟରେ ଲିପ୍ତ ହେବା କାରଣ ନିଶା ସେବନ କରିବା ପରେ ଜଣେ ସାମୂହିକ ଭାବେ ଦେହଗତ କ୍ଷେତ୍ରରେ କିଛି ଉତ୍ତେଜନା ପାଇଥାଏ। ଯାହାକି ସେମାନଙ୍କୁ ଏପରି ଦୁର୍ବାର କାର୍ଯ୍ୟ କରିବାକୁ ପ୍ରୋତ୍ସାହିତ କରିଥାଏ। ରିଲ୍ସ ପରି ସେଲଫି ମାନିଆ ମଧ ଏକ ପ୍ରକାର ବିକୃତି କହିଲେ ଅତ୍ୟୁକ୍ତି ହେବନାହିଁ। ଏପରି କାର୍ଯ୍ୟ ଭାରତ ବାହାରେ ହେଉଥିଲେ ମଧ ସେଠାକାର ଆଇନରେ ଏ ନେଇ ବିଧିବଦ୍ଧ ବ୍ୟବସ୍ଥା ରହିଛି ଏବଂ ରିଲ୍ସ ବନାଇବା ପାଇଁ ମଧ ଏକ କ୍ଷେତ୍ର ରହିଛି। ଏହି ରିଲ୍ସ ବନାଇବାରେ କେତେକ କ୍ଷେତ୍ରରେ ଅଭିଭାବକଙ୍କ ଦୋଷ ମଧ ନଜରକୁ ଆସିଥାଏ କାରଣ ଆଜିକାଲି ସମସ୍ତଙ୍କ ହାତରେ ଉଚ୍ଚ ପ୍ରଯୁକ୍ତି ବିଦ୍ୟାର ଦାମୀ ମୋବାଇଲ ରହିଛି। ଏବଂ କେତେକ ଅଭିଭାବକ ସେମାନଙ୍କ ଛୋଟ ପିଲାଙ୍କୁ ଆକର୍ଷଣୀୟ ଓ ଅନ୍ୟ ମାନଙ୍କ ଠାରୁ ଶ୍ରେଷ୍ଠ ଦେଖାଇବା ପାଇଁ ରିଲ୍ସ ବା ମୋବାଇଲ ଫୋନରେ ସର୍ବଶେଷ ଫଟୋ ସୁଟ କରି ଅନ୍ୟମାନଙ୍କୁ ପଠାଇବା ପାଇଁ ପ୍ରେରିତ କରିଥାନ୍ତି। ପରବର୍ତ୍ତୀ ସମୟରେ ଏହା ପିଲାଟିର ବୟସ ବୃଦ୍ଧି ହେବା ସହ ଏଥିପ୍ରତି ଆସକ୍ତି ମଧ ବଢ଼ିଥାଏ। ଏହା କେତେକ କ୍ଷେତ୍ରରେ ହିଂସାତ୍ମକ ରୂପ ମଧ ନେଇଥାଏ। ପ୍ରେମ କ୍ଷେତ୍ର ହେଉ ବା ଅର୍ଥ ଦେଣନେଣ କ୍ଷେତ୍ରରେ ବନ୍ଧୁତା ସବୁକିଛି ତୁଚ୍ଛ ହୋଇଯାଇ ଏହା ଅସାମାଜିକ ଭାବନାକୁ ବଢ଼ାଇ ଦେଇଥାଏ। ଜନୈକ ସାଇବର ବିଶେଷଜ୍ଞଙ୍କ କହିବା ଅନୁଯାୟୀ ବିପଦଜନକ ରିଲ୍ସ ବନାଇବା ବେଳେ କାହାରିକୁ ସାବାଡ଼ କରି ହେବନି। କିନ୍ତୁ ବିରି ମାଡ଼ ଦେଖି କୋଳଥ ଚେପା ଉକ୍ତି ଭଳି ପଦକ୍ଷେପ ନେବାକୁ ପଡ଼ିବ। ସୋସିଆଲ ମିଡ଼ିଆରେ ବିପଦଜନକ ରିଲ୍ସ ଭିଡ଼ିଓ ଦେଖିବା ମାତ୍ରେ ସମ୍ପୃକ୍ତ ଆଡ଼ମିନ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ ନେବା ଦରକାର। ସାଇବର ପୁଲିସ ଏ ଦିଗରେ ଧ୍ୟାନ ଦେଉ। ପୁଲିସର ଏକ ସ୍ୱତନ୍ତ୍ର ଟିମ ଫେସବୁକ, ୟୁଟ୍ୟୁବ ଓ ଇନଷ୍ଟାଗ୍ରାମରେ ରୀତିମତ ନଜର ରଖି ଅମାନିଆଙ୍କୁ ଖୋଜି ବାହାର କରୁ। ବିପଦଜନକ ରିଲ୍ସ ଟ୍ରେଣ୍ଡ ଆପେ କମିଯିବ। ଏମିତି ନୁହେଁ ଯେ, ଓଡ଼ିଶା ପୁଲିସ କିଛି ପଦକ୍ଷେପ ନେଉନି। ଗତ ମାର୍ଚ୍ଚ ମାସରେ ଟୁଇଟ କରିଥିଲା ରାଜ୍ୟ ପୁଲିସ। ରେଳଧାରଣା, ପାହାଡ଼ ଓ ଗଭୀର ପାଣି, ଘାଟି ଭଳି ବିପଦପୂର୍ଣ୍ଣ ଜାଗାରେ ରିଲ୍ସ ନ କରିବାକୁ ପରାମର୍ଶ ଦେଇଥିଲା। କମିଶନରେଟ ପୁଲିସ ମଧ ଏଭଳି ଉତ୍ପାତିଆଙ୍କ ବିରୋଧରେ ଫତୱା ଜାରି କରିଥିଲା। ସୋସିଆଲ ମିଡ଼ିଆରେ ଭୟଙ୍କର ରିଲ୍ସ ଦେଖାଇ ଆତଙ୍କ ଖେଳାଉଥିବା ବ୍ୟକ୍ତିଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ ଚେତାଇଥିଲା। ଏ କ୍ଷେତ୍ରରେ ବାପା ମାଆଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ପ୍ରାଥମିକ ଭାବେ ପିଲାମାନଙ୍କୁ ମୋବାଇଲ ବ୍ୟବହାର କରିବା ପାଇଁ ଦେଉଥିଲେ ସତର୍କତା ଅବଲମ୍ବନ କରନ୍ତୁ। ପିଲା କେଉଁ ସାଇଟକୁ ଯାଉଛି, କ'ଣ ଦେଖୁଛି, କେତେ ସମୟ ବିତାଉଛି ଏବଂ ଏହାକୁ ନେଇ ତାର ବ୍ୟବହାରିକ ଓ ଆଚରଣଗତ ପରିବର୍ତ୍ତନ କ'ଣ ହେଉଛି ନଜର ରଖିବା ଜରୁରୀ। ଯଦି ପରବର୍ତ୍ତୀ ସମୟରେ ପିଲାଟି ଏଥିରେ ଅଭ୍ୟସ୍ତ ହୋଇଯାଉଛି ବା ଯେଉଁମାନେ ବି ଘଣ୍ଟା ଘଣ୍ଟା ଏପରି ବିପଦଜନକ ରିଲ୍ସ ତିଆରି କରୁଛନ୍ତି ସେମାନଙ୍କ ମନସ୍ତାତ୍ତ୍ୱିକ ପରୀକ୍ଷଣ ଓ ପରାମର୍ଶ ଦରକାର। ସେମାନେ କ୍ଲିନିକାଲ ସାଇକୋଲୋଜିଷ୍ଟଙ୍କ ଠାରୁ ଥେରାପି ବି ନେଇପାରିବେ। ଅଭଭାବକମାନେ ଏ ନେଇ ଅଧିକ ବ୍ୟତିବ୍ୟସ୍ତ ନ ହୋଇ ପିଲାଟିକୁ ସ୍ୱାଭାବିକ ଜୀବନ ଅତିବାହିତ କରିବା ପାଇଁ ବା ଜଣକୁ ଏହି ନିଶାରୁ ନିବୃତ୍ତ କରିବା ପାଇଁ ତାକୁ ଉଚିତ ପରାମର୍ଶ ଦିଅନ୍ତୁ, ତା ପାଇଁ ଏକ ଭଲ ରୁଟିନ ତିଆରି କରନ୍ତୁ ଏବଂ ଆବଶ୍ୟକ ପଡ଼ିଲେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

# ମା,ମିଲେଟ ଓ ମିଶନ୍ ଶକ୍ତି

॥ ଡ଼ି ଶୁଭମ୍ ॥

ଓଡ଼ିଶା ଏବେ ବିକାଶର ଗାଥା ଗାଉଛି । ଆମ ରାଜ୍ୟ ଓଡ଼ିଶା- ଯେଉଁଠି ମାଟି ବି ବୀରତ୍ୱର କଥା କହେ, ପବନରେ ସଂଗ୍ରାମର ଇତିହାସ ବହେ। ଏ ମାଟି ଉଦ୍ୟୋଗର ମାଟି । ଏ ମାଟି ଉଦ୍ୟୋଗୀର ମାଟି । ଆଉ ଏ ମାଟି ମିଶନର ମାଟି । ଆଉ ଆଜି ଏ ମାଟିରେ ମିଶନ୍ ଶକ୍ତି ଠୁ ଆରମ୍ଭ କରି ମିଲେଟ ଯାଏଁ ସବୁ ଏକ ବୃହତ୍ତର ମିଶନରେ ପରିଗଣିତ ହୋଇଛନ୍ତି । ଆପଣ ଅଶୀ ନବେ ଦଶକ କୁ ଯଦି ଫେରିଯିବେ ଲକ୍ଷ୍ୟ କରିପାରିବେ , ସେତେବେଳେ ମା' ମାନଙ୍କର ଭୂମିକା ଉଦ୍‌ଯୋଗ କ୍ଷେତ୍ରରେ ଏତେଟା ନଥିଲା । କିନ୍ତୁ ଏବେ ଆପଣ ଓଡ଼ିଶାର ରୂପାନ୍ତରଣକୁ ଲକ୍ଷ୍ୟ କରନ୍ତୁ । ଆଜି ମା' ମାନେ ଉଦଯୋଗୀ । ଆଜି ମା' ମାନେ କେବଳ ପଲ୍ଲୀ ଠାରୁ ଦିଲ୍ଲୀ ନୁହେଁ ବରଂ ଦେଶ ବିଦେଶରେ ଯାତ୍ରା କରି ନିଜ ଉଦ୍‌ଯୋଗର କଥା ପହଁଚ଼ାଇଛନ୍ତି । ଆଉ ଆମ ମା' ମାନଙ୍କୁ ଆଜି ଶକ୍ତି ଯୋଗାଉଛି ମିଶନ୍ ଶକ୍ତି । ରାଜ୍ୟ ସରକାରଙ୍କ ଏକ ବିକଶିତ ପରିକଳ୍ପନା ହେଉଛି ମିଶନ ଶକ୍ତି । ଯେଉଁଠାରେ ମା' ମାନଙ୍କର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଆଜି ମିଶନଶକ୍ତି ମାଧ୍ୟମରେ ମା' ମାନେ ସ୍ୱାବଲମ୍ବୀ ହେବା ସହ ପରିବାର ପ୍ରତିପୋଷଣ କରିପାରୁଛନ୍ତି । ରାଜ୍ୟସରକାରଙ୍କ ଏହି ଯୁଗାନ୍ତକାରୀ ପଦକ୍ଷେପ ଆଜି ସଫଳତାର ମହକ ବୁଣୁଛି । ଏହାରି ଭିତରେ ମିଲେଟ ମିଶନ ଏହି ସଫଳତାରେ ଆଉ ଏକ ଖିଅ ଯୋଡ଼ିଛି ।

ବନ୍ଧୁଗଣ , ଆପଣମାନେ ମାଣ୍ଡିଆ ବିଷୟରେ ପିଲାଟି ଦିନରୁ ଶୁଣିଥିବେ , ଏଥିରେ ଦ୍ୱିମତ ନାହିଁ । କିନ୍ତୁ ମାଣ୍ଡିଆ ପ୍ରତି ଯେଉଁ ଭାବନା ୧୫-୨୦ବର୍ଷ ତଳେ ଥିଲା ଆଜି ସେଥିରେ ଆକାଶ ପାତାଳ ତଫାତ୍ । ଆଜି ମାଣ୍ଡିଆ କେବଳ ଏକ ଲଘୁଶସ୍ୟ ନୁହେଁ , ଏହା ଏକ ମିଶନ । ରାଜ୍ୟସରକାରଙ୍କ କୃଷି ବିଭାଗ ଠାରୁ ଆରମ୍ଭ କରି ଓଡ଼ିଶା ମିଲେଟ ମିଶନ ଏ ଦିଗରେ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇଛି । ୨୦୨୩କୁ ଆନ୍ତର୍ଜାତୀୟ ମାଣ୍ଡିଆ ବର୍ଷ ଭାବେ ଘୋଷଣା କରାଯିବା ସହ ନଭେମ୍ବର ୧୦କୁ ମାଣ୍ଡିଆ ଦିବସ ଭାବେ ପାଳନ କରାଯାଇଥିଲା । ଏବେ ମାଣ୍ଡିଆ ପାଇଁ ଆକାଂକ୍ଷା ଆଉ ଉତ୍କଣ୍ଠା । ସବୁଠି ମିଲେଟର ଜୟଯାତ୍ରା । ମଲ୍ ମାନଙ୍କରେ ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ତ ପୁଣି ବିଭିନ୍ନ ଉତ୍ସବ ମାନଙ୍କରେ ମାଣ୍ଡିଆର ଖାଦ୍ୟ ପାଖରେ ଲୋକ ଭିଡ଼ ଜମେଇଲେଣି ।

କେବଳ ମଧୁମେୟ ରୋଗୀ ନୁହେଁ ସମାଜର ସବୁ ଶ୍ରେଣୀ ଆଉ ସବୁ ବର୍ଗର ଲୋକେ ଏହାକୁ ଏବେ ନିଜ ଖାଦ୍ୟରେ ସାମିଲ କଲେଣି । ମିଶନ୍ ଶକ୍ତି ମା' ମାନେ ଏବେ ମିଲେଟ ଶକ୍ତି କାଫେ ରେ ନିଜର ପାରଦର୍ଶିତା ଦେଖାଇଲେଣି । ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟପେୟ ଏବେ ଏହି କାଫେରେ ଉପଲବ୍ଧ । ଏଥିରେ ମା' ମାନଙ୍କର ହିଁ ଭୂମିକା ଅଧିକ । ଓଡ଼ିଶାରେ ମିଲେଟ ମିଶନ ଏବେ ଏକ ବିପ୍ଳବରେ ରୂପାନ୍ତରିତ ହୋଇଛି । ଶୁଷ୍କ ମାଟିର ସୁନା ମାଣ୍ଡିଆକୁ ଚାଷ କରିବା ପାଇଁ ଚାଷୀ ଏବେ ବେଶ ଆଗଭର । ଚାଷୀ ମାନଙ୍କୁ ଏ ଦିଗରେ ତାଲିମ ମିଳିବା ସହ ମିଲେଟ ମିଶନ ଜରିଆରେ ଅନେକ ଉପଯୋଗୀ ପନ୍ଥା ଆପଣାଯାଉଛି । ଏମିତିକି ବଡ଼ ବଡ଼ ହୋଟେଲ ମାନେ ଏବେ ଖାଦ୍ୟ ମନ୍ୟୁରେ ମାଣ୍ଡିଆକୁ ସାମିଲ କରିବାକୁ ମନ ବଳାଇଛନ୍ତି । କେବଳ ସେତିକି ନୁହେଁ ରାଜ୍ୟ ସରକାରଙ୍କ ତରଫରୁ ମାଣ୍ଡିଆର ଭୂ ପ୍ରଜାତି ଜାରି କରିବାରେ ଦେଶର ପ୍ରଥମ ରାଜ୍ୟ ଓଡ଼ିଶା । ୧୬୩ଟି ଭୂପ୍ରଜାତିର ଚିହ୍ନଟକରଣ କରାଯିବା ସହ ଏ ଦିଗରେ ବେଶ ତତ୍ପର ଭାବେ କାମ କରୁଛି ରାଜ୍ୟ ସରକାର । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କୃଷି ଓ କୃଷକର ବିକାଶ ଆଭିମୁଖ୍ୟକୁ ନେଇ ଏହି ମିଲେଟ ମିଶନ ଆଗାମୀ ଦିନର ସଫଳତାର ତୂର୍ଯ୍ୟନାଦ କରିବ ।

ଓଡ଼ିଶା ମିଲେଟ ମିଶନ ଏବେ ଏକ ବିପ୍ଳବରେ ପରିଣତ ହେଲାଣି । ଫାର୍ମରୁ ପ୍ଲେଟ ଯାଏଁ ମାଣ୍ଡିଆ ଆଜି ସଫଳତାର ଗୀତ ଗାଉଛି । ମିଶନ୍ ଶକ୍ତି ,କୃଷି ବିଭାଗ, ମହିଳା ଓ ଶିଶୁ ବିକାଶ ପରି ବିଭନ୍ନ ବିଭାଗ ମାନେ ଏବେ ଏହି ସଫଳତାରେ ଯୋଡ଼ି ହୋଇଛନ୍ତି । ଆମ ରାଜ୍ୟର ମିଲେଟ ମିଶନ ଏବେ ୧୯ଟି ଜିଲ୍ଲାରେ ପ୍ରସାର ହେବା ସହ ବର୍ତ୍ତମାନ ସମୟରେ ବୌଦ୍ଧ, ଢ଼େଙ୍କାନାଳ , ଝାରସୁଗୁଡ଼ା ଓ ନୟାଗଡ଼ ଜିଲ୍ଲା ଏହି ପ୍ରୟାସର ସାମିଲ ହୋଇଛନ୍ତି । ୧୪୨ ବ୍ଲକର ୧୬୨୨ ଗ୍ରାମ ପଂଚ଼ାୟତର ୧୬୯୮୯ ଗ୍ରାମର ପାଖାପାଖି ୧.୨୯ଲକ୍ଷ ଚାଷୀ ମାନେ ଆଜି ମିଲେଟ ମିଶନରେ ଯୋଡ଼ି ଏହି ବିପ୍ଳବର ସାରଥି ସାଜିଛନ୍ତି । ୨୦୨୦-୨୧ ସୁଦ୍ଧା ପାଖାପାଖି ୬ଲକ୍ଷ କୁଇଣ୍ଟାଲ ମାଣ୍ଡିଆ ଏହି ମିଶନ ଦ୍ୱାରା ଉତ୍ପାଦିତ ହୋଇଥିଲା । ଓଡ଼ିଶା ମିଲେଟ ମିଶନ ଜୈବିକ କୃଷିକୁ ପ୍ରାଧାନ୍ୟ ଦେଇ ଚାଷ କରିବା ସହ ଚାଷ ଜମିର ଗୁଣବତ୍ତା ବୃଦ୍ଧି ଉପରେ ଗୁରୁତ୍ୱ ଦିଏ ।

ଏକ ସୁସ୍ଥ,ସବୁଜ ଓ ସ୍ୱାବଲମ୍ବୀ ଭବିଷ୍ୟତ ଗଠନ ଦିଗରେ ଓଡ଼ିଶା ମିଲେଟ ମିଶନ ସଂକଳ୍ପବଦ୍ଧ । ଆସନ୍ତୁ ଆପଣ ବି ଏ ବିପ୍ଳବରେ ଯୋଡ଼ି ହୁଅନ୍ତୁ। ମିଶନ ଶକ୍ତି ଓ ମିଲେଟ ମିଶନ - ଏଦୁଇଟି ବୈପ୍ଳବିକ ଆହ୍ୱାନ କୁ ମା' ମାନେ ଶାଣିତ କରୁଛନ୍ତି। ଆଜି ଆମ ରାଜ୍ୟର ମା' ମାନେ ଜଣେ ଜଣେ ଉଦ୍ୟୋଗୀ । ମା ,ମିଲେଟ୍ ଓ ମିଶନ୍ ଶକ୍ତି -ଆମ ରାଜ୍ୟର ପରିଚ଼ୟକୁ ଦ୍ୱିଗୁଣିତ କରିଛନ୍ତି । ଏକ ସମୃଦ୍ଧ ତଥା ବିକଶିତ ଓଡ଼ିଶା ଗଠନରେ ଏ ତିନୋଟିର ସମନ୍ୱୟ ଓ ପ୍ରଚେଷ୍ଟା ସ୍ୱାଗତଯୋଗ୍ୟ ।

(ଜୈବ ନିରୀକ୍ଷକ , ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା(ଓସୋକା) , ଭୁବନେଶ୍ୱର , ମୋ- ୯୪୩୮୪୬୭୦୭୯)

## ଆଉ ଶୁଭୁନି ଜାନୁଘଣ୍ଟିଆଙ୍କ ଦଶାବତାର କଥା

ବେଗୁନିଆ, (ମହାଭାରତ): ଗାଁ ଦାଣ୍ଡରେ ଆଉ ଦେଖିବାକୁ ମିଳୁ ନାହାନ୍ତି ଜାନୁଘ□ିଆ ଆଉ ଶୁଭୁନାହିଁ ଦଶାବତାରଙ୍କ ବର୍ଣ୍ଣନା ଆମ ଓଡ଼ିଶାର ଲୋକକଳା ପରମ୍ପରା ବିଶ୍ୱରେ ନିଆରା ସେଥିମଧ୍ୟରେ ଜାନୁଘଣ୍ଟିଆ ପରମ୍ପରା ଅନ୍ୟତମ। ଯାହା ଏବେ ବିଲୁପ୍ତ ହେବାକୁ ବସିଲାଣିୟ ଜାନୁଘଣ୍ଟିଆ ବା ଜାନୁଘ□ ପର୍ଶୁରାମଙ୍କୁ ବହୁ ସମ୍ମାନ ପ୍ରଦାନ କରାଯାଉ ଥିବା ବେଳେ ଏମାନେ ପର୍ଶୁରାମଙ୍କର ସେବକ ଭାବେ ନିଜକୁ ପ୍ରତିପାଦନ କରିଥାନ୍ତି ୟ ଜାନୁଘ□ିଆ ନିଜ ଡାହାଣ ଜଙ୍ଘ ତଥା ଜାନୁରେ ପିତଳ ଘଣ୍ଟି ବାନ୍ଧି ଗାଁ ଗାଁରେ ବୁଲି ମହାପ୍ରଭୁଙ୍କ ଦଶାବତାରକୁ କହି ବୁଲିଥାନ୍ତି ଏବଂ ରାମ ନାମର ପ୍ରଚାର କରିଥାନ୍ତି। ଜାନୁଘଣ୍ଟିଆମାନେ ଗାଁ ପରିକ୍ରମା କଲେ ଗାଁର ମଙ୍ଗଳ ହୁଏ ବୋଲି ବିଶ୍ୱାସ ରହିଥିବା ବେଳେ ଏହି ପରମ୍ପରା ବୁଡି ଯିବାକୁ ବସିଲାଣିୟ ଜାନୁଘଣ୍ଟିଆଙ୍କ ସ୍ୱତନ୍ତ୍ର ବେଶ ରହିଛି। ମୁଣ୍ଡରେ ସ୍ୱତନ୍ତ୍ର ପଗଡ଼ି, କପାଳେ ରାମାନନ୍ଦୀ ଚିତା,କଣ୍ଠ ତୁଳସୀ ମାଳା ସହ ଦକ୍ଷିଣ ହସ୍ତରେ ଫାର୍ସା ଓ ବାମ ହସ୍ତରେ ଥାଳ ଧରିଥାନ୍ତି। ସେହିଭଳି ଏହି କଳା ଓ ପରମ୍ପରାକୁ ବ□ାଇ ରଖିଥିବା କାଳୀପୋଇ ଗ୍ରାମର ମାଧବ ଦାସ କହନ୍ତି ମୁଁ ପ୍ରାୟ ୩୫ ବର୍ଷ ହେବ ଜଙ୍ଘରେ ଘଣ୍ଟି ଓ ହାତରେ ଫାର୍ସା ଧରୀ ବିଭିନ୍ନ ଗାଁର ଧର୍ମ ଦାଣ୍ଡରେ ବୁଲୁଛି। ସେହିଭଳି ଆମ ପରମ୍ପରା ଅନୁଯାୟୀ ଆମେ ଧର୍ମ ଦାଣ୍ଡରେ ରାମ କଥା ଓ ଦଶାବତାର ବୋଲି ବୁଲିବା ବେଳେ କାହା ଦୁଆର ଉଠିବୁ ନାହିଁ କି କାହାକୁ ମାଗିବୁ ନାହିଁ ବୋଲି ଆମ ପରମ୍ପରାରେ ରହିଛି । ଯିଏ ଭକ୍ତିରେ ଯାହା ଦିଅନ୍ତି ଆମେ ତାକୁ ଗ୍ରହଣ କରୁ ବୋଲି କହିଛନ୍ତି । ସେହିଭଳି ମାଧବ ଦାସ କହନ୍ତି ଜଙ୍ଘରେ ଘଣ୍ଟି ବାନ୍ଧି ଚାଲିବାରେ ବହୁ କଷ୍ଟ ହୁଏ କିନ୍ତୁ ବାପା, ଅଜା ଅମଳରେ ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ମୁଁ ଅନବରତ ଲାଗି ପଡିଛି ଏହା ସହ ଏହି ପରମ୍ପରାକୁ ବଞ୍ଚାଇ ରଖିବା ନୂତନ ପିଢ଼ି ଆଗ୍ରହ ପ୍ରକାଶ କରୁନଥିବା ବେଳେ ମୁଁ ବାଣପୁର ଅଂଚଳର ଜଣେ ଯୁବକଙ୍କୁ ଶିଷ୍ୟ ଭାବେ ଗ୍ରହଣ କରି ତାଙ୍କୁ ଏ ଶିକ୍ଷା ପ୍ରଦାନ କରିଥିବା କହିଛନ୍ତି।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ହିତାଧୀକାରୀ ନିଜେ କରିବେ ସର୍ଭେ



ନୟାଗଡ଼, ( ମହାଭାରତ ) : ଯୋଗ୍ୟ ହିତାଧିକାରୀ ଙ୍କୁ ମିଳିବ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରେ ସୁନିଶ୍ଚିତ ପକ୍କା ଘର। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ହିତାଧୀକାରୀ ନିଜେ କରିବେ ସର୍ଭେୟ ଆଉ ଜାଲିଆତି କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ହାତେଇ ପାରିବେ ନାହିଁ ଅଯୋଗ୍ୟ ବ୍ୟକ୍ତି। ମୋବାଇଲ ଆପ୍ ରୋକିବ ସର୍ଭେ ରିପୋଟ। ଯୋଗ୍ୟ ହିତାଧିକାରୀଙ୍କୁ ମିଳିବ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସୁନିଶ୍ଚିତ ପକ୍କା ଘରୟ କଟିବେ ଅଯୋଗ୍ୟ ଯୋଡ଼ି ହେବେ ଯୋଗ୍ୟ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ। ଏଥିପାଇଁ ହିତାଧୀକାରୀ ମାନେ ନିଜର ଘର ପାଇଁ କରିବେ ସର୍ଭେ। ମୋବାଇଲ ଆପରେ ସମ୍ପୂର୍ଣ୍ଣ ତଥ୍ୟ ଦେଇ ଆବେଦନ କରିବେ। ଘର ସ୍ଥିତି, କେଉଁଠି କରିବେ ଘର, ଆଧାର କାର୍ଡ, ବ୍ୟାଙ୍କ ଖାତା ସହ ଫୋନ୍ ନମ୍ବର୍ ଲିଙ୍କ୍, ଘରବାରି ପଟ୍ଟା , ପରିବାର ସଦସ୍ୟ ନାମ, ସହ ଆବଶ୍ୟକ ତଥ୍ୟ ଦେବା ପାଇଁ ପଡିବ। ଏଥିପାଇଁ ସରକାର ଖୁବ୍ ଶୀଘ୍ର ନୂଆ ମୋବାଇଲ ଆପ୍ ପ୍ରଚଳନ କରିବା ପାଇଁ ଯାଉଛନ୍ତି। ଆପ୍ ମାଧ୍ୟମରେ କିଭଳି ହିତାଧୀକାରୀ ମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର ପାଇଁ ଆବେଦନ କରିବେ ଏବଂ କ'ଣ ସବୁ ଡକ୍ୟୁମେ□ ଦେବା ପାଇଁ ପଡିବ ସେ ନେଇ ଗତ ଦୁଇ ତାରିଖରୁ ଚାରି ତାରିଖ ମଧ୍ୟରେ ରାଜ୍ୟର ସମସ୍ତ ପଞ୍ଚାୟତରେ ସଚେତନ ତାଲିମ କର୍ମଶାଳା ଅନୁଷ୍ଠିତ ହେବ ଏଥିପାଇଁ ସରକାର ସମସ୍ତ ଜିଲ୍ଲାପାଳ ଏବଂ ବିଡ଼ିଓ ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଚାରି ତାରିଖ ପରେ ଦୁଇ ମାସ ଧରି ହିତାଧୀକାରୀ ମାନେ ଆପ୍ ମାଧ୍ୟମରେ ଆବେଦନ କରିବେୟ ପରେ ଏହାକୁ ଲିଷ୍ଟ କରି ଅଙ୍ଗନୱାଡି କେନ୍ଦ୍ର ଏବଂ ସର୍ବସାଧାରଣ ସ୍ଥାନରେ ଟଙ୍ଗା ଯିବ। ଏଥିରେ ଅଭିଯୋଗ ଆସିଥିଲେ ତଦନ୍ତ କରାଯିବ। ଫାଇନାଲ ଲିଷ୍ଟ ଆସିବା ପରେ ଗ୍ରାମ ସଭାରେ ମଞ୍ଜୁର ହେବୟ କିଏ ପାଇବ ଘର କିଏ ନାହିଁ ଏଥିପାଇଁ ସରକାରଙ୍କ ନିର୍ଦ୍ଦେଶ କ୍ରମେ ନୟାଗଡ଼ ବ୍ଲକ ମାଛିପଡ଼ା ପଞ୍ଚାୟତ ଅନୁଷ୍ଠିତ ହୋଇଥିଲା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ନୂତନ ସର୍ଭେ ସମ୍ବନ୍ଧିୟ ତାଲିମ୍ ଶିବିର।

## ପାଚେରୀ ନିର୍ମାଣ କୁ ବିରୋଧ କରି ତହସିଲଦାର ଓ ଥାନାଧିକାରୀଙ୍କୁ ସ୍ମାରକୀ ପତ୍ର ପ୍ରଦାନ




ଆସିକା (ମହାଭାରତ): ଆସିକା ସବଡ଼ିଭିଜନ ଡାକ୍ତରଖାନା ପୂର୍ବପଟ ପାଚେରୀ ନିର୍ମାଣ କୁ ବିରୋଧ କରି ଆସିକା ବିଧାୟକ ଙ୍କ ଉଦେଶ୍ୟରେ ତହସିଲଦାର ଓ ଥାନାଧିକାରୀ ଙ୍କୁ ଆସିକା ଏନଏସି ୱାର୍ଡନମ୍ବର ୧ ମେମ୍ବର ସରୋଜ କୁମାର ଭଞ୍ଜ ଙ୍କ ନେତୃତ୍ୱରେ ବହୁ ସ୍ଥାନୀୟ ବାସିନ୍ଦା , ବୁଦ୍ଧିଜୀବି ଏକ ସ୍ମାରକୀ ପତ୍ର ପ୍ରଦାନ କରାଯାଇଛି। ଆସିକା ସବଡ଼ିଭିଜନ ଡାକ୍ତରଖାନାର ମୁଖ୍ୟ ଫାଟକ କୁ ଛାଡିଦେଲେ ପୂର୍ବପଟ ରାସ୍ତା ଟି ୱାର୍ଡ ନମ୍ବର ୧ ପୁଡୁଗେଶ୍ୱର ପଲ୍ଲୀ, ଶବବ୍ୟବଛେଦ ଗୃହ, ଏବଂ ଶହ ଶହ ପଥଚାରୀ ଙ୍କୁ ଚିକିତ୍ସା ଳୟ ମଧ୍ୟକୁ ପ୍ରବେଶ କୁ ସହାୟକ ହେଇଛି । ଏହି ରାସ୍ତା ବନ୍ଦ ହେଲେ ଶହ ଶହ ରୋଗୀ ଏବଂ ରୋଗୀଙ୍କ ସହାୟକ ଚିକିତ୍ସାଳୟ ମଧ୍ୟକୁ ଆସିବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବେ । ତେଣୁ ଏହି ରାସ୍ତା କୁ ପାଚେରୀ ଦ୍ୱାରା ବନ୍ଦ ନକରି ଏକ ଘୁରୁଥିବା ଲୁହା ଗ୍ରିଲ ଲଗାଇବାକୁ ଦାବୀ କରିଛନ୍ତି । ପ୍ରକାଶ ଥାଉକି ଚିକିତ୍ସାଳୟର ବାମ ପାର୍ଶ୍ୱ ଓ ପଛପାର୍ଶ୍ୱର ପାଚେରୀ ଦୀର୍ଘ ବର୍ଷ ଧରି ସମ୍ପୂର୍ଣ ଭାଙ୍ଗି ପଡ଼ିରହିଛି । ଫଳରେ ସେହି ପାର୍ଶ୍ୱରେ କିଛି ଔଷଧ ଦୋକାନ, କ୍ଲିନିକ ଓ ପାଥୋଲୋଜି କରି ନିଜର ବ୍ୟାପାର ଦୀର୍ଘ ଦିନ ହେବ ଅବାଧରେ ଚଳାଇ ଆସୁଛନ୍ତି। ଯାହାଦ୍ୱାରା ନିରୀହ ରୋଗୀ ଆସିକା ସବଡ଼ିଭିଜନ ଡାକ୍ତରଖାନା କୁ ଆସି ବିନା ମୂଲ୍ୟର ସରକାରୀ ଔଷଧ ଓ ଚିକିତ୍ସା ନପାଇ କିଛି ଔଷଧ ଦୋକାନୀ ଓ ପାର୍ଥଲୋଜି ଠାରୁ ଚଢା ଦରରେ ଔଷଧ କ୍ରୟକରି ନାହିଁ ନଥିବା ଅସୁବିଧା ର ସମ୍ମୁଖୀନ ହେଉଥିବାର ଲକ୍ଷ କରାଯାଇଛି। ତେଣୁ ସରକାର ଙ୍କ ପକ୍ଷରୁ ରୋଗୀ ହଇରାଣ ହେଉଥିବା ଅନ୍ୟ ଦୁଇ ରାସ୍ତାକୁ ବନ୍ଦ ନକରି ଯେଉଁ ରାସ୍ତା ଖୋଲା ରହିଲେ ରୋଗୀଙ୍କ ସମେତ ଅଞ୍ଚଳ ବାସୀ ଉପକୃତ ହେବେ ସେ ରାସ୍ତା କୁ ବନ୍ଦ କରିବା ନୀତିକୁ ଅଞ୍ଚଳବାସୀ ଘୋର ନିନ୍ଦା କରିଛନ୍ତି। ଆଗାମୀ ଦିନରେ ଯଦି ଏହି ରାସ୍ତା ବନ୍ଦ ହୁଏ ତେବେ ଅଞ୍ଚଳ ବାସୀଙ୍କ ପକ୍ଷରୁ ଡାକ୍ତରଖାନା ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନୂତନ ସର୍ଭେ ସମ୍ପର୍କରେ ତାଲିମ

ନୂଆଗାଁ (ମହାଭାରତ) : ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଜାକେଡ଼ା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ନୂତନ ସର୍ଭେ ସମ୍ପର୍କରେ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ପ୍ରକଳ୍ପ ପରିଚାଳକ ମହେଶ୍ୱର ରଥ ଯୋଗଦେଇ ନୂତନ ଯୋଗ୍ୟ ହିତାଧିକାରୀ କିପରି ବାଦ ନ ପଡନ୍ତୁ ଏଥି ସହିତ ହିତାଧିକାରୀ କିପରି ନିଜ ମୋବାଇଲରୁ ଆପ୍ ଜରିଆରେ ପଞ୍ଜିକରଣ କରିବେ ତାରି ଉପରେ ତାଲିମ ପ୍ରଦାନ କରିଥିଲେ। ଜାକେଡ଼ା ଗ୍ରାମ ପଞ୍ଚାୟତ ସରପଞ୍ଚ ସୁମିତ୍ରା ଜାନୀ,ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୋପୀନାଥ ବେହେରା, ବ୍ଲକ ପ୍ରକଳ୍ପ ସଂଯୋଜକ ସନ୍ତୋଷ କୁମାର ପ୍ରଧାନ ଉପସ୍ଥିତ ଥିବା ବେଳେ ସେହିପରି ନୂଆଗାଁ ଗ୍ରାମ ପଞ୍ଚାୟତରେ ମଧ୍ୟ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ନୂଆଗାଁ ସରପ□ ଅମିତା ପରିଡ଼ା,ପ□ାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ବେହେରା ସମେତ ବିଭିନ୍ନ ଗ୍ରାମରୁ ବହୁ ସଂଖ୍ୟାରେ ଜନସାଧାରଣ ଯୋଗ ଦେଇଥିଲେ। ଏହା ବ୍ୟତୀତ ନୂଆଗାଁ ବ୍ଲକର ବିଭିନ୍ନ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଶିକ୍ଷକ ଅଭାବ ପୂରଣ ଦାବୀରେ ବିଇଓଙ୍କୁ ଅଫିସରେ ତାଲା ପକାଇବା ସହିତ ଗ୍ରାମବାସୀଙ୍କ ଧାରଣା



ବାଲିଗୁଡା(ମହାଭାରତ): କନ୍ଧମାଳ ଜିଲ୍ଲା କନ୍ଦୁଆଗାଁ ବ୍ଲକ ଅନ୍ତର୍ଗତ ମହାସିଂଙ୍ଗ ପଞ୍ଚାୟତର ଇନ୍ଦିରାଜା ବିଦ୍ୟାଳୟରେ ଶିକ୍ଷକ ଅଭାବକୁ ନେଇ ବିଇଓ ଅଫିସରେ ତାଲା ପକାଇବା ସହିତ ଧାରଣାରେ ବସିଛନ୍ତି ଗ୍ରାମବାସୀ ।ବାରମ୍ବାର ଇନ୍ଦିରାଜା ଗ୍ରାମବାସୀ ବିଇଓଙ୍କୁ ଶିକ୍ଷକ ପୂରଣ ନିମନ୍ତେ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ ଯାହାରି ଫଳରେ ଉତ୍ତକ୍ତ ହୋଇ ଅବିଭାବକ ମାନେ ବିଇଓଙ୍କ କାଯ୍ୟାଳୟ ଫାଟକରେ ତାଲା ପକାଇଥିବା ଦେଖିବାକୁ ମିଳିଛି ।ଉ□କ୍ତ ଗ୍ରାମବାସୀଙ୍କୁ ଶିକ୍ଷା ଅଧିକାରୀ ବୁଝାସୁଝା କରିଥିଲେ ମଧ୍ୟ କିଛି ଶୁଣୁନାହାଁନ୍ତି ଗ୍ରାମବାସୀ ।ଶିକ୍ଷକ ନିଯୁକ୍ତୀ ପୂରଣ ନ ହେବା ପଯ୍ୟନ୍ତ ଧାରଣାରୁ ହଟିବୁନି ବୋଲି କହିଛନ୍ତି ମମତା ଷଣ୍ଡ, ତପନ ଦିଗାଳ , ରାଜବନ ଦିଗାଳ ଓ ସମସ୍ତ ଗ୍ରାମବାସୀ ବୃନ୍ଦ ।ଆଗାମୀ ଦିନରେ ଯଦି ଆମ ବିଦ୍ୟାଳୟରେ ଶିକ୍ଷକ ପୂରଣ ନ ହେବ ତାହା ହେଲେ ଡିଇଓ ଅଫିସକୁ ମଧ୍ୟ ଘେରାଉ କରାଯିବାକୁ ଗ୍ରାମବାସୀ ନିଷ୍ପତ୍ତି ନେଇଥିବା ପ୍ରକାଶ କରିଛନ୍ତି।

## ଜିଲ୍ଲା ସ୍ତରୀୟ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ

ଅନୁଗୋଳ,(ମହାଭାରତ): ଆଜି ଜିଲ୍ଲାପାଳ ଶ୍ରୀ ଅବଦାଲ ମୁହମ୍ମଦ ଅଖତରଙ୍କ ଅଧକ୍ଷତାରେ ଜିଲ୍ଲା ସ୍ତରୀୟ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ ପାଲଲହଡା ବ୍ଲକ୍ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ହୋଇଯାଇଥିବା ଜନଶୁଣାଣି ଶିବିରରେ ସମୁଦାୟ ୨୫ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସସେଥି ମଧ୍ୟରୁ ୨୦ଟି ବ୍ୟକ୍ତିଗତ ଓ ୫ଟି ଗ୍ରାମ୍ୟଭିତ୍ତୀକ ଅଭିଯୋଗର ଶୁଣାଣି ହୋଇଥିବାବେଳେ ୪ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ମୁଖ୍ୟମନ୍ତ୍ରୀ ରିଲିଫ ଫାଣ୍ଡିରୁ ଜଣଙ୍କୁ ୫ ହଜାର ଟଙ୍କା ଏବଂ ରେଡକ୍ରସ ପାଣ୍ଠିରୁ ୨ଜଣଙ୍କୁ ୧୨ହଜାର ୫୦୦ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ହେମନ୍ତ କୁମାର ସିଂହ, ପାଲଲହଡା ଉପଜିଲ୍ଲାପାଳ ଶ୍ରୀ ସୁଶାନ୍ତ କୁମାର ପତି, ଆଇଏ ଏସ୍ ପ୍ରୋବେସନରୀ ତେଜସ୍ୱିନୀ ବେହେରା, ପାଲଲହଡା ତହସିଲଦାର ଆକାଂକ୍ଷା ମହାପାତ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ଦିଲ୍ଲିପ କୁମାର ମିଶ୍ର, ଉପ-ନିର୍ଦ୍ଦେଶକ ଉଦ୍ୟାନ ଶ୍ରୀ ଅମ୍ବର ଲୁଗୁନ୍, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ଶ୍ରୀମତୀ ପ୍ରତିଭା ବାରିକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ନିରୁପମା ପାଣି, ସହକାରୀ ଜିଲ୍ଲାପାଳ ଶ୍ରୀ ପ୍ରତାପହରି ପ୍ରଧାନ, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟର ବାହିତ ରୋଗ) ଡା. ପୂର୍ଣ୍ଣିମା ଉଦଗାତା, ଜିଲ୍ଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧୀକାରୀ ଡ.ନିରୋଦ ଦାସଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଓ ବ୍ଲକ୍ ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ସେହିପରି ଅନୁଗୋଳ ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରୀତିମୟଙ୍କ ଅଧକ୍ଷତାରେ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୩୮ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ଏହି ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ । ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମାଣ ଆବାସ, ଜମିଜମା ସମ୍ୱନ୍ଧୀୟ,ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ ।

## ଆମେ ଦିବ୍ୟାଙ୍ଗ ନୁହେଁ ଆମେ ବି ସକ୍ଷମ

କପ୍ତିପଦା -(ମହାଭାରତ ): କପ୍ତିପଦା -ଆମେ ଦିବ୍ୟାଙ୍ଗ ହେଲେବି ସକ୍ଷମ ! ଆଜି ହେଉଛି ବିଶ୍ ଦିବ୍ୟାଙ୍ଗ ଦିବସ ।ମୟୁରଭଞ୍ଜ ଜିଲ୍ଲା ଉଦଳା ସନ୍ଧାନ ଗୃହରେ ରେ ଏହି ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛ। ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ସୁଶାନ୍ତ ବାରିକ ଓ ସମ୍ମାନିତ ଅତିଥି ଭାବେ ଉଦଳା ଏନଏସି ନଗରପାଳିକା ପ୍ରମିଳା ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ବିଶେଷ କରି ଦିବ୍ୟାଙ୍ଗ ମାନେ ମୁଖ୍ୟ ସ୍ରୋତ ରେ ସାମିଲ ହେବା ସହ ସେମାନଙ୍କ କିପରି ଉନ୍ନତି ହୋଇପାରିବ ସେ ନେଇ ସରକାର ଯୋଜନା କରିଛନ୍ତି ! ତେବେ କପ୍ତିପଦା ଉପଖଣ୍ଡ ରେ ଦିବ୍ୟାଙ୍ଗ ମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ଅତିଥି ମାନେ ଚେଷ୍ଟା କରିବେ ବୋଲି କହିଛନ୍ତି ।ଏହି ପରିକି ନିଜର ଇଚ୍ଛାଶକ୍ତି ଓ ମନୋବଳ ଥିଲେ ଦିବ୍ୟାଙ୍ଗ ବି ସକ୍ଷମ ହୋଇ ପାରିବ ବୋଲି କହିଥିଲେ। କପ୍ତିପଦା ଉପଖଣ୍ଡ ରେ ଥିବା ଦିବ୍ୟାଙ୍ଗ ମାନେ ଯୋଗ ଦେଇଥିଲେ।

## ଅଭିଯୋଗ ପାଇଁ ୧୦ କିଲୋମିଟର ଚାଲିଲେ ଛାତ୍ର ଛାତ୍ରୀ

କପ୍ତିପଦା -(ମହାଭାରତ ): କପ୍ତିପଦା /ଉଦଳା -ବାରମ୍ବାର ଅଭିଯୋଗ ପରେ ବି କେହି ଶୁଣିଲେ ନାହିଁ। ମୁଣ୍ଡ ଉପରେ ପରୀକ୍ଷାୟ ଶେଷରେ ନିଜେ ନେଲେ ଚରମ ନିଷ୍ପତ୍ତି। ଆଉ ଅଭିଯୋଗ ଜଣାଇବା ପାଇଁ ୧୦ କିଲୋମିଟର ଚାଲି ଚାଲି ଗଲେ ଛାତ୍ରୀ। ଏଭଳି ଘଟଣା ଦେଖିବାକୁ ମିଳିଛି ଖୁଣ୍ଟାରେ। ଖୁଣ୍ଟା ବ୍ଲକ କମଳି ଆଶ୍ରମ ବିଦ୍ୟାଳୟରେ ନାହାନ୍ତି ଇଂରାଜୀ ଶିକ୍ଷକ, ତତସହିତ ହଷ୍ଟେଲରେ ଦିଆ ଯାଉଛି ନିମ୍ନମାନର ଖାଦ୍ୟ। ଯାହାକୁ ନେଇ ଆଜି ସକାଳୁ ବିଦ୍ୟାଳୟର ୧୦ ଛାତ୍ରୀ ହଷ୍ଟେଲ ରୁ ବାହାରି ଅଭିଯୋଗ ଜଣାଇବା ପାଇଁ ୧୦ କିଲୋମିଟର ଚାଲି ଚାଲି ଆସି ପହଞ୍ଚିଥିଲେ ଖୁଣ୍ଟା ତହସିଲରେ। ଆଗକୁ ପରୀକ୍ଷା ଥିବା ବେଳେ ଆଜି ପର୍ଯ୍ୟନ୍ତ ଇଂରାଜୀ ଶିକ୍ଷକ ବିଦ୍ୟାଳୟରେ ନାହାନ୍ତି ଯାହା ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି। ଶୀତୁଆ ସକାଳରେ ପ୍ରବଳ ଜାଡରେ ଛାତ୍ରୀମାନେ ଏପରି ଚାଲି ଚାଲି ଅଭିଯୋଗ ଜଣାଇବାକୁ ଆସିବା ବିଦ୍ୟାଳୟର ଅବ୍ୟବସ୍ଥା କୁ ପଦାରେ ପକାଇଛି।

## ଜିଲ୍ଲା ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଦ୍ୱିତୀୟ ଦିନରେ ଆୟୋଜିତ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଗଜପତି ଷ୍ଟାଡିୟମ୍ ଠାରେ ଜିଲ୍ଲା ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ୨୦୨୪ ଦ୍ୱିତୀୟ ଦିନରେ ଆୟୋଜିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ଅନୁପ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ସୁରେଶ ପଟ୍ଟନାୟକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଏ ରାମ ପ୍ରସାଦ ପାତ୍ର, ଗୁମ୍ମା ବ୍ଲକ ଗୋଷ୍ଠୀ କୃଷି ଅଧିକାରୀ ନାରାୟଣ ଚନ୍ଦ ପ୍ରମୁଖ ମଞ୍ଚାସିନ ଥିଲେ ଓ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଏ ରାମ ପ୍ରସାଦ ପ୍ରଦାନ କରିଥିଲେ ।ଏହି କୃଷି ମେଳାରେ ବିଭିନ୍ନ ବ୍ଲକର ଚାଷୀ ଭାଇ ଭଉଣୀମାନେ ଉପସ୍ଥିତ ଥିଲେୟ ଜିଲ୍ଲାର ଚାଷୀ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ରିହାତି ମୂଲ୍ୟରେ ଯନ୍ତ୍ରପାତି ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି। ଏହି ଯନ୍ତ୍ରପାତି ମେଳାର ମୁଖ୍ୟ ଲକ୍ଷ୍ୟ ହେଲା ଜିଲ୍ଲାର ଚାଷୀଙ୍କ ଉତ୍ପାଦନ କ୍ଷେତ୍ରରେ କମ୍ ସମୟରେ କେମିତି ଅଧିକ ରୁ ଅଧିକ ଫସଲ ଉତ୍ପାଦନ କରିପାରିବେ ଓ ରାଜ୍ୟ ସରକାର ଚାଷୀଙ୍କ ଉନ୍ନତିର ବିକାଶ ନିମନ୍ତେ କୃଷି ଯାନ୍ତ୍ରିକ ମେଳା କରାଯାଉଛି। ଯନ୍ତ୍ରପାତି ଗୁଡିକ ରିହାତି ଓ ବିକ୍ରୟ ବ୍ୟବସ୍ଥା, ବ୍ୟାଙ୍କ ସହାୟତା କେନ୍ଦ୍ର ମାଧ୍ୟମରେ କୃଷି ଯନ୍ତ୍ରପାତି ପାଇଁ ଋଣର ବ୍ୟବସ୍ଥା ରହିଛ ।ଶେଷରେ ଗୁମ୍ମା ବ୍ଲକ ଗୋଷ୍ଠୀ କୃଷି ଅଧିକାରୀ ନାରାୟଣ ଚନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିନ୍ଦଲ କମ୍ପାନୀକୁ ଅର୍ଥନୈତିକ ଅବରୋଧରେ

ଅନୁଗୋଳ,(ମହାଭାରତ ) : ବ୍ୟାପକ ଅନିୟନ୍ତ୍ରିତ ଶିଳ୍ପାୟନ ଓ ଖଣି ଖାଦାନ ଯୋଗୁଁ ଏବେ ସମଗ୍ର ଅନୁଗୋଳ ଜିଲ୍ଲା ବିଶେଷ କରି ଛେଣ୍ଡିପଦା ଅଞ୍ଚଳ ବିଷ ବଳୟ ଭିତରେ ରହିବା ସହ ବ୍ୟାପକ ପ୍ରଦୂଷଣ ଯୋଗୁଁ, ଜନଜୀବନ ବିପର୍ଯ୍ୟସ୍ତ ହୋଇପଡିଛି । ଏଠାରେ କର୍ପୋରେଟ ରାଜ ଚାଲିଥିବା ବେଳେ ଜଳ, ଜମି ଓ ଜଙ୍ଗଲର ଲୁଟ ଯୋଗୁଁ ପ୍ରଭାବିତ ଏବଂ ବିସ୍ଥାପିତ ଲୋକଙ୍କର ଅର୍ଥନୈତିକ ତଥା ସାମାଜିକ ଜୀବନରେ ବିପର୍ଯ୍ୟୟ ଘଟିଛି । ବିଭିନ୍ନ କମ୍ପାନୀ ମାନେ ନିଜ ସ୍ୱାର୍ଥ ହାସଲ କରିବାକୁ ଯାଇ ସରକାରୀ ନିୟମ ମାନୁ ନାହାନ୍ତି । ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ପ୍ଲାଣ୍ଟର ବ୍ୟାପକ ପ୍ରଦୂଷଣ ଏବଂ ଜମି ସମେତ ବିଭିନ୍ନ ପ୍ରାକୃତିକ ସମ୍ପଦ ଲୁଟ୍ ଏବଂ କର୍ପୋରେଟ ରାଜ ଯୋଗୁଁ ଲୋକମାନେ ଅତିଷ୍ଠ ହୋଇପଡିଛନ୍ତି । ଯାହାକୁ ବିରୋଧ କରିବା ସହ ଉଚିତ୍ ନ୍ୟାୟ ପାଇଁ ଜିନ୍ଦଲ ପ୍ଲାଣ୍ଟ ଗେଟ୍ ସମ୍ମୁଖରେ ଜିନ୍ଦଲ ଷ୍ଟିଅରିଙ୍ଗ କମିଟି ପକ୍ଷରୁ ଅର୍ଥନୈତିକ ଅବରୋଧ କରାଯାଇଛି । ଆବାହକ ସସ୍ମିତା ବେହେରାଙ୍କ ନେତୃତ୍ୱରେ ଏହି ଜିନ୍ଦଲ କମ୍ପାନୀ କୁ ଅର୍ଥନୈତିକ ଅବରୋଧ କରାଯାଇଛି । ଜିନ୍ଦଲ କମ୍ପାନୀର ଉଏଚ ପ୍ଲାଣ୍ଟ ଓ ଫ୍ଲାଏଆଶ ପ୍ରଦୂଷଣ ।

## ଧାରଣାକାରୀଙ୍କ ୪ଟି ଦାବି ପୂରଣ ନେଇ ମିଳିଲା ପ୍ରତିଶ୍ରୁତି



ଯୋଡା, (ମହାଭାରତ)କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ମଣ୍ଡଳର ବିଲେଇପଦା ସ୍ଥିତ ଟାଟାଷ୍ଟିଲ ସ୍ପଞ୍ଜ ଆଇରନ ଲିଃରେ ନିଯୁକ୍ତି ଏବଂ ରେଲୱେ ସାଇଡ଼ିଂର ବିଭିନ୍ନ କାର୍ଯ୍ୟ ଗ୍ରାମ୍ୟ କମିଟି ଦ୍ୱାରା କରାଯିବାକୁ ଦାବି କରି ଗତ ଶୁକ୍ରବାର କାଳିଆବେଡ଼ା ଓ ଭାଗଲପୁର ଗାଁର ଲୋକେ ରେଲୱେ ସାଇଡିଂ ଫାଟକ ଆଗରେ ଧାରଣା ଦେଇଥିଲେ। ଏନେଇ ଗ୍ରାମବାସୀଙ୍କ ଦାବି ପୂରଣ ନେଇ ମଙ୍ଗଳବାର ଏକ ତ୍ରିପାକ୍ଷିକ ଆଲୋଚନା ହୋଇ ଏହାର ସମାଧାନ କରାଯାଇଛି । ପ୍ରଭାବିତ ଲହଣ୍ଡା ଓ ଭାଗଲପୁର ଗ୍ରାମବାସୀ ୬ ଦଫା ଦାବି କରି ଗତ ୨୯ ତାରିଖରୁ କମ୍ପାନୀର ରେଳସାଇଡ଼ିଂରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେଇଥିଲେ । ମଙ୍ଗଳବାର ଅପରାହ୍ନ ପ୍ରାୟ ୪ଟା ସମୟରେ କମ୍ପାନୀର କନଫରେନ୍ସ ହଲରେ ଯୋଡା ପୋଲିସର ଉପସ୍ଥିତିରେ ଏକ ସମାଧାନ ବୈଠକ ଅନୁଷ୍ଠିତ ହୋଇଥିଲା ୟ ଏହି ବୈଠକରେ ଟାଟାଷ୍ଟିଲ ସ୍ପଞ୍ଜ ଆଇରନ ଲିମିଟେଡ ଅଧିକାରୀ ଲଜିଷ୍ଟିକ ସୋଲୁସନ ଠିକା ସଂସ୍ଥା ମାଲିକ ଓ ପ୍ରଭାବିତ ଗ୍ରାମବାସୀ ମଙ୍ଗଳ ମୁଣ୍ଡା,ସୋମବାରି ମୁଣ୍ଡା,ପୂର୍ଣ୍ଣିମା ମୁଣ୍ଡା,ସାବିତ୍ରୀ ବେହେରା, ରଞ୍ଜିତ ମହାକୁଡ,ସଞ୍ଜା। ପାତ୍ର,ଅଫତାବ ଆଲାମ ପ୍ରମୁଖ ଆଲୋଚନା ବୈଠକରେ ଉପସ୍ଥିତ ରହିଥିଲେ । ଗ୍ରାମବାସୀଙ୍କ ୬ଟି ଦାବି ମଧ୍ୟରୁ ଠିକା ସଂସ୍ଥା ସ୍ପଞ୍ଜ ଆଇରନ ବ୍ୟାଗ୍ ଷ୍ଟାକିଂ,ଲୁଜ/ଗ୍ରାଉଣ୍ଡ ସ୍ପଞ୍ଜ ଆଇରନ ଷ୍ଟିଚିଂ,ଆଇରନ ଓର୍ ରେକ୍ ସିଲିଂ,ଲେବଲିଂ,ଲାଇନ୍ କ୍ଲିନିଂ ଓ ଲେବର ସପ୍ଲାଏ ପ୍ରଭୃତି ୪ଟି ଦାବି ପୂରଣ କରିବାର ଠିକା ସଂସ୍ଥା ପକ୍ଷରୁ ଲିଖିତ ପ୍ରତିଶ୍ରୁତି ମିଳିବା ପରେ ପ୍ରଭାବିତ ଗ୍ରାମବାସୀ ଧାରଣାରୁ ଓହରିଥିଲେ।

## ଗଜପତିରୁ ପୋଷ୍ୟ ସନ୍ତାନ ଗ୍ରହଣ କଲେ ତାମିଲନାଡୁ ଦମ୍ପତି



ଗଜପତି(ମହାଭାରତ): ଚଆଜି ଗଜପତି ଜିଲ୍ଲାରୁ ୬୨ତମ ଶିଶୁଙ୍କୁ ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶ ପୋଷ୍ୟ ସନ୍ତାନ ଭାବେ ତାମିଲନାଡୁ ରାଜ୍ୟର ଏକ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ସୂଚନା ପ୍ରକାରେ ପିତୃମାତୃହୀନ ଏହି ଶିଶୁକନ୍ୟାଟିକୁ, ଶିଶୁ ମଙ୍ଗଳ ସମିତି ଙ୍କ ନିର୍ଦ୍ଦେଶ କ୍ରମେ ଯତ୍ନ ଓ ସୁରକ୍ଷା ନିମନ୍ତେ ଉତ୍କଳ ବାଳାଶ୍ରମ ବାଳିକା ଶିଶୁ ଯତ୍ନ ଅନୁଷ୍ଠାନଠାରେ ରଖି ଯତ୍ନ ଓ ସୁରକ୍ଷା ପ୍ରଦାନ କରାଯାଉଥିଲା। ପରବର୍ତ୍ତି ମୁହୂର୍ତ୍ତରେ ଶିଶୁ ମଙ୍ଗଳ ସମିତି, ଗଜପତି ଶିଶୁଟିକୁ ଆଇନତଃ ମୁକ୍ତ ଭାବେ ଘୋଷଣା କରିଥିଲେ ଏବଂ ଏହାପରେ ଶିଶୁଟିର ତଥ୍ୟ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ପୋର୍ଟାଲ୍ ରେ ଅପଲୋଡ୍ କରାଯାଇଥିଲା, ଯାହାଦ୍ୱାରା ଶିଶୁଟି ପୋଷ୍ୟ ସନ୍ତାନ ଭାବେ ଯେକୌଣସି ଦମ୍ପତ୍ତିଙ୍କ ପାଖକୁ ଯାଇପାରିବ, ତାହା ସମସ୍ତଙ୍କୁ ପୋର୍ଟାଲ୍ ମାଧ୍ୟମରେ ଜଣାଇ ଦିଆଯାଇଥିଲା। ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ପ୍ରାୟ ଏକ ବର୍ଷ ଧରି ଅନଲାଇନ୍ ମାଧ୍ୟମରେ ଦରଖାସ୍ତ ଦେଇ ଅପେକ୍ଷା କରି ରହିଥିବା ଉକ୍ତ ଦମ୍ପତିଙ୍କୁ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲେୟ ଉପରୋକ୍ତ ଦମ୍ପତ୍ତି ଶାରିରୀକ ସ୍ତରରେ ଶିଶୁଟିକୁ ପସନ୍ଦ କରି ନେବାପାଇଁ ସ୍ଥିର କରିଥିଲେ। ତାପରେ ଆବଶ୍ୟକ ହେଉଥିବା ଦସ୍ତାବିଜ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଏବଂ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ଗଜପତି ପ୍ରସ୍ତୁତ କରିଥିଲେ । ସମସ୍ତ ଦସ୍ତାବିଜ କୁ ଜିଲ୍ଲାପାଳ ଯାଞ୍ଚ କରିବା ପରେ ଆଜି ଶିଶୁଟିକୁ ଉକ୍ତ ଦମ୍ପତିଙ୍କୁ ହସ୍ତାନ୍ତର କରିଥିଲେ। ଶିଶୁଟିର ବୟସ ୧୩ ବର୍ଷ ବୟସ ଏବଂ କନ୍ୟା ଶିଶୁ ହୋଇଥିବାବେଳେ, ଶିଶୁଟିକୁ ପାଇ ଉକ୍ତ ଦମ୍ପତି ବେଶ ଖୁସି ଥିବା ଲକ୍ଷ୍ୟ କରାଯାଇଥିଲା। ହସ୍ତାନ୍ତର ସମୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ରାଜେନ୍ଦ୍ର ମିଞ୍ଜ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ଅରୁଣ କୁମାର ତ୍ରୀପାଠୀ, ଜିଲ୍ଲା ସଂସ୍କୃତି ଅଧିକାରୀଣୀ ଶୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଅରବିଏସକେ ଡକ୍ଟର ମିଳନ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଉତ୍କଳ ବାଳାଶ୍ରମ ଶିଶୁ ଯତ୍ନ ଅନୁଷ୍ଠାନ ଓ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ସମସ୍ତ କର୍ମକର୍ତ୍ତା। ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ୨୦୦୮ ନୟାଗଡ଼ ମାଓ ହମଲାରୁ ଚେତିଲାନି ପୁଲିସ ବିଭାଗ

# ଏସ୍‌ଓଜି ନାହାନ୍ତି, ଡିଭିଏଫ୍ ଜଙ୍ଗଲକୁ ଯାଉନାହାନ୍ତି



ନୟାଗଡ଼, ( ମହାଭାରତ ): ୨୦୦୮ ଫେବୃଆରୀ ୧୫ରେ ଥରି ଉଠିଥିଲା ନୟାଗଡ଼ ଜିଲ୍ଲା। ଶହେରୁ ଉର୍ଦ୍ଧ୍ୱ ମାଓବାଦୀ ଏକାଠି ହୋଇ ନୟାଗଡ଼ ଟାଉନ ଥାନା ଓ ପୁଲିସ ପ୍ରଶିକ୍ଷଣ କେନ୍ଦ୍ର ଉପରେ ଅତର୍କିତ ଆକ୍ରମଣ କରି ଅସ୍ତ୍ରାଗାର ଲୁଟି ନେଇଥିଲେ। ମାଓବାଦୀଙ୍କ ଆକ୍ରମଣରେ ୧୩ ଜଣ ପୁଲିସ କର୍ମଚାରୀ ସହିଦ ହେବା ସହ ୧୪ ଜଣ ସାଧାରଣ ଲୋକଙ୍କର ମୃତ୍ୟୁ ଘଟଥିଲା। ତଥାପି ଏଥିରୁ କେହି ବି କିଛି ଶିଖିଲେ ନାହିଁ। ଏହି ଘଟଣା ପରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ତ ଦୂରରେ ଥାଉ ଜଙ୍ଗଲ ମଧ୍ୟରେ କୁମ୍ବିଂ ଅପରେସନ କରୁଥିବା ଏସ୍‌ଓଜି ଯବାନ ମାନଙ୍କୁ ହଟାଇ ଦିଆଯାଇଛିୟ କେବଳ ଜିଲ୍ଲା ପୁଲିସର କର୍ମଚାରୀ ମାନେ ସୀମା ଓ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ବାଇକ୍ରେ ପାଟ୍ରୋଲିଂ କରୁଛନ୍ତି। ନକ୍ସଲ କାରବାର ଧୀରେ ଧୀରେ ହ୍ରାସ ପାଇବା ପରେ କେନ୍ଦ୍ର ସରକାର ନୟାଗଡ଼ ଜିଲ୍ଲାକୁ ନକ୍ସଲ ପ୍ରବଣ ତାଲିକାରୁ କାଟି ଦେଇଛନ୍ତିୟ ଫଳରେ ଜିଲ୍ଲାରେ ନିୟୋଜିତ ହୋଇଥିବା ଏସ୍‌ଓଜି ଯବାନ ମାନଙ୍କୁ ଏଠାରୁ ହଟାଇ ଦିଆଯାଇଛି। ଏହା ବଦଳରେ ଡିଷ୍ଟ୍ରିକ୍ ଭଲ୍ୟୁଣ୍ଟାରି ଫୋର୍ସ (ଡିଭିଏଫ୍)ଙ୍କ ଦ୍ୱାରା କାର୍ଯ୍ୟ କରାଯିବ ବୋଲି ସ୍ଥିର କରାଗଲା। ପୁଲିସ ବିଭାଗରେ କାର୍ଯ୍ୟରତ ବଛା ବଛା କର୍ମଚାରୀଙ୍କୁ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷଣ ଦିଆଯାଇ ଏହି ଫୋର୍ସରେ ସାମିଲ କରାଯାଇଛି। ସେମାନଙ୍କୁ ଜଙ୍ଗଲରେ କୁମ୍ବିଂ ଅପରେସନ୍ ଓ ନକ୍ସଲ ଦମନ ପାଇଁ ଆବଶ୍ୟକୀୟ ହେଉଥିବା ଅସ୍ତ୍ରଶସ୍ତ୍ର ମଧ ଯୋଗାଇ ଦିଆଯାଇଛିୟ ନିୟମ ଅନୁଯାୟୀ ସେମାନେ ଜଙ୍ଗଲ ମଧ୍ୟରେ କୁମ୍ବିଂ ଅପରେସନ କରିବା କଥା ମାତ୍ର ଜିଲ୍ଲାରେ କିଛି ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଗଲେ ଏହି ଟିମ୍ଭ ଜଙ୍ଗଲରେ ଦେଖିବାକୁ ମିଳେ ନଚେ୍ ବର୍ଷକ ବାରମାସ ସେମାନଙ୍କୁ ଜିଲ୍ଲା ପୁଲିସ ଅନ୍ୟ କାର୍ଯ୍ୟରେ ଲଗାଉଛିୟ ପଡ଼ୋଶୀ ବୌଦ୍ଧ ଜିଲ୍ଲାରେ ଅନେକ ସମୟରେ ନକ୍ସଲଙ୍କ କାରବାର ଦେଖିବାକୁ ମିଳୁଛିୟ ପଡ଼ୋଶୀ ଜିଲ୍ଲା ହେଉ ଅବା ଛତିଶଗଡ଼ ପରି ରାଜ୍ୟର ବଡ ଧରଣର କୁମ୍ବିଂ ଅପରେସନ କରାଗଲେ ନକ୍ସଲ ମାନେ ଛତ୍ରଭଙ୍ଗ ଦେଇ ଓଡ଼ିଶା ମୁହାଁ ହେଉଥିବା ବହୁଥର ପ୍ରମାଣ ମିଳିଛିୟ ଏହି ସମୟରେ ଓଡ଼ିଶା ସୀମା ଜିଲ୍ଲା ଗୁଡ଼ିକରେ ଏବେ ଚେକିଂ, ବ୍ଲକିଂ ଓ କୁମ୍ବିଂ କୁ ଜୋରଦାର କରାଯାଏୟ ବ□ମାନ ସମସ୍ତେ ଏକ ପ୍ରକାର ଧରି ନେଇଛନ୍ତି ଯେ ନୟାଗଡ଼ରେ ପୂର୍ବ ପରି ମାଓବାଦୀଙ୍କ କାର୍ଯ୍ୟକଳାପ ନାହିଁୟ ମାତ୍ର ଯଦି ବାହାର ଜିଲ୍ଲାରୁ ଆସି ଏଠାରେ ମାଓବାଦୀ ମାନେ ପୁଣି ଆକ୍ରମଣ କରନ୍ତି, ତେବେ ସେଥିପାଇଁ ଦାୟୀ କିଏ ରହିବ, ଏହା ହିଁ ଏବେ ଆଲୋଚନାର ପ୍ରସଙ୍ଗ ପାଲଟିଛି। ଗତ ସାଧାରଣ ନିର୍ବାଚନ ସମୟରେ ଦଶପଲ୍ଲା ଓ ଗଣିଆ ଜଙ୍ଗଲ ମଧ୍ୟରେ ଏହି ଡିଭିଏଫ୍ ଫୋର୍ସ କୁମ୍ବିଂ କରୁଥିବା ଦେଖିବାକୁ ମିଳିଥିଲ। ଏହାପରେ ସେମିତି କୌଣସି ପ୍ରକାର ଅପରେସନ୍ ଆଉ ଜିଲ୍ଲାରେ ଦେଖିବାକୁ ମିଳୁ ନାହିଁୟ ଏ ନେଇ ଏସ୍ପି ଏସ.ସୁଶ୍ରୀ କୁହନ୍ତି ଯେ, ଜିଲ୍ଲାରେ ବର୍ତ୍ତମାନ ସେମିତି କୌଣସି ମାଓ କାର୍ଯ୍ୟକଳାପର ପ୍ରମାଣ ମିଳିନାହିଁ। ସେଥିପାଇଁ କେନ୍ଦ୍ର ସରକାର ନୟାଗଡ଼କୁ ନକ୍ସଲ ପ୍ରବଣ ତାଲିକାରୁ ବାଦ୍ ଦେଇଛନ୍ତି। ତଥାପି ପଡ଼ୋଶୀ ଜିଲ୍ଲାର ଏସ୍ପି ମାନଙ୍କ ସହ ଯୋଗାଯୋଗ ରଖାଯାଇଛିୟ ଏସ୍‌ଓଜି ଯବାନ ନଥିଲେ ମଧ ଜିଲ୍ଲା ପୁଲିସର ଏକ ଶାଖା ବାଇକ୍ରେ ସୀମାରେ ପାଟ୍ରୋଲିଂ କରିଛନ୍ତିୟ ଏ ଦିଗରେ ଜିଲ୍ଲା ପୁଲିସ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛିବୋଲି ଏସ୍ପି କହିଛନ୍ତ।

## ହାତୀ ଆକ୍ରମଣରେ ଯୁବକ ଗୁରୁତର

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡ ରେ ପ୍ରାୟ ୧୦୦ ରୁ ଉର୍ଦ୍ଧ୍ୱ ହାତୀ ଚଳପ୍ରଚଳ କରୁଥିବା ଯୋଗୁଁ ଅଞ୍ଚଳରେ ଏକ ପ୍ରକାର କୋକୁଆ ଭୟ ସୃଷ୍ଟି ହୋଇଛିୟ ଦିନ ଦ୍ ପ୍ରହରରେ ଜଂଗଲୀ ହାତୀ ଗାଁ ଦାଣ୍ଡରେ ବୁଲିଲେଣି ଫଳରେ ଘରୁ ଗୋଡ଼ କାଢିବା ମାତ୍ରେ ନିଶ୍ଚିତ ବିପଦକୁ ଏଡ଼ାଇ ଦିଆଯାଇ ନପାରେ ଏମିତି ଏକ ଅଭାବନୀୟ ଘଟଣା ଆଜି ଦେଖିବାକୁ ମିଳିଛି ହିନ୍ଦୋଳ ଉପଖଣ୍ଡ କନ୍ତିମିଲି ପ□ାୟତ ଅନ୍ତର୍ଗତ ତର୍କାବେଡ଼ା ଗ୍ରାମରେୟ ଗ୍ରାମର ବଳଦେବ ପ୍ରଧାନ ୪୦ ଆଜି ସକାଳ ପ୍ରାୟ ୬ଟା ସମୟରେ ନିଜ ଗ୍ରାମ ରାସ୍ତାରେ ପ୍ରାତଃ ଭ୍ରମଣ କରୁଥିବା ବେଳେ ଏକ ଦନ୍ତା ହାତୀ ସାମ୍ନାସାମ୍ନି ହୋଇ ଯାଇଥିଲେୟ ଫଳରେ ଦନ୍ତା ହାତୀଟି ବଳଦେବଙ୍କୁ ଶୁଣ୍ଢରେ କଚାଡି ଦେଇଥିଲାୟ ସ୍ଥାନୀୟ ଲୋକ ହୋ ହାଲା କରିବାରୁ ହାତୀ ଟି ଘଟଣା ସ୍ଥଳରୁ ପଳେଇ ଯାଇଥିଲାୟ ସ୍ଥାନୀୟ ଲୋକଙ୍କ ସହାୟତାରେ ବଳଦେବଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ଖଜୁରିଆକଟା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲାୟ ଅବସ୍ଥା ଗୁରୁତର ଥିବାରୁ ତୁରନ୍ତ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା।

## ସମାଜସେବିଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ଜଣାଇଲେ ପୂର୍ବତନ ସାଂସଦ ମହେଶ ସାହୁ

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ବାଉଁଶପୋଖରୀ ପଂଚାୟତର ଦିବଂଗତ ପୂର୍ବତନ ସମବାୟସମିତି ସମ୍ପାଦକଙ୍କ ଏକାଦଶାହରେ ଯୋଗଦେଇଛନ୍ତି ଢେଙ୍କାନାଳର ପୂର୍ବତନ ସାଂସଦ କ୍ଷ ହିନ୍ଦୋଳ ନିର୍ବାଚନମଣ୍ଡଳୀର ଜଣାଶୁଣା ସମାଜସେବୀ ସମବାୟ ସମ୍ପାଦକ ଥିବା ହିନ୍ଦୋଳବ୍ଲକ ବାଉଁଶପୋଖରୀ ପଂଚାୟତର ପରଲୋକଗତ ସ୍ୱର୍ଗତ କ୍ଷୀରୋଦ ଚନ୍ଦ୍ର ବେହେରାଙ୍କ ଆଜି ଏକାଦଶାହ କାର୍ଯ୍ୟକ୍ରମରେ ଢେଙ୍କାନାଳର ପୂର୍ବତନ ସାଂସଦ ତଥା ହିନ୍ଦୋଳ ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ଶ୍ରୀ ମହେଶ ସାହୁ ଆଜି ଯୋଗଦେଇ ସ୍ୱର୍ଗତ କ୍ଷୀରୋଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାସହ ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇ ସେମାନଙ୍କ ଦୁଖଃଦ ସମୟରେ ପରିବାରଙ୍କ ସାଥିରେ ଛିଡା ହୋଇଥିଲେ କ୍ଷ ଉଲ୍ଲେଖଯୋଗ୍ୟ ଯେ ମହେଶ ସାହୁ ସଦାସର୍ବଦା ତୃଣମୂଳ ସ୍ତରରେ ଜନସାଧାରଣଙ୍କ ସହ ମିଶିବାସହ ସମସ୍ତଙ୍କ ସୁଖଦୁଃଖରେ ସାମିଲ ହୁଅନ୍ତି କ୍ଷ ଅନେକ ଉର୍ନତିମୂଳକ କାର୍ଯ୍ୟରେ ଯୋଗଦାନ ଥିବା ମହେଶ ସାଂସଦ ବିଧାୟକ ଥିଲାବେଳେ ଯେମିତି ଜନସାଧାରଣଙ୍କ ସୁଖଦୁଃଖର ସାଥି ଥିଲେ ବ□ମାନ କୌଣସି ପଦବୀରେ ନଥାଇ ମଧ ହିନ୍ଦୋଳ ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କ ପ୍ରତ୍ୟକଟି କାର୍ଯ୍ୟରେ ସାମିଲ ହେଉଛନ୍ତି ଏବଂ ସାଥିରେ ଛିଡାହେବା ସହ ଜନସାଧାରଣଙ୍କ ସୁଖଦୁଃଖ ବୁଝୁଛନ୍ତି ଯାହାକି ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି କ୍ଷ ସ୍ୱର୍ଗତ କ୍ଷୀରୋଦ ବେହେରା ଜଣେ ସୁସଂଗଠକ, ସମବାୟବିତ ଓ ସମାଜସେବୀ ଭାବରେ ଜନସାଧାରଣଙ୍କ ପାଇଁ ଉଦାହରଣ ହଇରାହିବେ ବୋଲି ମହେଶ ଶୋକସଭାରେ କହିଛନ୍ତି।

## ଗୁଜରାଟରୁ ଉଦ୍ଧାର ହୋଇ ଫେରିଲେ ୯ଜଣ ଶ୍ରମିକ

ରାୟଗଡ଼ (ମହାଭାରତ):-ଗୁଜରାଟ ରେ କାମପାଇଁ ଯାଇଥିବା ରାୟଗଡ ଜିଲ୍ଲାର ୯ଜଣ ଶ୍ରମିକଙ୍କୁ ଉଦ୍ଧାର କରାଯାଇ ଘରକୁ ଫେରାଇ ଆଣିଲା ଜିଲ୍ଲାପ୍ରଶାସନ ।ଏହି ଶ୍ରମିକ ମାନେ ଗୁଜରକ୍ଷଟର ଏକ କମ୍ପାନୀରେ କାମ କରିବା ପାଇଁ ଯାଇଥିଲେ କ୍ଷ କମ୍ପାନୀ ଦ୍ୱାରା ସେଠାରେ ସେମାନଙ୍କୁ ଅଟକ ରଖାଇଯାଇଥିଲା । କୌଣସି ସୂତ୍ରରୁ ଜିଲ୍ଲାଶ୍ରମ ବିଭାଗ ଖବର ପାଇ ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟାୱରୀଙ୍କ ପ୍ରଚେଷ୍ଟାରେ ରାଜ୍ୟ ସରକାରଙ୍କ ଶ୍ରମବିଭାଗ ତରଫରୁ ଗୁଜୁରାଟ ସରକାରଙ୍କ ସହିତ ଯୋଗାଯୋଗ କରି ସେମାଙ୍କୁ ଉଦ୍ଧକ୍ଷର କରାଯାଇ ଟ୍ରେନ ଯୋଗେ ରାୟଗଡକୁ ପଠାଇଥିଲେ । ଉଦ୍ଧାର ହୋଇଥିବା ଶ୍ରମିକ ମାନଙ୍କ ମଧ୍ୟରୁ ଷମ କଟକ ବ୍ଲକର ୬ଜଣ ଓ କାଶୀପୁର ବ୍ଲକରୁ ୩ବୋଲି ଜିଲ୍ଲା ଶ୍ରମ ଅଧିକାରୀ ଗୋପାଳ ମଙ୍ଗରାଜ ସୂଚନା ଦେଇଥିଲେ । ଏହି ଘଟଣା ଏବେ ତଦନ୍ତ ପରିସରଭୁକ୍ତ ରହିଅଛି ଓ ଏଥିରେ ସମ୍ପୃକ୍ତ ଥିବା ଦଲାଲ କୁ ଚିନ୍‌ହଟ କରାଯିବା ସହିତ ଶ୍ରମିକ ମାନଙ୍କ ର ବକେୟା ଥିବା ପ୍ରାପ୍ୟ ପ୍ରଦାନ କରାଯିବା ସମ୍ବନ୍ଧୀୟ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟାଧୀନ ରହିଛି।

## ଆଳୁ ଦୋକାନ ରେ ଚଢ଼ାଉ, ଲାଗିଲା ରେଟ୍ ଚାର୍ଟ



ଅସ୍ତରଙ୍ଗ(ମହାଭାରତ) - ବର୍ତ୍ତମାନ ସାରା ରାଜ୍ୟ ରେ ଆଳୁ କୁ ନେଇ ଚର୍ଚ୍ଚା ଜୋର ଚାଲିଛି, ଆଳୁ ଗରିବ ଙ୍କ ଠୁ ଆରମ୍ଭ କରି ଧନୀ ସମସ୍ତ ଙ୍କ ପ୍ରଧାନ ଖାଦ୍ୟ, ବିଭିନ୍ନ ଜଳଖିଆ ହଉ କି ଫାଷ୍ଟଫୁଡ ଆଳୁ ଉପରେ ରହିଛି ସଭିଙ୍କ ନଜର, କିନ୍ତୁ ଚଳିତ ବର୍ଷ ପଶ୍ଚିମବଙ୍ଗ ସରକାର ଓଡିଶା କୁ ଆଳୁ ରପ୍ତାନି ବନ୍ଦ କରିଦେବା ଦ୍ୱାରା ବର୍ତ୍ତମାନ ଆଳୁ ସଙ୍କଟ ବିଭିନ୍ନ ସ୍ଥାନ ରେ ଦେଖିବାକୁ ମିଳିଲା କ୍ଷ ଗୋଟେ ପଟେ ଯୋଗାଣ ମନ୍ତ୍ରୀ ଙ୍କ କହିବା କଥା ଉତ୍ତରପ୍ରଦେଶ ଆଳୁ ପ୍ରଚୁର ପରିମାଣ ରେ ମଗାଯାଇଛି ଆଉ ଯେଉଁ ଆଳୁ ଷ୍ଟକ ରହିଛି ତାହାକୁ ଚଢା ଦର ରେ ଖାଉଟି ଙ୍କୁ ବିକ୍ରୟ ନକରିବା ପାଇଁ ନିର୍ଦ୍ଦେଶ କରାଯାଇଛି କିନ୍ତୁ ବ□ମାନ ଅସ୍ତରଙ୍ଗ ଅଞ୍ଚଳ ରେ ବ୍ୟବସାୟୀ ମାନେ ଏହି ଆଳୁ ସଙ୍କଟ ର ଭରପୁର ଫାଇଦା ଉଠାଉଛନ୍ତି କ୍ଷ ଅସ୍ତରଙ୍ଗ ଅଞ୍ଚଳ ରେ ଦୁଇ ଦିନ ମଙ୍ଗଳବାର ଓ ଶନିବାର ସାପ୍ତାହିକ ହାଟ ରେ ଆଳୁ ମୂଲ୍ୟ ୫୦ ରୁ ୬୦ ଟଙ୍କା ବିନିମୟ ରେ ବିକ୍ରି କରାଯାଇଛି, କେବଳ ସେତିକି ନୁହେଁ ଅନ୍ୟ ପରିବା ବ୍ୟବସାୟୀ ବି ହାଟ ପାଳି ଦର କୁ ନଜର ରେ ରଖି ଚଢା ଦର ରେ ବିକ୍ରି କରିଛନ୍ତି ଯାହାକୁ ନେଇ ଅସ୍ତରଙ୍ଗ ଅଞ୍ଚଳ ରେ ଗ୍ରାହକ ମାନଙ୍କ ମହଲ ରେ ବିଶେଷ ଅଶାନ୍ତିଜନକ ପରିସ୍ଥିତି ସୃଷ୍ଟି ହୋଇଛି, ଏହାକୁ ଦୃଷ୍ଟି ରେ ରଖି ଆଜି ଅସ୍ତରଙ୍ଗ ଯୋଗାଣ ବିଭାଗ ର ସ୍ୱତନ୍ତ୍ର ଟିମ୍ ଅସ୍ତରଙ୍ଗ ବଜାର ରେ ପରିବା ଦୋକାନ ମାନଙ୍କ ରେ ପହ□ ଅଚାନକ ରେଡ କରି ସେଠି ଆଳୁ ର ନିର୍ଦ୍ଧାରିତ ରେଟ ଚାର୍ଟ ମାରିଛନ୍ତି କ୍ଷ ଦୋକାନ ମାନଙ୍କ ରେ ପହଞ୍ଚି ଆଳୁ ର ଦର ବୁଝିବା ସହିତ ଆଳୁ ରେଟ କୁ କମାଇଛନ୍ତି ଆଉ ଖାଉଟି ମାନଙ୍କୁ ମଧ ପଚାରି ପୁଙ୍ଖାନୁପୁଙ୍ଖ ତଦନ୍ତ କରିଛନ୍ତି । ବଛା ଆଳୁ କିଲୋ ପ୍ରତି ୪୫ ଟଙ୍କା ଓ ଅବଛା ଆଳୁ କିଲୋ ପ୍ରତି ୪୦ ଟଙ୍କା ରେଟ ଧାର୍ଯ୍ୟ କରିବା ସହିତ ବ୍ୟବସାୟୀ ଙ୍କୁ ସିଲଟ ଓ ଚକ ଖଡି କିଣେଇ ପ୍ରତ୍ୟେକ ଦୋକାନ ଆଗରେ ରେଟ ଚାର୍ଟ ମାରିବା ସହିତ ବ୍ୟବସାୟୀ ଙ୍କୁ ତାଗିଦ କରିଛନ୍ତି, ଆଉ ଆଗାମୀ ଦିନ ରେ ଆଳୁ ଉପଯୁକ୍ତ ପରିମାଣ ରେ ଷ୍ଟକ ହାଉସ ରେ ପହଞ୍ଚିବା ପର୍ଯ୍ୟନ୍ତ ସରକାର ଙ୍କ ନିର୍ଦ୍ଦେଶ ମୁତାବକ ଆଳୁ ବିକ୍ରି କରିବାକୁ ବ୍ୟବସାୟୀ ଙ୍କୁ ପରାମର୍ଶ ଦେଇଛନ୍ତି ତା ସହିତ ଆଳୁ ସ୍ଥିତି ଠିକ ହେବା ପର୍ଯ୍ୟନ୍ତ ପ୍ରତ୍ୟକ ଦିନ ଯୋଗାଣ ବିଭାଗ ର ଟିମ୍ ବଜାର ରେ ବ୍ୟବସାୟୀ ଙ୍କ ଉପରେ ତୀକ୍ଷ୍ଣ ନଜର ରଖିବେ ବୋଲି ଅସ୍ତରଙ୍ଗ ଯୋଗାଣ ବିଭାଗ ଅଧିକାରୀ ଶିବ ପ୍ରସାଦ ମହାନ୍ତି ଗଣମାଧ୍ୟମ କୁ ସୂଚନା ପ୍ରଦାନ କରିଛନ୍ତି।

## ଧାନ ଗଦାରେ ନିଆଁ ଲଗାଇ ଦେଲା ଦୁର୍ବୃତ୍ତ, ଥାନାରେ ଅଭିଯୋଗ

ବେଗୁନିଆ,୪/୧୨(ମହାଭାରତ): ବେଗୁନିଆ ଥାନା ଅନ୍ତର୍ଗତ ତାଳତୁମ୍ବ ଗ୍ରାମର ପଞ୍ଚାନନ ନାୟକ ୨ ଏକର ଜମିର ଧାନକୁ କାଟି ଖଳାରେ ରଖିଥିଲେୟ ତେବେ ମଙ୍ଗବାର ଦିନ ବିଳମ୍ବିତ ରାତିରେ କେହି ଦୁବୃତ୍ତ□ ଆକ୍ରୋଶ ମୂଳକ ଭାବେ ନିଆଁ ଲଗାଇ ଦେଇଥିଲା ୟ ଫଳରେ ସ୍ଥାନୀୟ ଲୋକମାନେ ନିଆଁ ଲିଭାଇବାକୁ ଚେଷ୍ଟା କରିଥିବା ବେଳେ ଅଣାୟତ□ ହେବାରୁ ବେଗୁନିଆ ଅଗ୍ନିଶମ କାର୍ଯ୍ୟାଳୟକୁ ଖବର ଦେଇଥିଲେୟ ତୁରନ୍ତ ଅଗ୍ନିଶମ କାର୍ଯ୍ୟାଳୟର ଭାରପ୍ରାପ୍ତ ଅଧିକାରୀ ସତ୍ୟ ରଞ୍ଜନ ସ୍ୱାଇଁଙ୍କ ନେତୃତ୍ୱରେ ଅଗ୍ନିଶମ କର୍ମଚାରୀ ପହଂଚି ନିଆଁକୁ ଆୟତ୍ତ କରିଥିଲେ।ଏଥିରେ ଶ୍ରୀ ନାୟକଙ୍କ ଆନୁମାନିକ ପଚାଶ ହଜାର ଟଙ୍କାର ଉର୍ଦ୍ଧ୍ୱ କ୍ଷତି ହୋଇଛି ବୋଲି ସୂଚନା ମିଳିଛି । ପରେ ପଞ୍ଚାନନଙ୍କ ବେଗୁନିଆ ଥାନା ପୁଲିସ ଅଭିଯୋଗ ପାଇ ଘଟଣାର ତଦନ୍ତ ଆରମ୍ଭ କରିଛି।ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ଖବର ପାଇ ତୁରନ୍ତ ପ୍ରଶାସନିକ ସ୍ତରରେ କ୍ଷତି ପୂରଣ ଦେବା ସହ ଅଭିଯୁକ୍ତକୁ ଧରି ଦଣ୍ଡ ଦେବା ପାଇଁ ଅନୁରୋଧ କରିଛନ୍ତ।

## ସିଯିମାଲି ବକ୍ସାଇଟ୍ ବ୍ଲକ୍ ଓଡିଶାରେ ସାମାଜିକ ଅର୍ଥନୈତିକ ପରିବର୍ତ୍ତନ ଆଣିବ

କଳାହାଣ୍ଡି(ମହାଭାରତ): କାଳାହାଣ୍ଡି ଏବଂ ରାୟାଗଡା ଜିଲ୍ଲାର ବିଭିନ୍ନ ସ୍ଥାନକୁ ଯାଇ ବେଦାନ୍ତ ଆଲୁମିନିୟମ ର ମାଲିକାନା ଥିବା ସିଜିମାଲି ବକ୍ସାଇଟ୍ ବ୍ଲକ୍ ଏହି ଅଞ୍ଚଳର ସାମାଜିକ-ଅର୍ଥନତିକ ଦୃଶ୍ୟପଟରେ ପରିବ□ନ ଆଣିବା ପାଇଁ ମହତ୍ପୂର୍ଣ୍ଣ ସମ୍ଭାବନା ରଖିଛି ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟକୁ ମୁଖ୍ୟ ସ୍ରୋତରେ ଏକୀକୃତ କରି ବିକାଶକୁ ତ୍ୱରାନ୍ୱିତ କରି ଏହା ବହୁ ଆଦିବାସୀଙ୍କ ବାସ କରୁଥିବା ଏହି ଅଞ୍ଚଳର ବାସିନ୍ଦାଙ୍କ ଜୀବନକୁ ଉନ୍ନତ କରିବାକୁ ପ୍ରତିଜ୍ଞା କରିଛି ବର୍ତ୍ତମାନ ଅବସ୍ଥିତ ଲାଞ୍ଜିଗଡ ପେରିଫେରାଲ ଡେଭଲପମେ□ ଫଣ୍ଡ ଏବଂ ପ୍ରସ୍ତାବିତ ସିଜିମାଲି ପେରିଫେରାଲ ଡେଭଲପମେଣ୍ଟ ଫଣ୍ଡ ମାଧ୍ୟମରେ ବେଦାନ୍ତ ଆସନ୍ତା ୨୫ ବର୍ଷ ମଧ୍ୟରେ ୧୨୦୦ କୋଟି ନିବେଶ କରିବାକୁ ପ୍ରତିଶ୍ରୁତି ଦେଇସାରିଛିୟ ଏହି ପଦକ୍ଷେପଗୁଡିକ, ଯେଉଁଥିରେ ଉଭୟ ଜିଲ୍ଲାର ଜନ ପ୍ରତିନିଧୀଙ୍କ ସ୍ତନ୍ତ୍ର ଉଦ୍ଦେଶ୍ୟ ଯାନ ରେ ସକ୍ରିୟ ଅଂଶଗ୍ରହଣ ଅନ୍ତର୍ଭୁକ୍ତ, ସମୃଦ୍ଧତା ଏବଂ ବିକାଶର ଏକ ନୂତନ ଯୁଗକୁ ଆଣିବା ପାଇଁ ପରିକଳ୍ପନା କରାଯାଇଛି ସିଜିମାଲି ବକ୍ସାଇଟ୍ ଖଣିଗୁଡିକ ଏହାର ଆୟୁଷ ପାଇଁ ଓଡିଶା ସରକାରଙ୍କ ପାଇଁ ବାର୍ଷିକ ୨୨୦୦ କୋଟି ରାଜସ୍ୱ ଏହି ମହ୍ ପୂର୍ଣ୍ଣ ରାଜସ୍ୱ ପ୍ରବାହ ରାଜ୍ୟକୁ ଭିତ୍ତ□ଭୂମି ବିକାଶ ତଥା ଏହି ଅଞ୍ଚଳ ପାଇଁ କଲ୍ୟାଣକାରୀ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାକୁ ସକ୍ଷମ କରିବ ଆଗାମୀ ଦଶନ୍ଧି ଧରି ସ୍ଥାନୀୟ ଜନସାଧାରଣଙ୍କୁ ଉପକୃତ କରିବା ସେହି ଆର୍ଥିକ ଲାଭ ସହିତ, ଏହି ପ୍ରକଳ୍ପ ୧୫୦୦ ରୁ ଅଧିକ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୃଷ୍ଟି କରିବାକୁ ପ୍ରସ୍ତୁତ ଅଛି ଧନ୍ଦାମୂଳକ ତାଲିମ କେନ୍ଦ୍ର ଏବଂ ଉଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଦକ୍ଷତା ବୃଦ୍ଧି ଉପରେ ଏକ ଧ୍ୟାନ ସହିତ ଏହି ପଦକ୍ଷେପଗୁଡିକ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ନୂତନ ସୁଯୋଗ ପ୍ରଦାନ କରିବ, ଏକ ଉତ୍ତମ ଭବିଷ୍ୟତ ପାଇଁ ସେମାନଙ୍କର ଆକାଂକ୍ଷା ପୂରଣ କରିବାରେ ସାହାଯ୍ୟ କରିବ ଏକ ପୁରୁଣା କଥା କହୁଛି 'ଟଙ୍କା ନୂଆ ପ୍ରଭାତ ଆଣିଥାଏ' ସିଜିମାଲି ବକ୍ସାଇଟ୍ ଖଣି କ୍ଷେତ୍ରରେ ଏହି 'ନୂତନ ପ୍ରଭାତ' ଏହି ଅଞ୍ଚଳ ପାଇଁ ଏକ ପରିବ□ନଶୀଳ ଇତିହାସ ସୃଷ୍ଟି କରିବାକୁ ସ୍ଥିର ହୋଇଛି।

## ସ୍ଥାନୀୟ ଲୋକକଳା କଳାକାରଙ୍କୁ ଅଣଦେଖା ଅଭିଯୋଗରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ପ୍ରଦାନ

କଲ୍ୟାଣସିଂହପୁର ():- ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ୍ କଳା ସଂସ୍କୃତି ସଙ୍ଘ ପଞ୍ଜୀକୃତ ଲୋକକଳା କଳାକାର ମାନେ ରାୟଗଡ଼ା ଜିଲ୍ଲା କଳା ସଂସ୍କୃତି ସଙ୍ଘ ଉପ ସଭାପତି ସନ୍ତୋଷ କୁମାର ବଛା ଙ୍କ ନେତୃତ୍ୱରେ ବ୍ଲକ୍ କାର୍ଯ୍ୟାଳୟ କୁ ଯାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ବ୍ଲକ୍ ସଭାପତି ଙ୍କ ଜରିଆରେ ଜିଲ୍ଲାପାଳ ତଥା ଜିଲା ସଭାପତି ଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ଏହି ସମୟରେ ଗୋଷ୍ଟି ଉନ୍ନୟନ ଅଧିକାରୀ ଉପସ୍ଥିତ ନ ଥିବାରୁ ଏହାକୁ ସହକାରୀ ଯନ୍ତ୍ରୀ ସବ୍ୟସାଚୀ ନାୟକ ଗ୍ରହଣ କରିଛନ୍ତି ଏହି ଦାବିପତ୍ରରେ ଉଲ୍ଲେଖ ରହିଛି କି ଦୀର୍ଘ ଦିନ ଧରି ଲୋକକଳା କଳାକାର ଙ୍କୁ କାମ ମିଳୁ ନ ଥିବା ନେଇ ବାରମ୍ବାର ଗୁହାରୀ କରିବା ପରେ ବି କୌଣସି କାମ ମିଳି ନ ଥିବା ବେଳେ ବାହାର ଜିଲ୍ଲା କଳାକାର ଆସି କୃଷି ଓ କୃଷକ ସଶକ୍ତିକରଣ ବିଭାଗର ସଚେତନ କାର୍ଯ୍ୟକ୍ରମ କରୁଥିବାର ନଜର ଆସିଛି ଯାହାକୁ ସ୍ଥାନୀୟ କଳାକାର ଦୃଢ଼ ବିରୋଧ କରିବା ସହ ଏହି କାର୍ଯ୍ୟକ୍ରମକୁ ବନ୍ଦ କରି ସ୍ଥାନୀୟ କଳାକାର ଙ୍କୁ ସୁଯୋଗ ଦିଆ ଯାଉ ବୋଲି ଦାବୀ କରିଛନ୍ତି ଏବଂ ସମୀକ୍ଷା ବୈଠକ କରି ଆ□ଳିକ ଲୋକକଳାର ପ୍ରଚାର ପ୍ରସାର ସହ କଳାକାର ଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ କାର୍ଯ୍ୟପ୍ୟା ନିର୍ଣ୍ଣୟ କରାଯାଉ ୟ ଏହି ଦାବୀପତ୍ର ପ୍ରଦାନ ସମୟରେ ଜିଲ୍ଲା କଳା ସଂସ୍କୃତି ସଙ୍ଘ ଉପ ସଭାପତି ସନ୍ତୋଷ କୁମାର ବଛାଙ୍କ ସମେତ ବରିଷ୍ଠ ଲୋକକଳା କଳାକାର ବାସୁଦେବ ମାର୍ଥା, ସୁରେଶ ବିଡ଼ିକା, ନରେନ୍ଦ୍ର ଗଣ୍ଡିଆ, ଟଙ୍କଧର ନେମାଲପୁରୀ , ଚନ୍ଦନ ଗୁଡ଼ବିଶି ପ୍ରମୁଖ ଉପସ୍ଥିତ ରହିଥିଲେ।

## ଅଯୋଗ୍ୟ ହିତାଧିକାରୀ ପାଉଛନ୍ତି ବାର୍ଦ୍ଧକ୍ୟ ଭତ୍ତା

କାକଟପୁର(ମହାଭାରତ), ପୁରୀଜିଲ୍ଲା କାକଟପୁର ବ୍ଲକ ଅଧିନସ୍ଥ କୁଣ୍ଢେଇ ପଞ୍ଚାୟତର ବହୁ ଚର୍ଚ୍ଚିତ ପାଟପୁର ସାଡେଙ୍ଗା ଗ୍ରାମରେ ବ୍ୟାପକ ବାର୍ଦ୍ଧକ୍ୟ ଭତ୍ତା କେଲେଙ୍କାରୀ ଏବେ ପଦାକୁ ଆସିଛି ।ଉକ୍ତ ରାଜସ୍ୱ ଗ୍ରାମର କିଛି ନ୍ୟର୍ଥସ୍ୱାର୍ଥ ଗୋଷ୍ଠୀ ଓ ସରକାରଙ୍କ ବୁଥ ଲେବୁଲ କର୍ମଚାରୀ ଓ କିଛି ରାଜନୈତିକ କୁଜି ନେତା ଗତ ନିର୍ବାଚନରେ ଭୋଟ ହାତେଇବା ପାଇଁ ହିତାଧିକାରୀଙ୍କ ବୟସ ବୃଦ୍ଧି କରି ଜାଲ ମେଡିକାଲ ସାର୍ଟିଫିକେଟ ଓ ଭୋଟ ପରିଚୟ ପତ୍ର ଓ ସତ୍ୟପାଠ ରେ ଜାଲ ପ୍ରମାଣ ପତ୍ର ଦେଇ ବାର୍ଦ୍ଧକ୍ୟ ଭତ୍ତା ଲୁଟିନେବାରେ ସକ୍ଷମ ହୋଇଛନ୍ତି । ଏହି ୬୩ ବାର୍ଦ୍ଧକ୍ୟ ଭତ୍ତା ପାଇଥିବା ହିତାଧିକାରୀଙ୍କ ମଧ୍ୟରୁ ୧୧ ରୁ ଉର୍ଦ୍ଧ ହିତାଧିକାରୀ ମଧ ସୁଭଦ୍ରା ଯୋଜନା ହାତେଇବାରେ ସକ୍ଷମ ହୋଇଛନ୍ତି ।ବ୍ଲକ ତହବିଲରୁ ଏହି ଅଯୋଗ୍ୟ ହିତାଧିକାରୀଙ୍କ ପାଇଁ ୫ ଲକ୍ଷରୁ ଉର୍ଦ୍ଧ ଅର୍ଥ ତୋଷରପାତ ହୋଇଥିବାବେଳେ ଏହାକୁ ତର୍ଜମା କରିବା କିମ୍ବା ପ୍ରକୃତ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବାରେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଫଳ ହୋଇଛନ୍ତି । ଏଠାରେ ସୂଚନା ଥାଉ କି ଏହା ପୂର୍ବରୁ ବିଡ଼ିଓ ଥିବା ତୁଷାର ଜ୍ୟୋତି ରଞ୍ଜନ ଉପରୋକ୍ତ ସମସ୍ତ ହିତାଧିକାରୀଙ୍କୁ ଅଯୋଗ୍ୟ ଚିହ୍ନଟ କରିଥିବା ବେଳେ ନୂତନ ବିଡ଼ିଓ କିଭଳି ଭାବେ କାହା ପ୍ରରୋଚନାରେ ଯୋଗ୍ୟ ବିବେଚିତ କରି ସରକାରୀ ଅର୍ଥକୁ ଅପବ୍ୟବହାର କଲେ ତାହା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି । ଉକ୍ତ ଜାଲିଆତି ଖବର ପ୍ରଚାରିତ ହେବାପରେ ପାଟପୁର ଗ୍ରାମର ବରିଷ୍ଠ ରାଜନୀତିଜ୍ଞ ତଥା ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ତୁଷାରକାନ୍ତ ସ୍ୱାଇଁ ଏ ସଂକ୍ରାନ୍ତରେ ବଳିଷ୍ଠ ଦସ୍ତାବିଜ ଦେଇ ପୁରୀଜିଲ୍ଲାପାଳ ଓ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇଙ୍କୁ ଅଭିଯୋଗ କରିବାପରେ ବ୍ଲକ କର୍ମଚାରୀ ଏବଂ ବୁଥ ଲେବୁଲ ଅଫିସରଙ୍କ ମନରେ ଛନକା ପଶିଛି । ଏହି ଦସ୍ତାବିଜ ଜିଲ୍ଲାପାଳ ପାଇବାପରେ ଚିଠି ନମ୍ବର ୨୪୪୩ / ତା ୨୮/ ୧୧/୨୦୨୪ରେ ତୁରନ୍ତ ଅଭିଯୋଗ ଉପରେ ଛାନଭିନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଅଯୋଗ୍ୟ ହିତାଧିକାରୀଙ୍କ ତାଲିକାରେ ପାଟପୁର ଗ୍ରାମର ରେଣୁବାଳା ମଲ୍ଲ, ସୁନ୍ଦରୀ ପାଇଟାଳ, ନିରୁପମା ସାହୁ, ପ୍ରଭାତୀ ଜେନା, ଶାନ୍ତିଲତା ନାୟକଙ୍କ ସମେତ ୬୩ ଜଣ ଅଯୋଗ୍ୟ ହିତାଧିକାରୀ ଭତ୍ତା ଲୁଟିନେବାରେ ସକ୍ଷମ ହୋଇଛନ୍ତି । ଅନ୍ୟପକ୍ଷରେ ଏହି ଗ୍ରାମର ଏକାଧିକ ବ୍ୟକ୍ତି ବାର୍ଦ୍ଧକ୍ୟ ଭତ୍ତା ପାଉଥିବାବେଳେ ତାଙ୍କ ଠାରୁ ସେମାନଙ୍କ ବଡ଼ଭାଇଙ୍କ ବୟସ ପ୍ରାୟ ଦଶ ବର୍ଷ ସାନ ହୋଇଥିବା ଦେଖିବାକୁ ମିଳିଛି । ୨ ବର୍ଷ ଭିତରେ ଯୋଗ୍ୟ ହିତାଧିକାରୀଙ୍କ ଠାରୁ ଅଯୋଗ୍ୟ ହିତାଧିକାରୀ ମାନେ ୫ ରୁ ୭ ବର୍ଷ ବୟସ ବଢ଼ାଇ ଭ□। ପାଇବାରେ ସକ୍ଷମ ହୋଇଛନ୍ତି । ଏଭଳି ଜାଲିଆତି ଘଟଣାକୁ ନେଇ ଆମ ପ୍ରତିନିଧି ବିଡ଼ିଓ ବିଷ୍ଣୁ ଗୋବିନ୍ଦଙ୍କୁ ପଚାରିବାରେ ସେ ଏ ସମ୍ପର୍କ ରେ ଅବଗତ ଅଛନ୍ତି ଏବଂ ଜିଲ୍ଲାପାଳଙ୍କ ଚିଠି ପାଇବା ପରେ ଏକ ଥ୍ରୀ ମ୍ୟାନ କମିଟି ଗଠନ କରାଯାଇ ଅନୁସନ୍ଧାନ କରାଯିବା ସହିତ ଅଯୋଗ୍ୟ ହିତାଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ଅର୍ଥ ଫେରସ୍ତ ପାଇଁ ଯୋଜନା କରାଯିବ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ।

## ବଲାଙ୍ଗିର ଜିଲ୍ଲା ଏସ.ୟୁ.ଜେ ଉପ ସଭାପତି ହେଲେ ରୋହନ



କଣ୍ଟାବାଞ୍ଜି, ( ମହାଭାରତ ) ଓଡିଶା ସାମ୍ବାଦିକ ସଂଘ ( ଏସ.ୟୁ.ଜେ ) ର ବଲାଙ୍ଗିର ଜିଲ୍ଲା ନୂତନ କାର୍ଯ୍ୟକର୍ତ୍ତା ମନୋନୀତ ହୋଇଛନ୍ତି। ବଲାଙ୍ଗିର ସାମ୍ବାଦିକ ଭବନ ଠାରେ ଅନୁଷ୍ଠିତ ଏଜ.ୟୁ.ଜେ ବଲାଙ୍ଗିର ଜିଲ୍ଲା ଶାଖାର ସାଧାରଣ ବୈଠକ ରେ ଓଡିଶା ସାମ୍ବାଦିକ ସଂଘ ( ଏଜ.ୟୁ.ଜେ ) ବଲାଙ୍ଗିର ଜିଲ୍ଲା ଉପ ସଭାପତି ଭାବେ କଣ୍ଟାବାଞ୍ଜି ଅଞ୍ଚଳ ର ଯୁବ ସାମ୍ବାଦିକ ରୋହନ କୁମାର ମହତ ଙ୍କୁ ସମସ୍ତ କାର୍ଯ୍ୟକର୍ତ୍ତା ମନୋନୀତ କରିଛନ୍ତିୟ ଜଣେ ନିର୍ଭୀକ ସାମ୍ବାଦିକ ଭାବେ ସବୁ ବେଳେ ସତ୍ୟତା ଓ ଗ୍ରାଉଣ୍ଡ ଜିରୋ କୁ ଯାଇ ସବୁ କ୍ଷେତ୍ର ରେ ଖବର ପ୍ରକାଶିତ କରିବା ସହ ଅନେକ ଉପାନ୍ତ ଅଞ୍ଚଳ ର ସମସ୍ୟା କୁ ନେଇ ସେ ସରକାର ଓ ପ୍ରଶାସନ ନଜର କୁ ଆଣି ଲୋକ ଙ୍କ ସମସ୍ୟାର ସମାଧାନ ଦିଗ ରୋହନ କାମ କରିଥାନ୍ତି। ଉପ ସଭାପତି ଭାବେ ରୋହନ ଙ୍କୁ ମନୋନୀତ ହେବା ପରେ ବୁଧବାର କଣ୍ଟାବାଞ୍ଜି ବିଜୁ ଜନତା ଦଳ ପକ୍ଷରୁ ଯୁବ ବିଜେଡି ନେତା ଗିରିରାଜ ସିଂ ମାଝୀ ଙ୍କ ନେତୃତ୍ୱ ରେ ତୁରେକେଲା ବ୍ଲକ ଚାଟୁଅନକା ସ୍ଥିତ ଦଳୀୟ କାର୍ଯ୍ୟାଳୟ ଠାରେ ଉପଢୌକନ ଓ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।ଏହି ସମୟରେ ପୂର୍ବତନ ବଲାଙ୍ଗିର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ତଥା ବିଜେଡି ନେତ୍ରୀ ନିରୁପମା ମାଝୀ, ବିଜୁ ମହିଳା ଜନତା ଦଳ ଜିଲ୍ଲା ସାଧାରଣ ସମ୍ପାଦିକା ପିଙ୍କି ଖର୍ସେଲ, ନଗର ସଭାପତି ଦେବାର ବାରିକ, ନଗର ଯୁବ ସଭାପତି ବିଷ୍ଣୁ ଯୁଏଡ, ବରିଷ୍ଠ ବିଜେଡି ନେତା ଦୈତାରି ଭୋଇ, ସାମ୍ବାଦିକ ତୁଳସୀରମ ଜଗତ, ସମାସେବୀ ଡବୁ ଲାଠ ପ୍ରମୁଖ ଉପସ୍ଥିତ ଥିଲେୟ ସେହିପରି ସାଇ ଭାଇ ସୋସିଆଲ ୱାର୍କର ଅନୁଷ୍ଠାନ ପକ୍ଷରୁ ପ୍ରତିଷ୍ଠାତା ରାଜେନ୍ଦ୍ର ଦୀପ ଙ୍କ ନେତୃତ୍ୱ ରେ ପର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରେ ଉପ ସଭାପତି ରୋହନ ସହ ଜିଲ୍ଲା କାର୍ଯ୍ୟକାରୀ ସଦସ୍ୟ ତୁଳସୀରାମ ଜଗତ, ଯୁଗଳ କିଶୋର ଶବର, ସଦସ୍ୟ ମୋହନ ସୁନା ଙ୍କୁ ମଧ୍ୟ ଉପଢୌକନ ଓ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠାନ ର ଉପେନ୍ଦ୍ର ଦୀପ, ଗୁଲାମ ଜିଲାନୀ, ଉପାସନା ଚୋହାନ, ଦୀପକ ଦୀପ ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ଉପ ସଭାପତି ରୋହନ ଓଡିଶା ସାମ୍ବାଦିକ ସଂଘ (ଏଜ.ୟୁ.ଜେ) ର ରାଜ୍ୟ ଓ ଜିଲ୍ଲା ନେତୃ ମଣ୍ଡଳ କୁ ଧନ୍ୟବାଦ ଜଣାଇବାକୁ ସହ ଏଜ.ୟୁ.ଜେ ର ନିତି ନିୟମ ଅସୁସାରେ କାମ କରିବି ବୋଲି ସେ କହିଛନ୍ତି। ରୋହନ ଉପ ସଭାପତି ଭାବେ ମନୋନୀତ ହେବା ପରେ ତାଙ୍କୁ ଶୁଭେଚ୍ଛା ର ସୁଅ ଛୁଟୁଛି।

# ଭାରତୀୟ ଉଚ୍ଚାୟୁକ୍ତଙ୍କୁ ଡକାଇ ଅସନ୍ତୋଷ ଜଣାଇଲା ବାଂଲାଦେଶ

**ନୂଆଦିଲ୍ଲୀ,୪।୧୨(ଏଜେନ୍ସି):** ତ୍ରିପୁରାରର ରାଜଧାନୀ ଅଗରତାଲାରେ ଥିବା ବାଂଲାଦେଶର ସହକାରୀ ଉଚ୍ଚାୟୁକ୍ତ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ଓ ସୁରକ୍ଷା ବ୍ୟାରିକେଡ୍ ଭଙ୍ଗାଯିବାକୁ ନେଇ ବାଂଲାଦେଶ ସରକାର ଢାକାରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତ ପ୍ରଣୟ ବର୍ମାଙ୍କୁ ତଲବ କରି ଅସନ୍ତୋଷ ପ୍ରକାଶ କରିଛନ୍ତି । ଏହି ଅବସରରେ ବର୍ମା କହିଥିଲେ ଯେ ଭାରତ ଓ ବାଂଲାଦେଶ ମଧ୍ୟରେ ବ୍ୟାପକ ଓ ବହୁମୁଖୀ ସମ୍ପର୍କ ରହିଛି । ଗୋଟିଏ ପ୍ରସଙ୍ଗକୁ ନେଇ ଏହାକୁ ସୀମିତ କରାଯାଇପାରିବ ନାହିଁ । ଏହି ଅବସରରେ ବର୍ମା କହିଥିଲେ ଯେ ଭାରତ ଓ ବାଂଲାଦେଶ ମଧ୍ୟରେ ବ୍ୟାପକ ଓ ବହୁମୁଖୀ ସମ୍ପର୍କ ରହିଛି। ଗୋଟିଏ ପ୍ରସଙ୍ଗକୁ ନେଇ ଏହାକୁ ସୀମିତ କରାଯାଇପାରିବ ନାହିଁ । ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ହେଉଥିବା ଆକ୍ରମଣ ଓ



ଚିନ୍ମୟ କୃଷ୍ଣ ଦାସଙ୍କୁ ଗିରଫ କରିବା ପ୍ରତିବାଦରେ ବାଂଲାଦେଶରେ ଗତ ସପ୍ତାହରେ ଏକ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା । ଏହି ବିକ୍ଷୋଭ ସମୟରେ ଉତ୍ତ୍ୟକ୍ତ ଜନତା ବାଂଲାଦେଶର ସହକାରୀ ଉଚ୍ଚାୟୁକ୍ତ ଅଫିସର ସୁରକ୍ଷା ବ୍ୟାରିକେଡ୍ ଭାଙ୍ଗିଦେଇଥିଲେ । ଏହି ଘଟଣାକୁ ନେଇ ବାଂଲାଦେଶ ଅସନ୍ତୋଷ ପ୍ରକାଶ କରିଛି । ମଙ୍ଗଳବାର ବାଂଲା ସରକାରଙ୍କ ଆଇନ ପରାମର୍ଶଦାତା ଆସିଫ ନଜରୁଲ କହିଛନ୍ତି ଯେ ଅଗରତାଲା ଘଟଣା ଭାରତ ସରକାରଙ୍କ ବିଫଳତା । ଭାରତ ସରକାରଙ୍କୁ ଚିନ୍ତା କରିବା ଉଚିତ ଯେ ଏହା ଶେଖ ହସିନାଙ୍କ ବାଂଲାଦେଶ ନୁହେଁ । ଭାରତୀୟ ରାଷ୍ଟ୍ରଦୂତଙ୍କ ଗସ୍ତ ସମ୍ପର୍କରେ ବୈଦେଶିକ ବ୍ୟାପାର ପରାମର୍ଶଦାତା ତୌହିଦ ହୁସେନ୍ ଗଣମାଧ୍ୟମକୁ କହିଛନ୍ତି, ତାଙ୍କୁ (ବର୍ମା)ଙ୍କୁ ଆସିବାକୁ କୁହାଯାଇଛି। ବିଏସ୍ଏସ୍ କହିଛି ଯେ କାର୍ଯ୍ୟକାରୀ ବୈଦେଶିକ ସଚିବ ରିଆଜ୍ ହମିଦୁଲ୍ଲା ଭାରତୀୟ ହାଇକମିସନରଙ୍କୁ ଡକାଇଥିଲେ ।

# ପାକିସ୍ତାନର ବଳ ବଢାଉଛି ଚୀନ୍

**ନୂଆଦିଲ୍ଲୀ,୪।୧୨(ଏଜେନ୍ସି):** ପୁଣି ଭାରତ ବିରୋଧରେ ଷଡ଼ଯନ୍ତ୍ର କରୁଥିବା ସମୟରେ ପଦାରେ ପଡିଛନ୍ତି ପାକିସ୍ତାନ ଓ ଚୀନ । ଏନେଇ ସୂଚନା ଦେଇଛନ୍ତି ଭାରତୀୟ ନୌସେନା ମୁଖ୍ୟ ଆଡମିରାଲ ଦିନେଶ ତ୍ରିପାଠୀ । ସବୁଠୁ ବଡ କଥା



ହେଉଛି ଜଳସୀମାରେ ପାକିସ୍ତାନ ନିଜର ନୌସେନା ଶକ୍ତି ବଢାଇବା ସହ ଚୀନ ଏଥିପାଇଁ କରୁଛି ସାହାଯ୍ୟ । ୫୦ଟି ଯୁଦ୍ଧ ଜାହାଜ, ବୁଡା ଜାହାଜ ଯୋଗାଇବା ଏବେ ଭାରତ ପାଇଁ ବଡ ଚିନ୍ତାର କାରଣ ହେଲାଣି ।

# ଭାରତକୁ ଉପହାର ଦେଲେ ବାଇଡେନ

**ୱାଶିଂଟନ୍,୪।୧୨(ଏଜେନ୍ସି):** ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନଙ୍କ କାର୍ଯ୍ୟକାଳ ଶେଷ ହେବାକୁ ମାତ୍ର କିଛି ସପ୍ତାହ ବାକି ଅଛି । ଏହି ସମୟ ମଧ୍ୟରେ ଭାରତ ଏବଂ ଆମେରିକା ମଧ୍ୟରେ ପ୍ରତିରକ୍ଷା ଚୁକ୍ତିକୁ ଆମେରିକା ଅନୁମୋଦନ କରି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି । ଆମେରିକା ଭାରତକୁ ହେଲିକପ୍ଟର ଉପକରଣ ବିକ୍ରିର ଦାବିକୁ ଅନୁମୋଦନ କରିଛି । ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନଙ୍କ ପ୍ରଶାସନର ପ୍ରସ୍ତାବ କ୍ରମେ ଆମେରିକା ସଂସଦ ଏମଏଚ-୬୦ଆର ମଲ୍ଟି ମିଶନ ହେଲିକପ୍ଟର ଉପକରଣ' ଏବଂ ଆନୁଷଙ୍ଗିକ ଉପକରଣ ବିକ୍ରିକୁ ଅନୁମୋଦନ କରିବାକୁ ନିଷ୍ପତ୍ତି ନେଇଛି । ଏହି ଏମଏଚ-୬୦ଆର ମଲ୍ଟି ମିଶନ୍ ହେଲିକପ୍ଟର ଉପକରଣର ଆନୁମାନିକ ମୂଲ୍ୟ ହେଉଛି ୧.୧୭ ବିଲିୟନ ଆମେରିକୀୟ ଡଲାର । ପ୍ରସ୍ତାବିତ ଉପକରଣ ବିକ୍ରୟ ଭାରତର ସାମୁଦ୍ରିକ ଯୁଦ୍ଧ ଯୁଦ୍ଧ କ୍ଷମତାକୁ ନବୀକରଣ କରି ବର୍ତ୍ତମାନର ତଥା ଭବିଷ୍ୟତର ବିପଦକୁ ରୋକିବାରେ ଭାରତର ଦକ୍ଷତାକୁ ଉନ୍ନତ କରିବ ବୋଲି ପ୍ରତିରକ୍ଷା ସୁରକ୍ଷା ସହଯୋଗ ଏଜେନ୍ସି



କଂଗ୍ରେସକୁ ଏକ ବିଜ୍ଞପ୍ତିରେ କହିଛି । ଦରରି ବର୍ଷର କାର୍ଯ୍ୟକାଳ ଶେଷ ହେବାର କିଛି ସପ୍ତାହ ପୂର୍ବରୁ ବାଇଡେନ ପ୍ରଶାସନ ଭାରତରେ ପ୍ରମୁଖ ପ୍ରତିରକ୍ଷା ଉପକରଣ ବିକ୍ରିକୁ ଅନୁମୋଦନ କରି ଏକ ଉପହାର ପ୍ରଦାନ କରିଛନ୍ତି । ନଭେମ୍ବର ୫ ରେ ଅନୁଷ୍ଠିତ ରାଷ୍ଟ୍ରପତି ନିର୍ବାଚନରେ ଜିତିବା ପରେ ଡୋନାଲ୍ଡ ଟ୍ରମ୍ପ ୨୦ ଜାନୁଆରୀ ୨୦୨୫ ରେ ଆମେରିକାର ୪୭ତମ ରାଷ୍ଟ୍ରପତି ଭାବରେ ଶପଥ ଗ୍ରହଣ କରିବେ । ବିଜ୍ଞପ୍ତି ଅନୁଯାୟୀ, ଭାରତ ୩୦ 'ବହୁମୁଖୀ ସୂଚନା ବଣ୍ଟନ ସିଷ୍ଟମ-ମିଳିତ କେଶଳ ରେଡିଓ ସିଷ୍ଟମ' (ଏଆଇଡିଏସ-ଜେଟିଆରଏସ) କ୍ରୟ କରିବାକୁ ପ୍ରସ୍ତାବ ଦେଇଛି । ଏହି ବିକ୍ରିରେ ଚୁକ୍ତି ମୁଖ୍ୟତଃ ଲକ୍ହିଡ୍ ମାର୍ଟିନ ରୋଟାରୀ ଏବଂ ମିଶନ୍ ସିଷ୍ଟମ୍ ସହିତ ହେବ । ଏଥିରେ କୁହାଯାଇଛି ଯେ ଏହାର କାର୍ଯ୍ୟକାରିତା ପାଇଁ ବୈଷୟିକ ସହାୟତା ଏବଂ ପରିଚାଳନା ତଦାରଖ ପାଇଁ ଅସ୍ଥାୟୀ ଭିତ୍ତିରେ ଭାରତ ସହ ଚୁକ୍ତିରେ ଜଡିତ ଥିବା ୨୦ ତମ ଅନୁବନ୍ଧ ଲାଗି ୨୫ ଜଣ ପ୍ରତିନିଧୀଙ୍କର ଭାରତ ପରିଦର୍ଶନର ଆବଶ୍ୟକତା ରହିଛି ବୋଲି କୁହାଯାଉଛି ।

# ଗୁଗଲ ମ୍ୟାପ୍ ଦେଖାଇଲା ଭୁଲ ରାସ୍ତା: କେନାଲକୁ ଖସିଲା କାର୍

**ବରେଲି,୪।୧୨(ଏଜେନ୍ସି):** ଗୁଗଲ ମ୍ୟାପ୍ ଦେଲା ଧୋକ୍କା । ଗୁଗଲ ମ୍ୟାପରୁ ରାସ୍ତା ଦେଖି ଠିକଣା ସ୍ଥଳକୁ ଯିବା ହେଲା କାଳ । ରାସ୍ତା ଛାଡି କେନାଲକୁ ଖସିଲା କାର୍ । ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତିରେ ୩ ଲୋକ । ଘଟଣା ଘଟିଛି ଉତ୍ତରପ୍ରଦେଶ ବରେଲିର ଇଜ୍ଜତନଗର ଥାନା ଅଞ୍ଚଳରେ । ଏହି ଅଞ୍ଚଳ ଦେଇ ଯାଇଥିବା କଲାପୁର କେନାଲରେ କାରଟି ଖସି ପଡ଼ିଥିଲା । ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛି । ସୂଚନାଯୋଗ୍ୟ, ଏକ କାରରେ ତିନି ଜଣ ବ୍ୟକ୍ତି ପିଲିଭିତି ଯାଉଥିଲେ । ସେମାନଙ୍କ କହିବା ଅନୁସାରେ, ସେମାନ ଗୁଗଲ ମ୍ୟାପ ଦେଖି ଆଗକୁ ବଢୁଥିଲେ । ଏହି ସମୟରେ ବରେଲିର କସଓ୍ୱି ରିଠୋରାରେ ସେମାନଙ୍କ କାର ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ତେବେ କେନାଲରେ ପାଣି ନଥିବାରୁ ସମସ୍ତେ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଛନ୍ତି । ଦୁର୍ଘଟଣା ପରେ କାରରୁ ଜଣେ ବାହାରକୁ ଆସି ପୋଲିସକୁ ଖବର ଦେଇଥିଲେ । ତାଙ୍କଠାରୁ ସୂଚନା ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅନ୍ୟ ଦୁଇ ଜଣଙ୍କୁ ଉଦ୍ଧାର କରିବା ସହ କ୍ରେନ ସାହାଯ୍ୟରେ କାରଟିକୁ କେନାରୁ ବାହାର କରିଥିଲା । ଇଜ୍ଜତନଗର ଥାନା ଅଧିକାରୀ କହିଛନ୍ତି, ଔରେୟା ବାସିନ୍ଦା ଦିବ୍ୟାଂଶ ସିଂ ତାଙ୍କ କାରର ଜିପିଏସ ସାହାରାରେ ପିଲିଭିତି ଯାଉଥିଲେ । ଏହି ସମୟରେ କଲାପୁର କେନାଲ ପାଖରେ ବରକାପୁର ରାସ୍ତା କଟି ଯାଇଥିବାରୁ ଏହି ଦୁର୍ଘଟଣା ଘଟିଛି । ସର୍ଟକଟ ଚକ୍କରରେ ମୁଖ୍ୟ ରାସ୍ତା ଛାଡି ସେମାନେ ଏହି ରାସ୍ତାରେ ପଶିଥିଲେ ।

## ହେୟାର ଆଣ୍ଡ କେୟାର ଅଏଲ ଇନ୍ ସେରମ୍ କାହିଁକି ?

**ନୂଆଦିଲ୍ଲୀ,୫।୧୨(ଏଜେନ୍ସି):** ଏବେ ପାର୍ଟି ସିଜନ୍ ଆରମ୍ଭ ହୋଇଯାଇଛି, ଯାହା ଅସରନ୍ତି ଉତ୍ସବାନୁଷ୍ଠାନ ଏବଂ ସମ୍ମୋହକ ରାତିଗୁଡିକ ଆୟୋଜନ କରୁଛି। ଆପଣଙ୍କର ପୋଷାକ ଏବଂ ମେକଅପ୍ ଝଲସୁଥିବାବେଳେ ଆପଣଙ୍କର କେଶ ବସ୍ତୁତଃ ସୋ'ଷ୍ଟପର ପାଲଟୁଛି, ଯାହା ଏହାକୁ ସୁସ୍ଥ, ଉଜ୍ଜ୍ୱଳ ଏବଂ ଫ୍ରିଜ-ଫ୍ରି ରଖିବା ଅତ୍ୟାବଶ୍ୟକ କରୁଛି। ବାରମ୍ବାର ଷ୍ଟାଇଲିଂ କରିବା, ପ୍ରଦୂଷଣ ଏବଂ ପାଗ ପରିବର୍ତ୍ତନ କାରଣରୁ ଆପଣଙ୍କ କେଶ୍ ମଳିନ ହୋଇପାରେ, କିନ୍ତୁ ଏକ ଅଏଲ୍-ଇନ୍-ସେରମ୍ ପାର୍ଟି ପାଇଁ ସମ୍ପୂର୍ଣ୍ଣ ଉପଯୋଗୀ କେଶ ପାଇଁ ଏକମାତ୍ର ଗେମ୍ ଚେଞ୍ଜର ଅଟେ। ଭିଟାମିନ ଇ'ରେ ସମୃଦ୍ଧ ଏକ ଅଏଲ୍-ଇନ-ସେରମ୍ ଆପଣଙ୍କ କେଶକୁ ମୁଲାୟମ, ଔଜଲ୍ୟପୂର୍ଣ୍ଣ ଏବଂ ନିରଳସ ଭାବରେ ପାର୍ଟି-ରେଡି କରି ଗଢିତୋଳେ। ଏହାର ହାଲୁକାପଣ (ଲାଇଟଓ୍ୱେଟ) ଫର୍ମୁଲା କୌଣସି ପ୍ରକାର ଅଠାଳିଆ ଅବଶେଷ ବିନା ହାଲୁକାପଣ ପୋଷଣ ଯୋଗାଇଦେଉଛି, ଯାହା ଏହାକୁ ଉଭୟ ଦୈନନ୍ଦିନ ଏବଂ ପାର୍ଟି ନିମନ୍ତେ ଷ୍ଟାଇଲିଂ କରିବା ନିମନ୍ତେ ସମ୍ପୂର୍ଣ୍ଣ ସଠିକ କରି ଗଢିତୋଳୁଛି।

# ପିଇବା ଯୋଗଁ ନୁହେଁ ଗଙ୍ଗାଜଳ



**ହରିଦ୍ୱାର,୪।୧୨(ଏଜେନ୍ସି):** ସ୍ୱଚ୍ଛ ଗଙ୍ଗା ପାଇଁ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ତଥାପି ଗଙ୍ଗା ସମ୍ପୂର୍ଣ୍ଣ ଭାବେ ସ୍ୱଚ୍ଛ ନୁହେଁ । ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ରିପୋର୍ଟ ଅନୁସାରେ ହରିଦ୍ୱାରର ଗଙ୍ଗାଜଳ ପିଇବା ଯୋଗ୍ୟ ନୁହେଁ । ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ କିନ୍ତୁ ଏହା ସମ୍ପୂର୍ଣ୍ଣ ସତ । ପ୍ରତିବର୍ଷ ଲକ୍ଷାଧିକ ସଂଖ୍ୟାରେ ଶ୍ରଦ୍ଧାଳୁ ହରିଦ୍ୱାରରେ ବୁଡ ପକାଇ ଗଙ୍ଗାଜଳ ପିଇଥାନ୍ତି । ଶାସ୍ତ୍ରରେ ଗଙ୍ଗାକୁ ମୋକ୍ଷଦାୟିନୀ କୁହାଯାଇଥାଏ । ଧର୍ମନଗରୀ ହରିଦ୍ୱାରରେ ପ୍ରତିବର୍ଷ ଲକ୍ଷାଧିକ ସଂଖ୍ୟାରେ ଶ୍ରଦ୍ଧାଳୁ ପହଞ୍ଚିଥାନ୍ତି। ଗଙ୍ଗାରେ ବୁଡ ପକାଇ ଗଙ୍ଗାଜଳ ପାନ କରିବା ଏବେ ଶ୍ରଦ୍ଧାଳୁଙ୍କୁ ମହଙ୍ଗା ପଡିପାରେ । କାରଣ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମାସିକ ସର୍ଭେରୁ ଜଣାପଡିଛି ଯେ ଗଙ୍ଗାଜଳରେ ଫିକଲ୍ କଲିଫର୍ମ ଅର୍ଥାତ ଅପପୁଷ୍ଟି ମାତ୍ରା ଅଧିକ ପରିମାଣରେ ରହିଛି । ରିପୋର୍ଟରେ ଗଙ୍ଗାଜଳ ବି ଶ୍ରେଣୀରେ ଆସୁଛି । ଏହାର ଅର୍ଥ ଯେ କେବଳ ଗଙ୍ଗାରେ ଗାଧୋଇ ହୋଇ ପାରିବ କିନ୍ତୁ ଏହା ପିଇବା ଯୋଗ୍ୟ ନୁହେଁ । ଗଙ୍ଗାଜଳକୁ ଶୁଦ୍ଧ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ନମାମି ଗଙ୍ଗେ ଯୋଜନା ଚଳାଇଛନ୍ତି । ସାମାଜିକ ଓ ଧାର୍ମିକ ସଙ୍ଗଠନ ମଧ୍ୟ ଏଥିପାଇଁ ସାହାଯ୍ୟ କରୁଛନ୍ତି । ଏସବୁ ପ୍ରୟାସରୁ ଗଙ୍ଗା ପ୍ରଦୂଷଣରେ କିଛି ମାତ୍ରାରେ ସୁଧାର ଆସିଛି । କିନ୍ତୁ ଆଜିବି ହରିଦ୍ୱାରରେ ନାଳ ନର୍ଦ୍ଦମା ପାଣି ସିଧାସଳଖ ଗଙ୍ଗାରେ ମିଶୁଛି । ଏହା ସହ ରେ ଅଧିକାଂଶ ଏସଟିପିରୁ ପାଣି ସିଧାସଳଖ ଗଙ୍ଗାରେ ମିଶୁଛି । ପରିବେଶ ସୁରକ୍ଷା ପାଇଁ କାମ କରୁଥିବା ସନ୍ଥ ସ୍ୱାମୀ ଶିବାନନ୍ଦ ଏଥିପାଇଁ ହରିଦ୍ୱାରର ସାଧୁସନ୍ଥଙ୍କୁ ଦାୟୀ କରିଛନ୍ତି । ଗଙ୍ଗା କେବଳ ଏକ ନଦୀ ନୁହେଁ ବରଂ ଭାରତୀୟ ସଂସ୍କୃତିର ବଡ ଅଂଶ ।ଶୁଦ୍ଧତା ଓ ପବିତ୍ରତା କଥା ଉଠିଲେ ଗଙ୍ଗାର ଉଦାହରଣ ଦିଆଯାଇଥାଏ । କିନ୍ତୁ ଧର୍ମନଗରୀ ହରିଦ୍ୱାରରେ ଗଙ୍ଗା ନିଜର ଅସ୍ତିତ୍ୱ ହରାଇ ସାରିଲାଣି ।

# ମହଙ୍ଗା ହେବ କୋଲ୍ଡ ଡ୍ରିଙ୍କସ, ସିଗାରେଟ ଓ ତମାଖୁ

**ନୂଆଦିଲ୍ଲୀ,୪।୧୨(ଏଜେନ୍ସି):** ସିଗାରେଟ, ତମାଖୁ ସେବନ କରୁଥିବା ଲୋକଙ୍କ ପକେଟ୍ ହୋଇଯିବ ଖାଲି । ଆଗାମୀ ଦିନରେ ସେମାନଙ୍କ ଖର୍ଚ୍ଚ ବଢିବାକୁ ଯାଉଛି । ଏହି ଜିନିଷ ଉପରେ ଜିଏସଟି ବଢିବ । ଜିଏସଟି କାଉନସିଲ ବୈଠକ ପୂର୍ବରୁ ମନ୍ତ୍ରୀଙ୍କ ମଧ୍ୟରେ ବସିଥିବା ଏକ ବୈଠକରେ ତମାଖୁ ସାମଗ୍ରୀ ଉପରେ ୨୮%ରୁ ବଢି ୩୫% କରିବାକୁ ସୁପାରିଶ ହୋଇଛି । ଏ ନେଇ ଆସନ୍ତା ୨୧ ତାରିଖରେ ଜିଏସଟି କାଉନସିଲ ବୈଠକରେ ନିଷ୍ପତ୍ତି ନିଆଯିବ । ମହଙ୍ଗା ହେବ ତମାଖୁ ସାମଗ୍ରୀ- ମିଳିଥିବା ସୂଚନା ଅନୁସାରେ, ଜିଏସଟି ଦରକୁ ନେଇ ମନ୍ତ୍ରୀ ସମୂହଙ୍କ ମଧ୍ୟରେ ବୈଠକ ହୋଇଥିଲା । ଏଥିରେ ସିଗାରେଟ, ତମାଖୁ ଭଳି ହାନିକାରକ ସାମଗ୍ରୀ ସହ କୋଲ୍ଡ ଡ୍ରିଙ୍ଗ ବା ମୃଦ୍ୟୁପାନୀୟ ଉପରେ ଜିଏସଟି ବୃଦ୍ଧି କରାଇବାକୁ ସୁପାରିସ ହୋଇଥିଲା । ବର୍ତ୍ତମାନ ଏହି ସାମଗ୍ରୀ ଉପରେ ଜିଏସଟି ୨୮% ରହିଛି । ଏହାକୁ ୩୫% କରିବାକୁ ସୁପାରିଶ ହୋଇଛି । ଏହା ଉପରେ ଫାଇନାଲ ନିଷ୍ପତ୍ତି ଡିସେମ୍ବର ୨୧ ତାରିଖରେ ନିଆଯିବ । ଯଦି ସରକାର ଜିଏସଟି ବଢାଇବାକୁ ନିଷ୍ପତ୍ତି ନେଉଛନ୍ତି ତେବେ ଏହା ଦର ଏକ ଲମ୍ବା ଡିଆଁ ଦେବ । ରେଡିମେଡ ଡ୍ରେସ୍ ଉପରେ ବଢିବ ଜିଏସଟି- ବୈଠକରେ ମୋଟ ୧୪୮ଟି ଆଇଟମ୍ ଉପରେ ଜିଏସଟି ଟିକସ ପରିବର୍ତ୍ତନ ପାଇଁ ପ୍ରସ୍ତାବ ଦିଆଯାଇଛି । ତେବେ ରେଡିମେଡ କପଡା ଉପରେ ମଧ ଜିଏସଟି ବୃଦ୍ଧି କରିବାକୁ ଆଲୋଚନା ହୋଇଛି । ୧, ୫୦୦ ଟଙ୍କା ଡ୍ରେସ୍ ଉପରେ ୫ ପ୍ରତିଶତ, ୧,୫୦୦ରୁ ୧୦,୦୦୦ ଟଙ୍କା ମଧ୍ୟରେ ୧୮ ପ୍ରତିଶତ ଓ ୧୦,୦୦୦ରୁ ଅଧିକ ହେଲେ ୨୮ ପ୍ରତିଶତ ଟ୍ୟାକ୍ସ ଦେବାକୁ ପଡିବ । ଏହି ସଂଶୋଧନ ରାଜସ୍ୱ ଉପରେ ସକରାତ୍ମକ ପ୍ରଭାବ ପକାଇବ ବୋଲି ଆଶା କରାଯାଉଛି । ଡିସେମ୍ବର ୨୧ରେ ଜିଏସଟି ପରିଷଦ ବୈଠକ- ଆସନ୍ତା ୨୧ ତାରିଖରେ ଜିଏସଟି କାଉନସିଲ ବୈଠକ ହେବ । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧକ୍ଷତାରେ ବସିବ ୫୫ତମ ଜିଏସଟି ପରିଷଦ ବୈଠକ । ଏହି ବୈଠକରେ ନିଷ୍ପତ୍ତି ନିଆଯିବ ୟ୨୦୧୭ରେ ଲାଗୁ ହୋଇଥିଲା ଜିଏସଟି- ୨୦୧୭ରେ ଦେଶରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍ଟି) ଲାଗୁ ହୋଇଥିଲା । ଦେଶ ସ୍ୱାଧୀନ ପରେ ଏହା ସବୁଠୁ ବଡ ଟିକସ ସୁଧାର ବୋଲି କୁହାଯାଏ । ୨୦୧୭ ମାର୍ଚ୍ଚ ୨୯ରେ ଜିଏସଟି ବିଲ୍ ପାସ୍ ହୋଇଥିଲା । ଜୁଲାଇ ୧ରେ ନୂଆ ଟିକସ୍ ବ୍ୟବସ୍ଥା ଲାଗୁ ହୋଇଥିଲା ।

# ଆହୁରି ସଶକ୍ତ ହେବ ଭାରତୀୟ ସେନା

**ନୂଆଦିଲ୍ଲୀ,୪।୧୨(ଏଜେନ୍ସି):** ଭାରତ ଏବଂ ଫ୍ରାନ୍ସ ମଧ୍ୟରେ ହୋଇପାରେ ବଡ଼ ପ୍ରତିରକ୍ଷା ଚୁକ୍ତି। ଏହା ଅନ୍ତର୍ଗତ ଭାରତୀୟ ନୌସେନାକୁ ଫ୍ରାନ୍ସର କମ୍ପାନୀ ଡାସଲ୍ଟ ଆଭିଏଶନରୁ ୨୬ ରାଫାଲ-ମେରାଇନ ଯୁଦ୍ଧ ବିମାନ ମିଳିବ। ଏଥିସହିତ ୩ଟି ସ୍କରପିଅନ କ୍ଲାସ ସବମେରାଇନ କଣିବ ଭାରତ। ଏହାପୂର୍ବରୁ ୨୦୧୬ ରେ ଭାରତ ଏହାର ବାୟୁସେନା ପାଇଁ ୩୬ ଟି ରାଫାଲ ଯୁଦ୍ଧ ବିମାନ କିଣିବା ପାଇଁ ଏକ ଚୁକ୍ତି କରିଥିଲା, ଯାହା ସବୁ ଡେଲିଭରୀ କରାଯାଇ ସାରିଛି। ଏହି ନୂତନ ଚୁକ୍ତି ଖୁବ ଶୀଘ୍ର ହୋଇପାରେ ବୋଲି ସୂଚନା ଦେଇଛନ୍ତି ନୌସେନା ମୁଖ୍ୟ ଦିନେଶ ତ୍ରିପାଠୀ। ଡିଜାଇନ ଏବଂ ସାମର୍ଥ୍ୟ ଅନୁସାରେ ନୌସେନା ଯୁଦ୍ଧ ବିମାନ ବାୟୁସେନା ରାଫାଲଠାରୁ ଭିନ୍ନ। ଏହାର କାରଣ ହେଉଛି ଯେଉଁଠାରେ ଯୁଦ୍ଧ ବିମାନ ଚଳାଚଳ କରୁଥିବା ପରିବେଶ ଏବଂ ସେମାନଙ୍କୁ ଦିଆଯାଇଥିବା ଭୂମିକା ମଧ୍ୟରେ ଏକ ପାର୍ଥକ୍ୟ ଅଛି। ଯେଉଁଥିରେ ବର୍ଦ୍ଧିତ ଅବତରଣ କ୍ଷମତା, କାଟାପଲ୍ଟ କିମ୍ବା ରେମ୍ପ ଲଞ୍ଚ ଏବଂ ଲୁଣିଆ ଜଳ ପରିବେଶରେ ଉଡ଼ାଣ ଅନ୍ତର୍ଭୁକ୍ତ। ବିମାନ ପରିବହନକାରୀଙ୍କ ଉପରେ ନିୟୋଜନ ଏବଂ ସମରାଭ୍ୟାସକୁ ସୁଗମ କରିବା ପାଇଁ ରାଫାଲ ମେରାଇନରେ ଲ୍ୟାଣ୍ଡିଂ ଗିଅର୍ ଏବଂ ଏୟାରଫ୍ରେମ ଅତ୍ୟନ୍ତ ଦୃଢ଼ ହୋଇଛି। ଫୋଲ୍ଡିଂ ଡେଣା ମଧ୍ୟ ମଜବୁତ ହୋଇଛି। ଅନ୍ୟ ପଟେ, ସ୍ଥଳ ଭିତ୍ତିକ ଯୁଦ୍ଧ ବିମାନ ଏହି ସୁବିଧା ଆବଶ୍ୟକ କରେ ନାହିଁ କାରଣ ସେମାନେ ପାରମ୍ପାରିକ ରନଓ୍ୱେରୁ କାର୍ଯ୍ୟ କରିଥାନ୍ତି।

# ୩୨% ଚାକିରି ଖାଇଯିବ ଏଆଇ

**ନୂଆଦିଲ୍ଲୀ,୪।୧୨(ଏଜେନ୍ସି):** ଗତ ୧ ଦଶନ୍ଧି ଧରି ଅର୍ଗାନାଇଜେସନ ଫର୍ ଇକୋନୋମିକ କୋଅପରେସନ ଆଣ୍ଡ୍ ଡେଭଲପମେଣ୍ଟ (ଓଇସିଡି) ଅଞ୍ଚଳ ଗୁଡିକ ନିଯୁକ୍ତି ଅଭିବୃଦ୍ଧି ଜାରି ରଖିଛନ୍ତି । ତେବେ ଜେନେରେଟିଭ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସି (ଏଆଇ) ଏହି ଦେଶ ଗୁଡିକର ସ୍ଥାନିୟ ନିଯୁକ୍ତି ଖାଇଯିବାର ରେ ଆଶଙ୍କା ଉପୁଜିଛି । ସହରାଞ୍ଚଳରେ ୩୨% ନିଯୁକ୍ତି ଏବଂ ଗ୍ରାମାଞ୍ଚଳରେ ୨୧% ନିଯୁକ୍ତି ଏହା ଦ୍ୱାରା ଚାଲିଯିବ । ଗ୍ରାମାଞ୍ଚଳ ସହରାଞ୍ଚଳ ଆୟ ଏବଂ ଉତ୍ପାଦକତା କ୍ଷେତ୍ରରେ ଏହା ବଡ ବ୍ୟବଧାନ ସୃଷ୍ଟି କରିବ ବୋଲି ଓଇସିଡି ରିପୋର୍ଟରେ କୁହାଯାଇଛି । ଅଟୋମେଶନ ଯୋଗୁ ଯେଉଁ ଅଞ୍ଚଳ ଗୁଡିକ ବେଶି କ୍ଷତିଗ୍ରସ୍ତ ହୋଇ ନ ଥିଲେ ଜେନେରେଟିଭ ଏଆଇ ଦ୍ୱାରା ନିଯୁକ୍ତି ହ୍ରାସର ଆଶଙ୍କା ବଢିଛି । ଟେକ୍ନୋଲୋଜି ଭିତ୍ତିକ ଅଟୋମେଶନ ଅଣମେଟ୍ରୋ ଏବଂ ବିନିର୍ମାଣ କ୍ଷେତ୍ର ସହ ଜଡିତ ଏରିଆ ଗୁଡିକୁ ପ୍ରଭାବିତ କରିଥିଲା । ମାତ୍ର ବର୍ତ୍ତମାନ ମେଟ୍ରୋ ଅଞ୍ଚଳର କୁଶଳୀ ଏବଂ ମହିଳାମାନେ ଜେନେରେଟିଭ ଏଆଇଦ୍ୱାରା ନିଯୁକ୍ତିରେ ବଡ ଚ୍ୟାଲେଞ୍ଜ ସାମ୍ନା କରିବେ ବୋଲି ଆକଳନ କରାଯାଇଛି । ଜେନେରେଟିଭ ଏଆଇ ବୌଦ୍ଧିକ ଏବଂ ରୁଟିନ ଟାସ୍କ ଗୁଡ଼ିକୁ ବେଶ ଦକ୍ଷତାର ସହ କରିବାର କ୍ଷମତା ରଖିଛି । ଏହା ଶିଳ୍ପ ଏବଂ ସାରା ବିଶ୍ୱର ଅର୍ଥନୀତିକୁ ଦ୍ରୁତ ଭାବେ ରୁପାନ୍ତରିତ କରୁଛି । ଏହା ଦ୍ୱାରା ନବସୃଜନ ଏବଂ ଉତ୍ପାଦକତା ବୃଦ୍ଧିର ସମ୍ଭାବନା ତ ରହିଛି, ମାତ୍ର ଲୋକଙ୍କ ନିଯୁକ୍ତି ଚାଲିଯିବା ଯୋଗୁ ଅର୍ଥନୈତିକ ବୈଷମ୍ୟ ବିବାର ମଧ ରେ ଆଶଙ୍କା ମଧ୍ୟ ଉପୁଜିଛି । ଏହି ରିପୋର୍ଟରେ ଚିନ୍ତାଜନକ ସ୍ଥିତି ସାମ୍ନାକୁ ଆସିଛି । ଜେନେରେଟିଭ ଏଆଇ । ସ୍ୱିଡେନର ଷ୍ଟକ୍ହୋମ ଏବଂ ପ୍ରଗର ଚେକିଆରେ ୪୫% ଓ କଲମ୍ବିଆର କୁକା ଗ୍ରାମାଞ୍ଚଳରେ ୧୩% ନିଯୁକ୍ତି ନେଇଯିବ । କିଛି କ୍ଷେତ୍ରରେ ନିଯୁକ୍ତି ଅଟୋମେଟେଡ ହେବାକୁ ଥିବା ବେଳେ ଏଆଇ ବିକାଶ, ଡାଟା ସାଇନ୍ସ ଏବଂ ଏଆଇ ଏଥିକ୍ସ ଭଳି କ୍ଷେତ୍ରରେ ନିଯୁକ୍ତି ମଧ୍ୟ ଆସିପାରେ । ମାତ୍ର କିଞ୍ଚିତ ଲୋକଙ୍କୁ ଏହାର ଫାଇଦା ମିଳିବ ବୋଲି କୁହାଯାଉଛି ।




ଓଇସିଡିର ସେକ୍ରେଟାରୀ ଜେନେରାଲ ମାଥିଆସ କୋରମାନ କୁହନ୍ତି, ଏବେ ଜେନେରେଟିଭ ଏଆଇର ଗ୍ରହଣୀୟତା ଦ୍ରୁତ ଭାବେ ବଢିଛି । ଫଳରେ ଏହା ସ୍ଥାନିୟ ନିଯୁକ୍ତି ବଜାରକୁ ପୁର୍ନଭାଷିତ କରିଛି । ଏହା ଉତ୍ପାଦକତା ବାଇବା ସହ ଶ୍ରମିକ ଅଭାବ ସମସ୍ୟା ସମାଧାନ କରୁଛି । ମାତ୍ର ଏହା ସତ୍ତ୍ୱେ ଏହା ଡିଜିଟାଲ ବୈଷମ୍ୟତା ମଧ୍ୟ ବାଉଛି । ଏଭଳି ଟେକ୍ନୋଲୋଜିର ଲାଭ ଲୋକମାନେ ଯେଭଳି ନେଇପାରିବେ ନୀତି ନିର୍ଦ୍ଧାରକ ମାନେ ଅଭିନବ ଯୋଜନା ହାତକୁ ନେବା ଉଚିତ । ଡିଜିଟାଲ ଭିତ୍ତିଭୂମି ଦୃଢୀକରଣ, ଡିଜିଟାଲ ସାକ୍ଷରତା ଏବଂ ଏମ୍ଏସ୍ଏମ୍ଇ ଗୁଡ଼ିକ ଏଆଇ ଦ୍ୱାରା କିଭଳି ସ୍କିଲ ଶିଖି ପାରିବେ ସେ ଦିଗରେ ଧ୍ୟାନ ଦେବାକୁ ପଡିବ ବୋଲି କୋରମାନ ଉଲ୍ଲେଖ କରିଛନ୍ତି । ତେବେ କେବଳ ଓଇସିଡି ରିପୋର୍ଟ ନୁହେଁ ଇଓ୍ୱାଇ ଗ୍ଲୋବାଲ ପକ୍ଷରୁ ନିକଟରେ ଜାରି ହୋଇଥିବା ଏକ ରିପୋର୍ଟରେ ମଧ୍ୟ ଜେନେରେଟିଭ ଏଆଇ ଦ୍ୱାରା ନିଯୁକ୍ତି ହ୍ରାସକୁ ନେଇ ଚିନ୍ତାପ୍ରକଟ କରାଯାଇଥିଲା । ଏହି ରିପୋର୍ଟରେ କୁହାଯାଇଥିଲା ଯେ, ଜେନେରେଟିଭ ଏଆଇ ଦ୍ୱାରା ଆମେରିକାର ୬୬% ନିଯୁକ୍ତି ପ୍ରଭାବିତ ହେବ । ବିଶ୍ୱ ବଜାର କଥା ବିଚାରକୁ ନେଲେ ୫୯% ନିଯୁକ୍ତି ପ୍ରତି ଉଚ୍ଚ ଠାରୁ ସାମାନ୍ୟ ପ୍ରଭାବ ରହିବ । ତେବେ ଅଭିବୃଦ୍ଧିଶୀଳ ଏବଂ ଅନୁନ୍ନତ ଅର୍ଥନୀତି ତୁଳନାରେ ବିକଶିତ ଅର୍ଥନୀତିଗୁଡିକ ଏଆଇ ଦ୍ୱାରା ବେଶି ଲାଭବାନ ହେବେ ବୋଲି ଆକଳନ କରାଯାଇଛି । ରିପୋର୍ଟ ମୁତାବକ, ଜେନେରେଟିଭ ଏଆଇ ଟୁଲ୍ ଦ୍ୱାରା ସୃଜନାତ୍ମକ କ୍ଷେତ୍ର ଯଥା- କଣ୍ଟେଣ୍ଟ କ୍ରିଏସନ, ଡିଜାଇନ, ମ୍ୟୁଜିକ କମ୍ପୋଜିସନ ଭଳି କ୍ଷେତ୍ରଗୁଡିକରେ ନିଯୁକ୍ତି ପ୍ରଭାବିତ ହେବ । ଏହବାଦ କଷ୍ଟମର ସର୍ଭିସ କ୍ଷେତ୍ରରେ ଏଆଇ ଭିତ୍ତିକ ଚାଟ୍ବଟ୍ ଏବଂ ଭର୍ଚୁଆଲ ଆସିଷ୍ଟାଣ୍ଟ ରୁଟିନ୍ କଷ୍ଟମରଙ୍କ ଇନ୍କ୍ୱାରି କରିବା ସହ ମାନବ ଏଜେଣ୍ଟଙ୍କ ଆବଶ୍ୟକତାକୁ ଗୌଣ କରିବ । ମେଡିକାଲ ଫିଲ୍ଡରେ ଏଆଇ ମେଡିକାଲ ଡାଟା, ଡାଏଗ୍ନୋସିସରେ ସହାୟତା, ବ୍ୟକ୍ତିଗତ ଚିକିତ୍ସା ଯୋଜନା ବିକଶିତ କରିବା ଭଳି କାମ କରିବ । ଆର୍ଥିକ କ୍ଷେତ୍ରରେ ଏଆଇ ଟୁଲର ବ୍ୟବହାର ଦ୍ୱାରା ସମ୍ଭାବ୍ୟ ଠକେଇକୁ ଚିହ୍ନଟ କରିବା, ରିସ୍କର ଅନୁମାନ ଲଗାଇବା, ଆର୍ଥିକ ଆନାଲିସିସ ଭଳି ନିଯୁକ୍ତି ରୋଲ ଗୁଡିକ ବେଶି ପ୍ରଭାବିତ ହେବ।

# ନିଜଲୋକ ଦେଉଛନ୍ତି ଧୋକ୍କା

**ନୂଆଦିଲ୍ଲୀ,୪।୧୨(ଏଜେନ୍ସି):** ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ପାଇଁ ଦିନକୁ ଦିନ ବଢିବାରେ ଲାଗିଛି ଅଡୁଆ । ମିଳୁଛି ଗୋଟିଏ ପରେ ଗୋଟିଏ ଝଟକା । ଗୋଟିଏ ପଟେ ୟୁକ୍ରେନ୍ ଉପରେ ଋଷ ଜୋରଦାର ମିଶାଇଲ ମାଡ଼ କରୁଛି । ଅନ୍ୟପକ୍ଷେ ଆସନ୍ତା ମାସ ଡୋନାଲ୍ଡୋ ଟ୍ରମ୍ପ ଶାସନ ଭାର ସମ୍ଭାଳିବା ପରେ ଆର୍ଥିକ ଓ ସାମରିକ ସ୍ତରରେ କାଟ୍ କରିବାର ମଧ ବିପଦ ଘନେଇଛି । ଏସବୁ ଭିତରେ ସବୁଠାରୁ ବଡ଼ କଥା ହେଲା ଯୁଦ୍ଧଭୂମିରୁ ହଜାର ହଜାର ସେନିକଙ୍କ ପଳାୟନନୟ ଏକ ରିପୋର୍ଟ ଅନୁସାରେ, ବର୍ତ୍ତମାନ ସୁଦ୍ଧା ୬୦ ହଜାର ସେନିକ ଯୁଦ୍ଧଭୂମି ଛାଡି ପଳାୟନ କରିଛନ୍ତି । ଏହି ସଂଖ୍ୟା ୨୦୨୨ ଓ ୨୦୨୩ରେ ଯୁଦ୍ଧଭୂମି ଛାଡି ପଳାୟନ କରିଥିବା ସେନିକଙ୍କ ସଂଖ୍ୟାଠାରୁ ଦୁଇଗୁଣା ଅଧିକ ରହିଛି । ଫାଇନାନ୍ସିଆଲ ଟାଇମ୍ସର ରିପୋର୍ଟରେ କୁହାଯାଇଛି ଯେ, ଚଳିତ ବର୍ଷ ଜାନୁଆରୀରୁ ଅକ୍ଟୋବର ଭିତରେ ଋଷ ବିରୋଧରେ ଯୁଦ୍ଧରେ ଦୁଇ ବର୍ଷ ତୁଳନାରେ ସବୁଠାରୁ ଅଧିକ ୟୁକ୍ରେନ୍ ସେନା ରଣଭୂମି ଛାଡି ପଳାୟନ କରିଛନ୍ତି । ୨୦୨୨ ରୁ ଋଷ ଓ ୟୁକ୍ରେନ୍ ଭିତରେ ଯୁଦ୍ଧ ଜାରି ରହିଛି,ଯାହାକି ୩ ବର୍ଷ ପୂରଣ ହେବାର ଅଛି । ଆସୋସିଏଟେଡ୍ ପ୍ରେସ୍ ୟୁକ୍ରେନର ପ୍ରୋସିକ୍ୟୁଟର ଜେନେରାଲ ଅଫିସ ପକ୍ଷରୁ ମିଳିଥିବା ଏକ ରିପୋର୍ଟରେ କହିଛି ଏହି ୩ ବର୍ଷରେ ଋଷ ଆକ୍ରମଣ ଭୟରେ ପ୍ରାୟ ୧ ଲକ୍ଷରୁ ଅଧିକ ସେନିକ ରଣଭୂମି ଛାଡି ପଳାୟନ କରିଛନ୍ତି ।



# ଏୟାର ଇଣ୍ଡିଆ ପକ୍ଷରୁ ଓଡ଼ିଶାରୁ ଜୟପୁର, କୋଚି, ଲକ୍ଷ୍ନୌ, ପାଟନାକୁ ସିଧାସଳଖ ବିମାନ ସଂଯୋଗ

**ଭୁବନେଶ୍ୱର,୪।୧୨ (ମହାଭାରତ):** ଓଡ଼ିଶାର ଅଭିବୃଦ୍ଧିକୁ ସୁଦୃଢ଼ କରିବା ଲାଗି ଏୟାର ଇଣ୍ଡିଆ ଏକ୍ସପ୍ରେସ ପକ୍ଷରୁ ଭୁବନେଶ୍ୱରରୁ ଚାରିଟି ନୂଆ ରୁଟରେ ବିମାନ ସେବାର ଶୁଭାରମ୍ଭ କରାଯାଇଛି। ଭୁବନେଶ୍ୱରରୁ ରାଜସ୍ଥାନର ରାଜଧାନୀ ଜୟପୁର ସହର, ଉତରପ୍ରଦେଶର ସାଂସ୍କୃତିକ ପେଣ୍ଠସ୍ଥଳ ଲକ୍ଷ୍ନୌ, କେରଳର ଶିଳ୍ପ ସହର କୋଚି ଓ ବିହାରର ରାଜଧାନୀ ପାଟନା ସହିତ ବିମାନ ସେବା ଆରମ୍ଭ ହେବ। ଏହା ଦ୍ୱାରା ଭାରତର ବିଭିନ୍ନ ପ୍ରମୁଖ ଓ ଆଂଚଳିକ କେନ୍ଦ୍ର ସହ ଭୁବନେଶ୍ୱରର ବିମାନ ସଂଯୋଗ ବୃଦ୍ଧି ପାଇବ।

୨୦୨୫ ଜାନୁଆରିରୁ ୩ ତାରିଖରୁ ଜୟପୁର ଓ କୋଚିଂକୁ ଏୟାର ଇଣ୍ଡିଆ ଏକ୍ସପ୍ରେସର ବିମାନ ସେବା ଆରମ୍ଭ ହେବ। ଏହା ପରେ ୨୦୨୫ ଜାନୁଆରି ୪ରେ ଲକ୍ଷ୍ନୌକୁ ଏବଂ ଜାନୁଆରି ୧୫ରେ ପାଟନାକୁ ବିମାନ ସେବାର ଶୁଭାରମ୍ଭ କରାଯିବ। କମ୍ପାନିର ଓ୍ୱେବସାଇଟ ଓ ପ୍ରମୁଖ ବୁକିଂ ପ୍ଲାଟଫର୍ମଗୁଡ଼ିକରେ ବୁକିଂ ଖୋଲା ରହିଛି।

ଭୁବନେଶ୍ୱରରୁ ଜୟପୁରକୁ ଏୟାର ଇଣ୍ଡିଆ ଏକ୍ସପ୍ରେସର ବିମାନ ପୂର୍ବାହ୍ନ ୭ଟା ୫୫ ମିନିଟରେ ଛାଡ଼ିବ ଓ ପୂର୍ବାହ୍ନ ୧୦ଟା ୧୫ ମିନିଟରେ ପହଂଚିବ। ଏହି ବିମାନ ସୋମବାର, ବୁଧବାର, ଶୁକ୍ରବାର ଓ ରବିବାର ଯାତ୍ରା କରିବ। ସେହିପରି ଜୟପୁରରୁ ବିମାନଟି ପୂର୍ବାହ୍ନ ୧୧ଟା ୪୫ ମିନିଟରେ ଛାଡ଼ିବ ଓ ଅପରାହ୍ନ ୧ଟା ୫ ମିନିଟରେ ପହଂଚିବ। ଏହି ବିମାନ ସୋମବାର, ବୁଧବାର, ଶୁକ୍ରବାର ଓ ରବିବାର ଯାତ୍ରା କରିବ। ଭୁବନେଶ୍ୱରରୁ କୋଚି ଅଭିମୁଖେ ଯିବାକୁ ଥିବା ବିମାନଟି ଭୁବନେଶ୍ୱରରୁ ଅପରାହ୍ନ ୩ଟା ୧୦ ମିନିଟରେ ଛାଡ଼ିବ ଓ କୋଚିରେ ଅପରାହ୍ନ ୫ଟା ୪୦ ମିନିଟରେ ପହଂଚିବ। ଏହି ବିମାନଟି ଦୈନିକ ଚାଲିବ। କୋଚିରୁ ବିମାନଟି ସନ୍ଧ୍ୟା ୬ଟା ୧୦ ମିନିଟରେ ଛାଡ଼ିବ ଓ ଭୁବନେଶ୍ୱରରେ ୮ଟା ୫୦ ମିନିଟରେ ପହଂଚିବ। ଭୁବନେଶ୍ୱରରୁ ଲକ୍ଷ୍ନୌ ଅଭିମୁଖେ ଯାତ୍ରା କରିବାକୁ ଥିବା ବିମାନଟି ଭୁବନେଶ୍ୱରରୁ ପୂର୍ବାହ୍ନ ୭ଟା ୫୫ ମିନିଟରେ ଛାଡ଼ିବ ଓ ଲକ୍ଷ୍ନୌରେ ପୂର୍ବାହ୍ନ ୯ଟା ୪୦ ମିନିଟରେ ପହଂଚିବ। ସେହିପରି ଲକ୍ଷ୍ନୌରୁ ତାହା ପୂର୍ବାହ୍ନ ୧୧ଟା ୧୫ ମିନିଟରେ ଛାଡ଼ିବ ଓ ଭୁବନେଶ୍ୱରରେ ଅପରାହ୍ନ ୧ଟା ୦୫ ମିନିଟରେ ପହଂଚିବ। ଏହି ବିମାନ ମଙ୍ଗଳବାର, ଗୁରୁବାର ଓ ଶନିବାର ଦିନ ଯାତ୍ରା କରିବ। ଭୁବନେଶ୍ୱରରୁ ପାଟନା ଅଭିମୁଖେ ଯିବାକୁ ଥିବା ବିମାନଟି ଭୁବନେଶ୍ୱରରୁ ଅପରାହ୍ନ ୨ଟା ୫୫ ମିନିଟରେ ଛାଡ଼ିବ ଓ ପାଟନାରେ ୪ଟା ୨୦ ମିନିଟରେ ପହଂଚିବ। ପାଟନାରୁ ତାହା ଅପରାହ୍ନ ୫ଟାନରେ ଛାଡ଼ିବ ଓ ଭୁବନେଶ୍ୱରରେ ୬ଟା ୩୦ ମିନିଟରେ ପହଂଚିବ। ଏହି ବିମାନ ଦୈନିକ ଯାତ୍ରା କରିବ।

# ଶୀତକାଳୀନ ସପିଂରେ ଆକର୍ଷଣୀୟ ରିହାତି ପ୍ରଦାନ କରୁଛି ସପ୍ସି

**ଭୁବନେଶ୍ୱର,୪।୧୨ (ମହାଭାରତ):** ଭାରତରେ ଶୀତ ଋତୁ କେବଳ ଏକ ଋତୁ ନୁହେଁ; ଏହା ଉଷ୍ମତା, ଆରାମ ଏବଂ ଏକତ୍ରତାର ଭାବନାକୁ ଗ୍ରହଣ କରିବାର ଏକ ସମୟ । ପବନରେ ସତେଜ ଥଣ୍ଡାଠାରୁ ଆରମ୍ଭ କରି ଷ୍ଟାଇଲିସ୍ ପୋଷାକ ପିନ୍ଧିବାର ଆନନ୍ଦ ପର୍ଯ୍ୟନ୍ତ ଶୀତ ଭାରତର ପ୍ରତ୍ୟେକ ଅଂଚଳରେ ନିଜର ସ୍ୱତନ୍ତ୍ର ଆକର୍ଷଣ ଆଣିଥାଏ। ସମଗ୍ର ଦେଶରେ, ବିଶେଷକରି ଉତର, ପଶ୍ଚିମ ଏବଂ ପୂର୍ବର ଶୀତଳ ଅଂଚଳରେ ଗ୍ରାହକଙ୍କ ଅନନ୍ୟ ଆବଶ୍ୟକତାକୁ ସ୍ୱୀକାର କରି ଭାରତର ଅଗ୍ରଣୀ ହାଇପରଭାଲ୍ୟୁ ଇ-କମର୍ସ ପ୍ଲାଟଫର୍ମ ସପ୍ସି ଏହାର ସ୍ୱତନ୍ତ୍ର ଓ୍ୱାଓ ଓ୍ୱିଂଟର ସେଲ୍ ଘୋଷଣା କରି ଆନନ୍ଦିତ। ଭାରତ ଉପଭୋକ୍ତାଙ୍କୁ ସେବା ଯୋଗାଇବା ପାଇଁ ଡିଜାଇନ୍ କରାଯାଇଥିବା ଓ୍ୱାଓ ଓ୍ୱିଂଟର ସେଲ୍‌ରେ ମାତ୍ର ୯୯ ଟଙ୍କାରୁ ଆରମ୍ଭ ହୋଇ ବିଭିନ୍ନ ଶୀତକାଳୀନ ଅତ୍ୟାବଶ୍ୟକ ସାମଗ୍ରୀ ଉପଲବ୍ଧ ହେଉଛି। ଏଥିରେ ହୁଡି, ସ୍ୱେଟ୍ ସାର୍ଟ, ବାଇକିଂ ଗ୍ଲୋଭ୍ସ, ଟୋପି, ଜ୍ୟାକେଟ୍ ଏବଂ ପିଲାଙ୍କ ଶୀତକାଳୀନ ପୋଷାକ ଭଳି ଶୀର୍ଷ ବର୍ଗ ରହିଛି, ଯାହା ଦ୍ୱାରା ପରିବାରର ପ୍ରତ୍ୟେକ ସଦସ୍ୟ ଫ୍ୟାଶନେବଲ ଦେଖାଯିବା ସହ ଗରମ ରହିପାରିବେ । ସୁଲଭତା ପ୍ରତି ସପ୍ସିଙ୍କ ପ୍ରତିବଦ୍ଧତା ସହିତ, ଶୀତକାଳୀନ ବିକ୍ରୟରେ ସ୍ୱତନ୍ତ୍ର ଡିଲ୍ ଏବଂ ରିହାତି ମଧ୍ୟ ଅନ୍ତର୍ଭୁକ୍ତ, ଯାହା ଦ୍ୱାରା ଗ୍ରାହକମାନେ ସେମାନଙ୍କ ବଜେଟ୍ ବୃଦ୍ଧି ନକରି ଋତୁକୁ ସହଜରେ ଗ୍ରହଣ କରିପାରିବେ । ଏହି ଶୀତକାଳୀନ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନର ବିଶାଳ ଡେଲିଭରି ନେଟ୍ୱାର୍କରେ ଉପଲବ୍ଧ, ଯେଉଁଥିରେ ୧୯,୦୦୦ରୁ ଅଧିକ ପିନ୍ କୋଡ୍ ରହିଛି, ଯାହା ଦ୍ୱାରା ଭାରତରେ ସବୁଠାରୁ ଦୁର୍ଗମ ଅଂଚଳରେ ଗ୍ରାହକମାନେ ନିରବଚ୍ଛିନ୍ନ ଭାବରେ ସେଗୁଡ଼ିକୁ ଉପଲବ୍ଧ କରିପାରିବେ ।

# ନୂଆ ରେକର୍ଡ ଲକ୍ଷ୍ୟରେ ବିରାଟ, ଯଶସ୍ୱୀ



ଆଡିଲେଡ୍: ଅଷ୍ଟ୍ରେଲିଆ ବିପକ୍ଷ ପିଙ୍କ୍ ବଲ୍ ଟେଷ୍ଟ୍ ଲାଗି ଆଡିଲେଡ୍‌ରେ ଭାରତୀୟ ଦଳ ପ୍ରସ୍ତୁତି ଚଳାଇଛି। ଏହି ଟେଷ୍ଟ୍‌ରେ ଭାରତୀୟ ତାରକା ବ୍ୟାଟର୍ ବିରାଟ କୋହଲି ଓ ଓପନର୍ ଯଶସ୍ୱୀ ଜୟସ୍ୱାଲ ନୂଆ ରେକର୍ଡ ଲକ୍ଷ୍ୟରେ ରହିଛନ୍ତି। ପର୍ଥରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ୩୬ ବର୍ଷୀୟ କୋହଲି ୧୬ ମାସର ଟେଷ୍ଟ୍ ଶତକ ମରୁଡ଼ିର ଅନ୍ତ ଘଟାଇଥିଲେ। ଦ୍ୱିତୀୟ ପାଳିରେ ଅପରାଜିତ ୧୦୦ ରନ୍‌ର ପାଳି ଖେଳିଥିଲେ। ଅଷ୍ଟ୍ରେଲିଆରେ ସେ ୧୫ ଟେଷ୍ଟ୍ ଖେଳି ୫୬ ହାର, ୭ ଶତକ ଓ ୪ ଅର୍ଦ୍ଧଶତକ ବଳରେ ୧୪୫୭ ରନ୍ କରିଛନ୍ତି। ମୋଟ ଉପରେ ଅଷ୍ଟ୍ରେଲିଆ ବିପକ୍ଷରେ ସେ ୧୦ ଅନ୍ତର୍ଜାତୀୟ ଶତକ ଅର୍ଜନ କରିଛନ୍ତି। ଯଦି ସେ ଶୁକ୍ରବାରଠୁ ଆରମ୍ଭ ହୋଇଥିବା ଦ୍ୱିତୀୟ ଟେଷ୍ଟ୍‌ରେ ୨ଟି ଶତକ ଅର୍ଜନ କରିବେ। ତେବେ ଗୋଟିଏ ଦେଶ ବିପକ୍ଷରେ ତାମାଟିରେ ୧୨ ଶତକ ଅର୍ଜନ କରିବାର ରେକର୍ଡ କରିବେ। ଏହି ରେକର୍ଡ କିଂବଦନ୍ତି ସାର୍ ଡନ୍ ବ୍ରାଡ୍‌ମ୍ୟାନ୍ (୧୧)ଙ୍କ ନାମରେ ରହିଛି। ସେ ୧୯୩୦ରୁ ୧୯୪୮ ମଧ୍ୟରେ ଇଂଲଣ୍ଡ ବିପକ୍ଷରେ ୧୧ ଟେଷ୍ଟ୍ ଶତକ ଅର୍ଜନ କରିଥିଲେ। କୋହଲି ନିଜର ଓ ଅଷ୍ଟ୍ରେଲିଆ ବିପକ୍ଷରେ ପ୍ରଥମ ଟେଷ୍ଟ୍ ଶତକ ୨୦୧୨ରେ କରିଥିଲେ। ଏହାପରେ ଅଷ୍ଟ୍ରେଲିଆ ଗସ୍ତ (୨୦୧୪-୧୫)ରେ ଲଗାତାର ୪ ଟେଷ୍ଟ୍‌ରେ ୪ ଏବଂ ୨୦୧୮-୧୯ (ପର୍ଥ ଟେଷ୍ଟ୍)ରେ ଗୋଟିଏ ଶତକ ମାରିଥିଲେ। ଏଥିସହ ଅଷ୍ଟ୍ରେଲିଆରେ ସେ ଦିନିକିଆରେ ୩ ଶତକ କରିଛନ୍ତି ଏହି ଦୁଇଙ୍କ ପଛକୁ ସଚିନ ତେନ୍ଦୁଲକର (୯, ଶ୍ରୀଲଙ୍କା) ଏବଂ ଇଂଲଣ୍ଡର ଜ୍ୟାକ୍ ହବ୍ସ (୯, ଅଷ୍ଟ୍ରେଲିଆ) ରହିଛନ୍ତି।

ଅନ୍ୟପକ୍ଷରେ ପର୍ଥରେ ୧୬୧ ରନ୍‌ର ପାଳି ଖେଳିଥିବା ୨୨ ବର୍ଷୀୟ ଜୟସ୍ୱାଲ ଚଳିତ ବର୍ଷ ୧୨୮୦ ରନ୍ କରି ସାରିଲେଣି। ସେ ୫୮.୧୮ ହାର ଏବଂ ୭୨.୫୨ ଷ୍ଟ୍ରାଇକ୍‌ରେଟ୍‌ରେ ଏହି ରନ୍ କରିଛନ୍ତି। ଏଥିରେ ୩ ଶତକ, ୭ ଅର୍ଦ୍ଧଶତକ ରହିଛି ସେ ଆଉ ୨୮୨ ରନ୍ କଲେ ଭାରତୀୟ ଭାବେ ସଚିନଙ୍କ ନାମରେ ଗୋଟିଏ କ୍ୟାଲେଣ୍ଡର ବର୍ଷର ସର୍ବାଧିକ ରନ୍ ରେକର୍ଡ ଭାଙ୍ଗିବେ। ସଚିନ ୨୦୧୦ରେ ୧୪ ଟେଷ୍ଟ୍ ଓ ୨୩ ପାଳିରେ ୭୮.୧୦ ହାର ଏବଂ ୭ ଶତକ ଓ ୫ ଅର୍ଦ୍ଧଶତକ ସହାୟତାରେ ୧୫୬୨ ରନ୍ କରିଥିଲେ। ଗୋଟିଏ କ୍ୟାଲେଣ୍ଡର ବର୍ଷରେ ସର୍ବାଧିକ ଟେଷ୍ଟ୍ ରନ୍ ରେକର୍ଡ ପାକିସ୍ତାନର ମହମ୍ମଦ ୟୁସୁଫ (୧୭୮୮ ରନ୍)ଙ୍କ ନାଁରେ ରହିଛି। ସେ ୨୦୦୬ରେ ୯୯.୩୩ ହାରରେ ଏହି ରନ୍ କରିଥିଲେ।

ପ୍ରଥମ ଟେଷ୍ଟ୍‌ରେ ଖେଳି ନଥିବା ଭାରତୀୟ ଅଧିନାୟକ ରୋହିତ ଶର୍ମା ପିଏମ୍ ଏକାଦଶ ବିପକ୍ଷରେ ଅଭ୍ୟାସ ମ୍ୟାଚ୍ ଖେଳିଥିଲେ। ହେଲେ ମ୍ୟାଚ୍‌ରେ ସେ ୪ ନମ୍ବର ସ୍ଥାନରେ ଆସିଥିଲା ବେଳେ ୧୧ ବଲ୍‌ରୁ ମାତ୍ର ୩ ରନ୍ କରିଥିଲେ। ଏହି ବିଫଳତା ପରେ ସଂପ୍ରତି ସମୟ ଅପଚୟ ନ କରି ଆଡିଲେଡ୍‌ରେ ବ୍ୟାଟିଂ ଅଭ୍ୟାସ ଆରମ୍ଭ କରି ଦେଇଛନ୍ତି।

# ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଆହତ ହେଲେ କୋହଲି

ଆଡିଲେଡ୍,୪।୧୨: ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫିର ଦ୍ୱିତୀୟ ମ୍ୟାଚ୍ ପୂର୍ବରୁ ଚିନ୍ତା ବଢ଼ାଇବା ଭଳି ଖବର ଆସିଛି। ପର୍ଥ ଟେଷ୍ଟରେ ଦମଦାର ଶତକ ହାସଲ କରିଥିବା ବିରାଟ କୋହଲିଙ୍କ ଅଭ୍ୟାସ ବେଳର ଫଟୋକୁ ଦେଖି ସମସ୍ତେ ଚିନ୍ତାରେ ପଡ଼ି ଯାଇଛନ୍ତି। ଆଡିଲେଡରେ ପିଙ୍କ ବଲ ଟେଷ୍ଟ ପାଇଁ ଭାରତ ପ୍ରସ୍ତୁତ ହେଉଥିବା ବେଳେ ବିରାଟ କୋହଲି ଆହତ ସମସ୍ୟାରେ ପଡ଼ିଥିବା ଜଣାପଡ଼ିଛି।



ସାମ୍ନାକୁ ଆସିଥିବା ଗୋଟିଏ ଫଟୋରେ ବିରାଟଙ୍କ ଆଣ୍ଠୁ ପାଖରେ ବ୍ୟାଣ୍ଡେଜ ହୋଇଥିବା ଦେଖିବାକୁ ମିଳୁଛି। ସେହିପରି ସାମ୍ନାକୁ ଆସିଥିବା ଭିଡିଓରେ ବିରାଟ ଥ୍ରୋର ଅଭ୍ୟାସ କରୁଥିଲେ ହେଁ ଠିକ ଭାବେ ଚାଲି ପାରୁ ନଥିବାରୁ ଦେଖାଯାଉଛି। ଆସନ୍ତା ୬ରୁ ଆଡିଲେଡରେ ମ୍ୟାଚ୍ ଆରମ୍ଭ ହେବାକୁ ଯାଉଥିବା ବେଳେ ବିରାଟଙ୍କ ଆଣ୍ଠୁ ପାଖରେ ପଡ଼ିଥିବା ବ୍ୟାଣ୍ଡେଜ କେତେ ଗୁରୁତର ସେକଥା ଜଣାପଡ଼ିନି। ଇଣ୍ଡିଅର ଟୁଡେର ରିପୋର୍ଟ ଅନୁସାରେ, ଅଭ୍ୟାସ ବେଳେ ବିରାଟ ସମ୍ଭବତଃ ଆଣ୍ଠୁର ସାମାନ୍ୟ ତଳକୁ ସମସ୍ୟା ଅନୁଭବ କରିଥିଲେ। ଏଥିପାଇଁ ମେଡିକାଲ ଟିମ ତାଙ୍କର ଯାଞ୍ଚ କରିଥିଲା ତଥାପି ସେ ସମସ୍ୟାରୁ ନ ମୁକୁଳିବାରୁ ଆଣ୍ଠୁର ସାମାନ୍ୟ ତଳକୁ ବ୍ୟାଣ୍ଡେଜ କରିବାକୁ ପଡ଼ିଛି।

ଅଭ୍ୟାସ ସେସନ୍ ସମୟରେ ବିରାଟଙ୍କ ଆଣ୍ଠୁରେ ବ୍ୟାଣ୍ଡେଜ କରାଯାଉଥିବାର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି। ଡାହାଣ ଆଣ୍ଠୁ ପାଖରେ ବ୍ୟାଣ୍ଡେଜ କରିବା ପରେ ବିରାଟ ଥ୍ରୋର ଅଭ୍ୟାସ କରିଥିଲେ ତେବେ ସେ ଚାଲିବାରେ ସାମାନ୍ୟ ଅସୁବିଧାର ସମ୍ମୁଖୀନ ହେଉଥିବା ଭିଡିଓରେ ଦେଖିବାକୁ ମିଳୁଛି।

ପର୍ଥ ଟେଷ୍ଟରେ ବିରାଟ ଶତକ ମାରି ଫର୍ମକୁ ଫେରିବାର ସଙ୍କେତ ଦେଇଛନ୍ତି। ତେଣୁ ସେ ବର୍ତ୍ତମାନ ଭାରତର ପ୍ରମୁଖ ବ୍ୟାଟିଂ ଅସ୍ତ୍ର ଏପରି ସ୍ଥିତିରେ ସେ ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଆହତ ସମସ୍ୟାରେ ପଡ଼ିବା ସମସ୍ତଙ୍କ ଚିନ୍ତା ବଢ଼ାଇଛି। ଗୋଟିଏ ପଟେ ବିରାଟ ଆହତ ସମସ୍ୟାରେ ପଡ଼ିଥିବା ବେଳେ ଅନ୍ୟପଟେ ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଦଳକୁ ନିୟମିତ ଅଧିନାୟକ ରୋହିତ ଶର୍ମା ଫେରିବା ମଧ୍ୟ ବଡ଼ କଥା ଆଜି ସେ ଆଡିଲେଡରେ ବେଶ କିଛି ଘଣ୍ଟା ଧରି ଅଭ୍ୟାସ କରିଛନ୍ତି। ତଥାପି କୋହଲି ଯଦି ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଫିଟ ନ ହେବେ, ତାହେଲେ ଏହା ଦଳ ପାଇଁ ଶକ୍ତ ଝଟକା ସଦୃଶ ହେବ।

# କଥା ହେଉନାହାଁନ୍ତି ଧୋନୀ-ହରଭଜନ



ନୂଆଦିଲ୍ଲୀ,୪।୧୨: ଭାରତୀୟ କ୍ରିକେଟ୍ ଟିମ୍‌ର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂହ ଧୋନି ଓ ପୂର୍ବତନ ସ୍ପିନର ହରଭଜନ ସିଂହଙ୍କ ମଧ୍ୟରେ ଭଲ ସଂପର୍କ ନାହିଁ। ଏ କଥା ବେଶ୍ କିଛି ବର୍ଷ ହେବ ଆଲୋଚନା ହୋଇ ଆସୁଥିବା ବେଳେ ଏବେ ଏକ ସାକ୍ଷାତକାରରେ ଏହା ସତ୍ୟ ବୋଲି କହିଛନ୍ତି ହରଭଜନ ସିଂହ।

ସେ କହିଛନ୍ତି ଯେ ପ୍ରାୟ ୧୦ ବର୍ଷ ହେଲାଣି ଧୋନିଙ୍କ ସହିତ ତାଙ୍କର ଭଲରେ କଥାବାର୍ତ୍ତା ହୋଇନାହିଁ ଯଦିଓ ୨୦୧୮ରୁ ୨୦୨୦ ପର୍ଯ୍ୟନ୍ତ ଉଭୟ ଚେନ୍ନାଇ ସୁପର କିଙ୍ଗସ ତରଫରୁ ଆଇପିଏଲ୍ ଖେଳୁଥିଲେ, ତଥାପି ସେମାନଙ୍କ କଥାବାର୍ତ୍ତା କେବଳ ଖେଳ ପଡ଼ିଆରେ ସୀମିତ ଥିଲା। ହରଭଜନ କହିଛନ୍ତି, ମୁଁ ଧୋନିଙ୍କ ସହିତ କଥା ହୁଏ ନାହିଁ ଯେତେବେଳେ ମୁଁ ଚେନ୍ନାଇ ସୁପର କିଙ୍ଗସ ପକ୍ଷରୁ ଖେଳୁଥିଲି,ସେତେବେଳେ ମଧ୍ୟ ଆମେ କଥା ହେଉ ନଥିଲୁ ପ୍ରାୟ ୧୦ ବର୍ଷ ହେଲାଣି ଆମେ କଥାବାର୍ତ୍ତା ହେଉ ନାହୁଁ। ମୋ ପକ୍ଷରୁ କିଛି ଅସୁବିଧା ନାହିଁ। ବୋଧେହୁଏ ତାଙ୍କର କିଛି ସମସ୍ୟା ଅଛି। ମୁଁ ଜାଣିନି କାରଣ କଣ। ଯେତେବେଳେ ଆମେ ଚେନ୍ନାଇ ସୁପର କିଙ୍ଗସ ପାଇଁ ଖେଳୁଥିଲୁ ସେତେବେଳେ ଆମ ମଧ୍ୟରେ କଥାବାର୍ତ୍ତା କେବଳ ପଡ଼ିଆରେ ସୀମିତ ଥିଲା। ଖେଳ ପରେ ସେ ମୋ ରୁମ୍‌କୁ ଆସୁ ନଥିଲେ କି ମୁଁ ବି ତାଙ୍କ ରୁମ୍‌କୁ ଯାଉ ନଥିଲି। ଭାରତ ପାଇଁ ୧୦୩ଟି ଟେଷ୍ଟ ଓ ୨୩୬ଟି ଦିନିକିଆ ମ୍ୟାଚ୍ ଖେଳିଥିବା ସ୍ପିନର ହରଭଜନ ସିଂହ କହିଛନ୍ତି, ମୋର ତାଙ୍କ ବିପକ୍ଷରେ କିଛି କହିବାର ନାହିଁ ଯଦି ତାଙ୍କର କିଛି କହିବାର ଅଛି, ସେ ମୋତେ କହିପାରିବେ ମୁଁ ତାଙ୍କୁ କେବେ ଫୋନ୍ କରି ନାହିଁ। ମୁଁ କେବଳ ସେମାନଙ୍କୁ ଫୋନ୍ କରେ,ଯେଉଁମାନେ ମୋ ଫୋନ୍ ଉଠାନ୍ତି। ନହେଲେ ମୋ ପାଖରେ ସମୟ ନାହିଁ। ଯେଉଁମାନେ ମୋ ବନ୍ଧୁ, ମୁଁ ସେମାନଙ୍କ ସହିତ ସଂପର୍କରେ ରହେ। ଯଦି ମୁଁ ଆପଣଙ୍କୁ ସମ୍ମାନ କରେ, ତାହେଲେ ମୁଁ ଆଶା କରିବି ଯେ ଆପଣ ମଧ୍ୟ ମୋତେ ସମ୍ମାନ ଦେବେ ଯଦି ମୁଁ ଆପଣଙ୍କୁ ଥରେ କିମ୍ବା ଦୁଇ ଥର ଫୋନ୍ କରିବି, କିନ୍ତୁ ଆପଣ ଉଠାଇବେ ନାହିଁ, ତାହେଲେ ଯେତିକି ଆବଶ୍ୟକ ମୁଁ ଆପଣଙ୍କୁ ସେତିକି ସମ୍ମାନ ଦେବି।

# ନିରାଶ ହେଲେ ଅର୍ଜୁନ ତେନ୍ଦୁଲକର

ନୂଆଦିଲ୍ଲୀ,୪।୧୨: କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନଙ୍କୁ ପୁଣି ବଡ଼ ଝଟକା ଲାଗିଛି। କ୍ରମାଗତ ଖରାପ ପ୍ରଦର୍ଶନ ପାଇଁ ତାଙ୍କୁ ପୁଣିଥରେ ଗୋଆ ଟିମରୁ ବାଦ ଦିଆଯାଇଛି। ବର୍ତ୍ତମାନ ଚାଲିଥିବା ସୟଦ ମୁସ୍ତାକ ଅଲୀ ଟ୍ରଫିରେ ଅର୍ଜୁନ ଗୋଆ ଟିମର ଚୂଡ଼ାନ୍ତ ଏକାଦଶରେ ନିଜକୁ ସାମିଲ କରିବାକୁ ସମର୍ଥ ହୋଇପାରି ନାହାନ୍ତି।



ଗୋଆ ସୟଦ ମୁସ୍ତାକ ଅଲୀ ଟ୍ରଫିରେ ପୂର୍ବ ମ୍ୟାଚ୍‌ରେ କେରଳକୁ ଭେଟିଥିବା ବେଳେ ଅର୍ଜୁନଙ୍କୁ ଏଥିରେ ସୁଯୋଗ ମିଳି ନଥିଲା। ଲାଗୁଥିଲା ମଙ୍ଗଳବାର ମହାରାଷ୍ଟ୍ର ବିପକ୍ଷ ମ୍ୟାଚ୍‌ରେ ସେ ନଜର ଆସିବେ ।ହେଲେ ବାମହାତୀ ଦ୍ରୁତ ବୋଲିଂ ଅଲରାଉଣ୍ଡର ଅର୍ଜୁନଙ୍କୁ ଗୋଆ ଆଜି ମଧ୍ୟ ଚୂଡ଼ାନ୍ତ ଏକାଦଶରେ ରଖି ନାହିଁ।

ନିକଟରେ ଅର୍ଜୁନ ତେନ୍ଦୁଲକରଙ୍କୁ ଆଇପିଏଲ ମେଗା ଅକ୍ସନ ବେଳେ ମୁମ୍ବାଇ ଇଣ୍ଡିଆନ୍ସ ବେସ ପ୍ରାଇସ ୩୦ ଲକ୍ଷ ଟଙ୍କା ବଳରେ ନିଜ ସହ ସାମିଲ କରିଥିଲା। ହେଲେ ଟି-୨୦ ଫର୍ମାଟରେ ଖେଳା ଯାଉଥିବା ସୟଦ ମୁସ୍ତାକ ଅଲୀ ଟ୍ରଫିରେ ଅର୍ଜୁନ ସୁଯୋଗ ନ ପାଇବାରୁ ତାଙ୍କ ପାଇଁ ଶକ୍ତ ଝଟକା ସଦୃଶ ହୋଇଛି।

### ସୟଦ ମୁସ୍ତାକ ଅଲୀ ଟ୍ରଫି

# ଓଡ଼ିଶାର ପ୍ରଥମ ବିଜୟ

ଭୁବନେଶ୍ୱର: ହ୍ୟାଟ୍ରିକ୍ ପରାଜୟ ପରେ ସୟଦ ମୁସ୍ତାକ ଅଲୀ ଟ୍ରଫିରେ ଓଡ଼ିଶା ପ୍ରଥମ ବିଜୟ ପାଇଛି। ଚତୁର୍ଥ ମ୍ୟାଚ୍‌ରେ ଆସାମକୁ ୬୩ ରନ୍‌ରେ ଓଡ଼ିଶା ହରାଇଛି। ଓଦା ପଡ଼ିଆ ଯୋଗୁଁ ମ୍ୟାଚ୍‌କୁ ୯ ଓଭର ବିଶିଷ୍ଟ କରାଯାଇଥିଲା। ଆସାମ ଟସ୍ ଜିତି କ୍ଷେତ୍ରରକ୍ଷଣ କରିଥିଲା ବେଳେ ଓଡ଼ିଶା ୭ ୱିକେଟ୍ ବିନିମୟରେ ୧୨୦ ରନ୍ କରିଥିଲା। ଶୀଘ୍ର ରନ୍ ସଂଗ୍ରହ କରିବାକୁ ଯାଇ ଓଡ଼ିଶା ୩୭ ରନ୍ ଭିତରେ ୩ ୱିକେଟ୍ ହରାଇଥିଲା ସ୍ୱସ୍ତିକ ସାମଲ ଓ ସନ୍ଦୀପ ପଟ୍ଟନାୟକ ଚତୁର୍ଥ ୱିକେଟ୍‌ରେ ୧୫ ବଲ୍‌ରୁ ୫୪ ରନ୍‌ର ଭାଗୀଦାରି ଗଢ଼ି ଓଡ଼ିଶାକୁ ବଡ଼ ସ୍କୋର ଆଡ଼କୁ ନେଇଥିଲେ। ସପ୍ତମ ଓଭରର ଶେଷ ବଲ୍‌ରେ ସନ୍ଦୀପ ୩୧ ରନ୍ (୮ବଲ୍, ୩ଚେକା, ୩ଛକା) ରେ ଆଉଟ୍ ହୋଇଥିଲା ବେଳେ ସ୍ୱସ୍ତିକ ଆକ୍ରମଣ ଜାରି ରଖିଥିଲେ। ଶେଷ ଓଭରରେ ସ୍ୱସ୍ତିକ ୬୯ ରନ୍ (୨୬ ବଲ୍, ୭ଚେକା, ୫ଛକା) କରିଥିଲାବେଳେ ରନ୍ ଆଉଟ୍ ହୋଇଯାଇଥିଲେ। କେବଳ ଏହି ଦୁଇ ଜଣଙ୍କୁ ଛାଡ଼ିଦେଲେ ଅନ୍ୟ କେହି ବି ଦୁଇ ଅଙ୍କରେ ପହଞ୍ଚି ନଥିଲେ। ଆସାମ କିନ୍ତୁ ନିୟମିତ ଭାବେ ୱିକେଟ୍ ହରାଇ ୫ ବଲ୍ ପୂର୍ବରୁ ୫୭ ରନ୍‌ରେ ଅଲଆଉଟ୍ ହୋଇଥିଲା। ରାଜେଶ ମହାନ୍ତି, ପ୍ରଦୀପ ପ୍ରଧାନ, ଯାମଳା ଭଞ୍ଜନ ମହାପାତ୍ର, ଗୋବିନ୍ଦ ପୋଦ୍ଦାର ପ୍ରତ୍ୟେକ ୨ ୱିକେଟ୍ ଲେଖାଏଁ ନେଇଥିଲେ। ଓଡ଼ିଶା ଶେଷ ଲିଗ୍ ମ୍ୟାଚ୍ ଆସନ୍ତାକାଲି ଚଣ୍ଡିଗଡ଼ ବିପକ୍ଷରେ ଖେଳିବ।



ସଂକ୍ଷିପ୍ତ ସ୍କୋର: ଓଡ଼ିଶା ୯ ଓଭରରେ ୧୨୦/୭ (ସ୍ୱସ୍ତିକ ସାମଲ-୬୯, ସନ୍ଦୀପ ପଟ୍ଟନାୟକ-୩୧, ଅଭିନବ ଚୌଧୁରୀ-୨/୧୨, ରୋଶନ ଆଲମ-୨/୩୪) ଆସାମ ୮.୧ ଓଭରରେ ୫୭/୧୦ (ସାହିଲ ଜୈନ-୧୮, ନିପନ ଡେକା-୧୨, ଗୋବିନ୍ଦ ପୋଦ୍ଦାର-୨/୧, ରାଜେଶ ମହାନ୍ତି-୨/୧୨, ପ୍ରଦୀପ ପ୍ରଧାନ-୨/୧୨, ଯାମଳା ଭଞ୍ଜନ ମହାପାତ୍ର-୨/୧୬)

### କୁମାରବସ୍ତ ଲୋକନାଥ କ୍ରିକେଟ୍

# ବାଙ୍କୀ ଓ ପିୱାଇସି ଅଟ୍ରି ବିଜୟୀ

ଖୋର୍ଦ୍ଧା,୪।୧୨: ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ରାଇଜିଂଷ୍ଟାର କ୍ରିକେଟ୍ କ୍ଲବ ଆନୁକୁଲ୍ୟରେ ଲୋକନାଥ ଦେବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କୁମାରାବସ୍ତ ଖେଳପଡିଆ । ର ଆଜି ଏକାଦଶ ଦିବସରେ ପ୍ରଥମ ମ୍ୟାଚ୍‌ରେ ବାଙ୍କୀ ଦଳ ତମାଣ୍ଡୋ ଦଳ କୁ ୨ ରନ୍ ରେ ପରାସ୍ତ କରିଛି। ଟସ୍ ରେ ଜିତି ପ୍ରଥମେ ବାଙ୍କୀ ଦଳ ପ୍ରଥମେ ବ୍ୟାଟିଂ କରି ୧୫୫ ରନ କରିଥିଲେ। ଦଳ ପକ୍ଷରୁ ସାଗର ବେହେରା ୭୮ରନ୍ କରିଥିଲେ। ଜବାବରେ ତମାଣ୍ଡୋ ଦଳ ଦୀପକ୍ ହରିଚନ୍ଦନ ଙ୍କ ୬୯ ରନ୍ ବଳରେ ମାତ୍ର ୧୨ ଓଭର ରେ ୮ ୱିକେଟ୍ ହରାଇମାତ୍ର ୧୫୩ ରନ୍ କରିଥିଲେ। ଦ୍ୱିତୀୟ ମ୍ୟାଚ୍ ରେ ପି ୱାଇ ସି ଅଟ୍ରି ଦଳ ମଞ୍ଚେଶ୍ୱର ଦଳକୁ ୪୮ ରନ୍ ରେ ପରାସ୍ତ କରିଛି। ଅଟ୍ରି ଦଳ ପ୍ରଥମେ ବ୍ୟାଟିଂ କରି କୁଳଦୀପ ପାଇକରାୟ ଙ୍କ ୬୯ ରନ ସହାୟତାରେ ୧୮ ଓଭର ରେ ୭ ୱିକେଟ ହରାଇ ୧୬୪ ରନ ସଂଗ୍ରହ କରିଥିଲେ। ଜବାବରେ ମଞ୍ଚେଶ୍ୱର୍ ଦଳ ୧୩ ଓଭର ରେ ୧୦ ଟି ୱିକେଟ ହରାଇ ମାତ୍ର ୧୧୬ ରନ୍ ରେ ସୀମିତ ରହିଥିଲେ । ଦଳ ତରଫରୁ ସୋମନାଥ ବଳ ୩୬ ରନ୍ କରିଥିଲେଅଟ୍ରି ଦଳର ସନ୍ତୋଷ ପରିଡ଼ା ୪ ଟି ୱିକେଟ ନେଇଥିଲେ।



ଅତିଥି ୱାଣ୍ଡରେଲା ଗେଷ୍ଟ୍ ରିଲେସନ ଡେପୁଟି ମ୍ୟାନେଜର ଆଶୁତୋଷ ମହାରଣା ପ୍ରଥମ ମ୍ୟାଚ୍ ର ଶ୍ରେଷ୍ଠ ଖେଳାଳି ସାଗର ବେହେରାଙ୍କୁ ଏବଂ ଦ୍ୱିତୀୟ ମ୍ୟାଚ୍ ରେ ଅତିଥି ନରେନ୍ଦ୍ର ବରାଳ ଶ୍ରେଷ୍ଠ ଖେଳାଳି ଭାବେ ସନ୍ତୋଷ ପରିଡ଼ାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଖେଳକୁ ଛବି ନାରାୟଣ ସାହୁ , ସାନୁଜ ବିଶ୍ୱାଳ,ଦୁର୍ଯ୍ୟୋଧନ ପରିଡ଼ା ଓ ସୋଭାକର ପାତ୍ର ପରିଚାଳନା କରିଥିଲେ କାଜଲ ବଳିଆର୍ଶିଂ ଓ ଶ୍ରଧାକର୍ ପାତ୍ର ମ୍ୟାଚ୍ ରେଫରୀ ଭାବରେ କାର୍ଯ୍ୟ କରିଥିଲେସ୍କୋରର ଭାବେ ରଂଜନ ବରାଳ,ପ୍ରକାଶ , ଅମ୍ଲାନ ରାଉତରାୟ,ସିବଦତ ବଡ଼ଜେନା ଓ ଜନ୍ମେଜୟ ଛୋଟରାୟ ଥିଲେ। ସଂଯୋଜକ ଭାବେ ଅବ୍ୟକ୍ତ ହରିହର ଖାଡଙ୍ଗା ଏବଂ ବନବିହାରୀ ସ୍ବାଇଁ କାର୍ଯ୍ୟ କରିଥିଲେ । ଗୁରୁବାର ଦିନ ପ୍ରଥମ ମ୍ୟାଚ୍ ଯଦୁପୁର ବନାମ ବାଙ୍କୁଆଳ ଓ ଦ୍ୱିତୀୟ ମ୍ୟାଚ୍ ପି ଇ ସି, ଅଟ୍ରି ବନାମ ଢେଙ୍କାନାଳ କ୍ରିକେଟ୍ କ୍ଲବ୍ ମଧ୍ୟରେ ହେବ ବୋଲି ଅମିୟ ପ୍ରଧାନ ଜଣାଇଛନ୍ତି।

## ଝିଅକୁ ନେଇ ଗର୍ବ କଲେ ସଚିନ

ନୂଆଦିଲ୍ଲୀ,୪।୧୨: ଗଡ ଅଫ କ୍ରିକେଟ ବା କ୍ରିକେଟର ଭଗବାନ ଭାବରେ ଜଣାଶୁଣା ସଚିନ ତେନ୍ଦୁଲକର ବୁଧବାର ତାଙ୍କ ଝିଅ ସାରା ତେନ୍ଦୁଲକରଙ୍କ ପାଇଁ ଏକ ସୁନ୍ଦର ଟୁଇଟ କରିଛନ୍ତି। ସେ ଏକ୍ସରେ କହିଛନ୍ତି ଯେ ସେ ସଚିନ ତେନ୍ଦୁଲକର ଫାଉଣ୍ଡେସନର ନିର୍ଦ୍ଦେଶକ ହୋଇଛନ୍ତି। ତାଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେବାବେଳେ ସଚିନ ବହୁତ ଖୁସି ଅନୁଭବ କରିଛନ୍ତି। ସୂଚନାଯୋଗ୍ୟ, ସଚିନ ଦୀର୍ଘ ଦିନ ଧରି ତାଙ୍କ ନାମରେ ଏକ ଫାଉଣ୍ଡେସନ ଚଳାଉଥିଲେ, ଯାହା ଅଧୀନରେ ସେ ଗରିବ ପିଲାମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ କ୍ରୀଡା ସହିତ ଯୋଡିବା ପାଇଁ କାର୍ଯ୍ୟ କରନ୍ତି।

# ପାକିସ୍ତାନ ଦାବି ନେଇ ଭାରତ ଦେଲା କଡ଼ା ଜବାବ

**ନୂଆଦିଲ୍ଲୀ,୪।୧୨(ଏଜେନ୍ସି):** ଚାମ୍ପିୟନ୍ସ ଟ୍ରଫିକୁ ନେଇ ପାକିସ୍ତାନ କ୍ରିକେଟ ବୋର୍ଡ, ଅନ୍ତର୍ଜାତୀୟ କ୍ରିକେଟ ପରିଷଦ ଏବଂ ବିସିସିଆଇ ମଧ୍ୟରେ ଚାଲିଥିବା ବିବାଦ ସମାଧାନ ହେବାର ସମ୍ଭାବନା ବାଟ ଫିଟୁନାହିଁ। ହାଇବ୍ରିଡ୍ ମଡେଲ ଗ୍ରହଣ କରିବାକୁ ପାକିସ୍ତାନ ରାଜି ହେବା ପରେ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବାର ସମ୍ଭାବନା ଦେଖା ଦେଇଥିଲା।

ତେବେ ଭାରତର ସମସ୍ତ ମ୍ୟାଚ ଦୁବାଇରେ ଅନୁଷ୍ଠିତ ହେବା ସହିତ ପାକିସ୍ତାନ ଆଉ କିଛି ସର୍ତ୍ତ ରଖିଥିଲା। ବର୍ତ୍ତମାନ ଆସିଥିବା ରିପୋର୍ଟରୁ ଏହା ଜଣା ପଡିଛି ଯେ, ବିସିସିଆଇ ପାକିସ୍ତାନର ଏହି ପ୍ରସ୍ତାବକୁ ପ୍ରତ୍ୟାଖାନ କରିଛି। ଯେଉଁଥିରେ ପାକିସ୍ତାନ ଦାବି କରୁଥିଲା କି ଭାରତରେ ହେବାକୁ ଥିବା ଅଇେସିସି ଟୁର୍ଣ୍ଣାମେଣ୍ଟ ମଧ୍ୟ ହାଇବ୍ରିଡ୍ ମଡେଲରେ ହେବ।

ଆଗାମୀ ଆଇସିସି ଚାମ୍ପିଅନ୍ସ ଟ୍ରଫି ପାକିସ୍ତାନ ଆୟୋଜନ କରୁଥିବା ବେଳେ ସୁରକ୍ଷା ଦୃଷ୍ଟିରୁ ବିସିସିଆଇ ଏହାର ଟିମକୁ ପଠାଇବାକୁ ମନା କରିଦେଇଛି। ଦି ଟେଲିଗ୍ରାଫ୍ ଇଣ୍ଡିଆର ଏକ ରିପୋର୍ଟ ଅନୁଯାୟୀ, ବିସିସିଆଇ ପଶିବିର ସର୍ତ୍ତକୁ ପ୍ରତ୍ୟାଖାନ କରି କହିଛି ଯେ, ଦେଶରେ ସୁରକ୍ଷା ବିପଦ ନ ଥିବାରୁ ଭାରତରେ ଆୟୋଜିତ ହେଉଥିବା ଆଇସିସି ଇଭେଣ୍ଟ ପାଇଁ ହାଇବ୍ରିଡ୍ ମଡେଲ୍ ଗ୍ରହଣ କରାଯାଇପାରିବନାହିଁ। ରିପୋର୍ଟ ଅନୁଯାୟୀ ବିସିସିଆଇ ମଙ୍ଗଳବାର ଆଇସିସିକୁ ଏକ ସ୍ପଷ୍ଟ ବାର୍ତ୍ତା ପଠାଇଛି ଯାହା ଟୁର୍ଣ୍ଣାମେଣ୍ଟର ଭବିଷ୍ୟତ ନିର୍ଦ୍ଧାରଣ କରିପାରେ। କାରଣ ଆସନ୍ତା ଦଶନ୍ଧିରେ ଶ୍ରୀଲଙ୍କା ସହ ମିଳିତ ଭାବେ ମହିଳା ଦିନିକିଆ ବିଶ୍ୱକପ ୨୦୨୫ ଏବଂ ଟି -୨୦ ବିଶ୍ୱକପ ସମେତ ଭାରତ ଆସନ୍ତା ଦଶନ୍ଧିରେ ଏକାଧିକ ଆଇସିସି ଇଭେଣ୍ଟ ଆୟୋଜନ କରିବାର କାର୍ଯ୍ୟକ୍ରମ ରହିଛି। ୨୦୨୯ ଚାମ୍ପିଅନ୍ସ ଟ୍ରଫି ଏବଂ ୨୦୩୧ ଦିନିକିଆ ବିଶ୍ୱକପ ମଧ୍ୟ ଭାରତରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

ତେବେ ଏହି ଘଟଣାରେ ଆଇସିସି କହିଛି ଯେ, ସମସ୍ତ ସମ୍ପୃକ୍ତ ପକ୍ଷ ଉପୁଜିଥିବା ସଙ୍କଟ ଦୂର କରିବା ପାଇଁ ଏକ ସମାଧାନ ଦିଗରେ କାର୍ଯ୍ୟ କରୁଛନ୍ତି ଏବଂ ଆସନ୍ତା କିଛି ଦିନ ମଧ୍ୟରେ ଆଇସିସି ବୋର୍ଡ ପୁନର୍ଗଠନ ହେବ ବୋଲି ରିପୋର୍ଟରେ ଦର୍ଶାଯାଇଛି। ଅନ୍ୟପଟେ ପାକିସ୍ତାନ କ୍ରିକେଟ୍ ବୋର୍ଡ ମଧ୍ୟ ଆସନ୍ତା ବର୍ଷ ଚାମ୍ପିଅନ୍ସ ଟ୍ରଫି ପାଇଁ ଆୟୋଜନ ଅଧିକାର ହରାଇପାରେ। ଯଦି ଏହି ପ୍ରସଙ୍ଗରେ ଜିଦ୍ ଜାରି ରଖେ ପୂର୍ବରୁ ଆଇସିସି ଟୁର୍ଣ୍ଣାମେଣ୍ଟକୁ ଅନ୍ୟ ଦେଶକୁ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ନେଲେ ବୋର୍ଡ ପୂର୍ବରୁ ଚାମ୍ପିଅନ୍ସ ଟ୍ରଫିରୁ ଓହରିଯିବାକୁ ଧମକ ଦେଇଥିଲା।

# କଳିଙ୍ଗ ଷ୍ଟାଡିୟମରେ ୩୯ତମ ଜାତୀୟ ଜୁନିୟର ଆଥଲେଟିକ୍ସ ଚମ୍ପିୟାନସିପ୍

ଭୁବନେଶ୍ୱର,୪।୧୨(ମହାଭାରତ): ଆସନ୍ତା ଡିସେମ୍ବର ୭ ତାରିଖ ଠାରୁ ୧୧ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମ୍ ଠାରେ ୩୯ତମ ଜାତୀୟ ଜୁନିୟର ଆଥଲେଟିକ୍ସ ଚମ୍ପିୟାନସିପ୍ ଅନୁଷ୍ଠିତ ହେବ ପାଞ୍ଚ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ପ୍ରାୟ ୨୦୦୦ କ୍ରୀଡ଼ାବିତ୍ ଭାଗ ନେଉଥିବାର ସୂଚନା ମିଳିଛି।



ହରିୟାଣାରୁ ସର୍ବାଧିକ ୧୫୦ ଜଣ କ୍ରୀଡ଼ାବିତ୍ ଏହି ପ୍ରତିଯୋଗିତାରେ ଭାଗନେବେ। ସେହିପରି ଓଡ଼ିଶାରୁ ସର୍ବମୋଟ ୭୮ ଜଣ କ୍ରୀଡ଼ାବିତ ପ୍ରତିଯୋଗିତାରେ ଭାଗ ନେବେ। ଓଡ଼ିଶାରୁ ଭାଗ ନେଉଥିବା କ୍ରୀଡ଼ାବିତ୍ ମାନଙ୍କ ମଧ୍ୟରୁ ୪୩ ଜଣ ପୁରୁଷ କ୍ରୀଡ଼ାବିତ୍ ରହିଥିବା ବେଳେ ୩୫ ଜଣ ମହିଳା କ୍ରୀଡ଼ାବିତ୍ ରହିଛନ୍ତି।

ଓଡ଼ିଶାରେ ଜାତୀୟ ଜୁନିୟର ଆଥଲେଟିକ୍ସ ଚମ୍ପିୟାନସିପ୍ ଆୟୋଜିତ ହେବା ସମ୍ବନ୍ଧରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, ଆସନ୍ତା ଡିସେମ୍ବର ୭ ତାରିଖ ଠାରୁ ୧୧ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ଠାରେ ୩୯ତମ ଜାତୀୟ ଜୁନିୟର ଆଥଲେଟିକ୍ସ ଚମ୍ପିୟାନସିପ୍ ଅନୁଷ୍ଠିତ ହେବାକୁ ଯାଉଛି ଓଡ଼ିଶାରୁ ସର୍ବମୋଟ ୭୮ଜଣ କ୍ରୀଡ଼ାବିତ୍ ପ୍ରତିଯୋଗିତାରେ ଭାଗ ନେବେ ସମସ୍ତ କ୍ରୀଡ଼ାବିତମାନେ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିବେ ବୋଲି ମୁଁ ଆଶା କରୁଛି।

ଚଳିତ ବର୍ଷ ଓଡ଼ିଶାରେ ୨୭ତମ ନ୍ୟାସନାଲ ଫେଡେରେସନ ସିନିୟର ଆଥଲେଟିକ୍ସ, ୭୦ତମ ଓଡ଼ିଶା ରାଜ୍ୟ ସିନିୟର ଓ ଜୁନିୟର ଆଥଲେଟିକ୍ସ ଚମ୍ପିୟାନସିପ୍ ଏବଂ ୩୫ତମ ଇଷ୍ଟଜୋନ୍ ଜୁନିୟର ଆଥଲେଟିକ୍ସ ଚାମ୍ପିୟାନସିପ୍ ଆଦି କ୍ରୀଡ଼ା ପ୍ରତିଯୋଗିତା ମଧ୍ୟ ଆଗରୁ ଅନୁଷ୍ଠିତ ହୋଇସାରିଛି।

# ୧୫ ବର୍ଷ ପରେ ୱେଷ୍ଟଇଣ୍ଡିଜକୁ ହରାଇଲା ବାଂଲାଦେଶ

ଆଣ୍ଟିଗୁଆ,୪।୧୨: ୱେଷ୍ଟଇଣ୍ଡିଜରେ ବାଂଲାଦେଶ କ୍ରିକେଟ ଦଳ ଇତିହାସ ସୃଷ୍ଟି କରିଛି। ଦ୍ୱିତୀୟ ଟେଷ୍ଟରେ ବାଂଲାଦେଶ ୱେଷ୍ଟଇଣ୍ଡିଜକୁ ୧୦୧ ରନରେ ପରାସ୍ତ କରିଛି। ୧୫ ବର୍ଷ ପରେ ୱେଷ୍ଟଇଣ୍ଡିଜରେ ବାଂଲାଦେଶ ଜିତିଛି। ନାହିଦ ରାଣା ଏବଂ ତାଇଜୁଲ ଇସଲାମ ବାଂଲାଦେଶର ଏହି ଐତିହାସିକ ବିଜୟର ହିରୋ ଥିଲେ ଜଣେ ପ୍ରଥମ ଇନିଂସରେ ୫ଟି ଉଇକେଟ ନେଇଥିବା ବେଳେ ଅନ୍ୟ ଜଣେ ଦ୍ୱିତୀୟ ଇନିଂସରେ ଚମତ୍କାର ଖେଳିଥିଲା। ୱେଷ୍ଟଇଣ୍ଡିଜରେ କ୍ରମାଗତ ୭ ପରାଜୟ ପରେ ବାଂଲାଦେଶ ଜିତିଛି।

ଏହି ଟେଷ୍ଟ ମ୍ୟାଚରେ ବାଂଲାଦେଶ ଦଳ ପ୍ରଥମ ଇନିଂସରେ ମାତ୍ର ୧୬୪ ରନ ସ୍କୋର କରିପାରିବ। ବାଂଲାଦେଶ ପାଇଁ ଓପନର୍ ଶ୍ୟାଡମାନ ଇସଲାମ ସର୍ବାଧିକ ୬୪ ରନ ସ୍କୋର କରିଥିଲେ। ୱେଷ୍ଟଇଣ୍ଡିଜ ପାଇଁ ଜାଡେନ ସିଲ୍ସ ଭଲ ବୋଲିଂ କରିଥିଲେ। ସେ ୧୫.୫ ଓଭରରେ ମାତ୍ର ପାଞ୍ଚ ରନ ଦେଇ ୪ ଉଇକେଟ ନେଇଥିଲେ। ତେବେ ଏହାର ଜବାବରେ ୱେଷ୍ଟଇଣ୍ଡିଜ ଦଳ ଏହାର ପ୍ରଥମ ଇନିଂସରେ ୧୪୬ ରନ ସଂଗ୍ରହ କରିଥିଲା। ଆୟୋଜକ ଦଳ ପାଇଁ କେସି କାର୍ଟି ୪୦ ରନ ଏବଂ କ୍ରେଗ ବ୍ରାଥାଇଟ ୩୯ ରନ ସଂଗ୍ରହ କରିଥିଲେ ନାହିଦ ରାଣା ବାଂଲାଦେଶ ପାଇଁ ୫ ଉଇକେଟ ନେଇଥିଲେ। ପ୍ରଥମ ଇନିଂସରେ ୧୮ ରନ ଅଗ୍ରଣୀ ହାସଲ କରିବା ପରେ ବାଂଲାଦେଶ ଦ୍ୱିତୀୟ ଇନିଂସରେ ୨୬୮ ରନ ସଂଗ୍ରହ କରିଥିଲା ଷଷ୍ଠ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ଜାକର ଅଲି ୯୧ ରନର ଇନିଂସ ଖେଳିଥିଲେ ତାଙ୍କ ବ୍ୟାଟରୁ ୮ ଚୌକା ଓ ୫ ଛକା ଆସିଥିଲା ଓପନର୍ ଶ୍ୟାଡମ୍ୟାନ ଇସଲାମ ମଧ୍ୟ ୪୬ ରନ କରିଥିଲେ କେମାର ରୋଚ ଏବଂ ଅଲଜାରି ଜୋସେଫ ୱେଷ୍ଟଇଣ୍ଡିଜ ପାଇଁ ତିନୋଟି ଉଇକେଟ ନେଇଥିଲେ।



ୱେଷ୍ଟଇଣ୍ଡିଜ ଜିତିବା ପାଇଁ ୨୮୭ ରନ ଲକ୍ଷ୍ୟ ରଖିଥିଲା ଦ୍ୱିତୀୟ ଇନିଂସରେ ୱେଷ୍ଟଇଣ୍ଡିଜ ଦଳ ମାତ୍ର ୧୮୫ ରନ ସଂଗ୍ରହ କରିଥିଲା। ଏହିପରି ବାଂଲାଦେଶ ୧୦୧ ରନ୍‌ରେ ମ୍ୟାଚ ଜିତିଥିଲା। ଏଥର ତାଇଜୁଲ ଇସଲାମ ବାଂଲାଦେଶ ପାଇଁ ପାଞ୍ଚଟି ଉଇକେଟ ନେଇଥିଲେ। ତାଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ ଆଖ୍ୟା ମଧ୍ୟ ଦିଆଯାଇଥିଲା।।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ